# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ସେପ୍ଟେମ୍ବର ୧୪/୨୦୨୨ (୧୪ ପୃଷ୍ଠା) | Berhampur, Wednesday, September 14/2022 Page 14 | ₹ 7.00 | ★★★

୧୮ଶ ଭାଗ ୨୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 18 ISSUE 227 | ମୂଲ୍ୟ ₹୭/-




**ପଦାର୍ପଣରେ ସିରାଜଙ୍କୁ ୫ ଉଇକେଟ ସଫଳତା**

ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜ ତାଙ୍କ କାଉଣ୍ଟି କ୍ରିକେଟ ପଦାର୍ପଣରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି।

୧୪

୧୦

**ଜେଣ୍ଡାୟା ଶ୍ରେଷ୍ଠ ଅଭିନେତ୍ରୀ**

ଚଳିତ ବର୍ଷ ଏମି ଆୱାର୍ଡ ସମାରୋହରେ ହଲିଉଡ୍ ଅଭିନେତ୍ରୀ ଜେଣ୍ଡାୟାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି।



# ଥାନାରେ ପୋଲିସକୁ ମାଡ଼

- ଗଞ୍ଜେଇ ଚାଲାଣ ମାମଲାରେ ଯୁବକ ଗିରଫ
- ଥାନାରେ ଆଦିବାସୀଙ୍କ ଭଙ୍ଗାରୁଜା

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୧୩।୯(ଡି.ଏନ୍.ଏ.)**

ଗଜପତି ଜିଲା ଅଡ଼ବା ଥାନାରେ ମଙ୍ଗଳବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ ଗିରଫଦାରିର ପ୍ରତିବାଦରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଥାନାରେ ପଶି ପୋଲିସକୁ ଅତର୍କିତ ଆକ୍ରମଣ କରିଛନ୍ତି। ଏଥିରେ ୮ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। କେବଳ ଏତିକି ନୁହେଁ, ଉକ୍ତ ଲୋକେ ଥାନାରେ ଭଙ୍ଗାରୁଜା କରିବା ସହ ନ୍ୟାୟ ଦାବିରେ ଧାରଣା ଦେଇଛନ୍ତି। ଅଡ଼ବା ଥାନା ଅନ୍ତର୍ଗତ ଝରଣାପୁର ଗ୍ରାମରେ ସୋମବାର ବିଳମ୍ବିତ ☞ ପୃଷ୍ଠା–୪



ଅଡ଼ବା ଥାନାରେ ଜଣେ ପୋଲିସ କର୍ମଚାରୀଙ୍କୁ ପିଟୁଛନ୍ତି ଗ୍ରାମବାସୀ।

## ୨୬ ଔଷଧ ବ୍ୟାନ୍

**ରାନ୍‌ଟାକ୍, ଜିନେଟାକ୍‌ରେ କ୍ୟାନ୍‌ସର ଆଶଙ୍କା**

**ନୂଆଦିଲ୍ଲୀ, ୧୩।୯**

ଜଣାଶୁଣା ଆଣ୍ଟାସିଡ୍ ସଲ୍ଟ ରାନିଟିଡିନ୍‌କୁ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ଔଷଧ ତାଲିକାରୁ ହଟାଇ ଦେଇଛନ୍ତି। ରାନ୍‌ଟାକ୍, ଜିନେଟାକ୍, ଆସିଲକ୍ ଆଦି ବ୍ରାଣ୍ଡ ଅଧୀନରେ ଏହା ବିକ୍ରି ହୋଇଥାଏ। ଏହି ଔଷଧ ସେବନ କଲେ କ୍ୟାନ୍‌ସର ଆଶଙ୍କା ଥିବାରୁ ସେଗୁଡ଼ିକୁ ନ୍ୟାଶନାଲ ଲିଷ୍ଟ ଅଫ୍ ଏସେନ୍ସିଆଲ୍ ମେଡିସିନ୍ (ଏନ୍‌ଏଲ୍‌ଇଏମ୍)ରେ ☞ ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଦୌଡ଼ିଲେ ଡାକ୍ତର**









**ସିକନ୍ଦରାବାଦ ଇ-ସ୍କୁଟର ଶୋ'ରୁମ୍‌ରେ ନିଆଁ**

# କଟକ ଦମ୍ପତିଙ୍କ ସମେତ ୮ ଦଗ୍ଧ

**କଟକ ଅଫିସ/ ସିକନ୍ଦରାବାଦ, ୧୩।୯**

ତେଲଙ୍ଗାନାର ସିକନ୍ଦରାବାଦସ୍ଥିତ ଏକ ଇଲେକ୍ଟ୍ରିକ୍ ସ୍କୁଟର ଶୋ'ରୁମ୍‌ରେ ସୋମବାର ବିଳମ୍ବିତ ରାତିରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡରେ ମୃତକଙ୍କ ମଧ୍ୟରେ ଏକ ଓଡ଼ିଆ ଦମ୍ପତି ରହିଛନ୍ତି। ସେମାନଙ୍କ ଘର କଟକ କାଫଲା ବଜାର ମହାନ୍ତିପଡ଼ାରେ ବୋଲି ଜଣାପଡ଼ିଛି।



ଚନ୍ଦନ ଜେଠୀ ଓ ମିତାଲି ମହାପାତ୍ର ଜେଠୀ

ମୃତ ଦମ୍ପତି ହେଲେ ଚନ୍ଦନ ଜେଠୀ (୩୦) ଓ ସ୍ତ୍ରୀ ମିତାଲି ମହାପାତ୍ର ଜେଠୀ। ଉଭୟଙ୍କ ମୃତଦେହକୁ ସେଠାକାର ଏକ ମେଡିକାଲରେ ରଖାଯାଇଛି। ମୃତ୍ୟୁ ଖବରପାଇବା ପରେ ଚନ୍ଦନଙ୍କ ବଡ଼ବାପା ପୁଅ ଭାଇ ଶୁଭମ୍ ଜେଠୀ ଏବଂ ମିତାଲିଙ୍କ ବାପା ସିକନ୍ଦରାବାଦ ଗସ୍ତ କରିଛନ୍ତି।

ପ୍ରକାଶ ଯେ, ଲାଲ୍‌ବାଗ ଥାନା ଅନ୍ତର୍ଗତ କାଫ୍‌ଲା ବଜାର ମହାନ୍ତିପଡ଼ାର ମନୋରଞ୍ଜନ ☞ ପୃଷ୍ଠା–୪




**ହଟ୍ ସ୍ପ୍ରିଙ୍ଗ୍ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ଶେଷ**

ପୂର୍ବ ଲଦାଖର ହଟ୍ ସ୍ପ୍ରିଙ୍ଗ୍ ଅଞ୍ଚଳରୁ ଭାରତ ଓ ଚାଇନା ସେମାନଙ୍କ ସୈନ୍ୟଙ୍କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ୧୬ତମ କର୍ପସ୍ କମାଣ୍ଡର ସ୍ତରୀୟ ବୈଠକ ପରେ ଗତ ୮ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗୋଗ୍ରା-ହଟ୍ ସ୍ପ୍ରିଙ୍ଗ୍‌ର ପାଟ୍ରୋଲିଂ ପଏଣ୍ଟ ୧୫ରୁ ଉଭୟ ପକ୍ଷ ସେମାନଙ୍କୁ ସୈନ୍ୟଙ୍କୁ ଫେରାଇ ନେବା ଲାଗି ଗତ ସପ୍ତାହରେ ଘୋଷଣା କରିଥିଲେ।

# ସୀମାରେ ରକ୍ତାକ୍ତ ସଂଘର୍ଷ

## ଆର୍ମେନିଆ-ଆଜରବୈଜାନ ପୁଣି ମୁହାଁମୁହିଁ

**ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଶେଷ ହେଉ ନ ଥିବାବେଳେ ତାଇୱାନ-ଚାଇନା ମଧ୍ୟରେ ଉତ୍ତେଜନା ବଢ଼ୁଛି। ଏହା ଭିତରେ ଅଶାନ୍ତ ହୋଇଉଠିଛି ମଧ୍ୟଏସିଆ। ନାଗୋର୍ନୋ-କାରାବାଖ୍ ବିବାଦୀୟ ଅଞ୍ଚଳକୁ ନେଇ ଦଶନ୍ଧି ଦଶନ୍ଧି ଧରି ଲାଗିଥିବା ସୀମା ବିବାଦ ପୁଣି ଭୟଙ୍କର ରୂପ ନେଇଛି। ଫଳରେ ସୀମାରେ ଦୁଇ ପଡ଼ୋଶୀ ସୈନ୍ୟଙ୍କ ମଧ୍ୟରେ ଆରମ୍ଭ ହୋଇଛି ରକ୍ତାକ୍ତ ସଂଘର୍ଷ। ଏଥିରେ ଆର୍ମେନିଆର ୪୯ ସୈନ୍ୟ ନିହତ ହୋଇଥିବା ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନ୍ କହିଛନ୍ତି। ଆର୍ମେନିଆ ପଟୁ ଆକ୍ରମଣର ଜବାବ ଦିଆଯାଉଥିବା ଆଜରବୈଜାନ କହିଛି। ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ଥର ପାଇଁ ପୂର୍ଣ୍ଣ ଯୁଦ୍ଧ ଆଶଙ୍କା ଘନେଇଛି। ଏପରି ସ୍ଥଳରେ ୟୁରୋପୀୟ ସଂଘ ସମେତ ବିଶ୍ୱ ସମୁଦାୟ ତୁରନ୍ତ ଅସ୍ତ୍ରବିରତି ଆହ୍ୱାନ ଦେଇଛନ୍ତି।**



### ୪୯ ଆର୍ମେନୀୟ ସୈନ୍ୟ ନିହତ

ବାକୁ/ୟୋରଭାନ୍, ୧୩।୯

ପ୍ରାୟ ୨ ବର୍ଷର ବ୍ୟବଧାନରେ ପୁଣି ଅଶାନ୍ତ ହୋଇପଡ଼ିଛି ଆର୍ମେନିଆ ଓ ଆଜରବୈଜାନ ସୀମା। ନାଗୋର୍ନୋ-କାରାବାଖ୍ ବିବାଦୀୟ ଅଞ୍ଚଳକୁ ନେଇ ମୁହାଁମୁହିଁ ହୋଇଛନ୍ତି ସୋଭିଏଟ୍ ସଂଘରୁ ଅଲଗା ହୋଇଥିବା ଏହି ଦୁଇ ପଡ଼ୋଶୀ। ଆକ୍ରମଣରେ ୪୯ ଆର୍ମେନୀୟ ସୈନ୍ୟ ନିହତ ହୋଇଥିବା ଏହାର ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନ୍ ମଙ୍ଗଳବାର ପାର୍ଲାମେଣ୍ଟରେ ସୂଚନା ଦେଇଛନ୍ତି। ଆର୍ମେନିଆର ଜର୍ମୁକ୍, ଗୋରିସ୍, କପାନ୍ ସମେତ ଅନେକ ସହରକୁ ଆଜରବୈଜାନ ଟାର୍ଗେଟ କରିଛି। ନାଗୋର୍ନୋ-କାରାବାଖ୍‌ର ବର୍ତ୍ତମାନ ସ୍ଥିତି ଉପରେ ବୁଝାମଣା ପାଇଁ ଆର୍ମେନିଆ ରାଜି ନ ହେବାରୁ ଆଜରବୈଜାନ ଆକ୍ରମଣ କରିଥିବା ସେ କହିଛନ୍ତି। ତେବେ ଆଜେରବାଇଜନ୍ ଏଥିପାଇଁ ଆର୍ମେନିଆକୁ ଦାୟୀ କରିଛି। ଆର୍ମେନିଆ ପ୍ରଥମେ ଆକ୍ରମଣ କରିବାରୁ ଆଜେରବାଇଜନ୍ ଆତ୍ମରକ୍ଷା କରୁଥିବା କହିଛି।

ଆମେରିକା, ରୁଷିଆ, ଇରାନ୍ ଆଦି ଦେଶ ସମେତ ୟୁରୋପୀୟ ସଂଘ ତୁରନ୍ତ ଅସ୍ତ୍ରବିରତି ପାଇଁ ନିବେଦନ କରିଛନ୍ତି। ଆର୍ମେନିଆ ଓ ଆଜରବୈଜାନ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଚିନ୍ତାଜନକ। ସାମରିକ ବଳ ଦ୍ୱାରା ବିବାଦର ସମାଧାନ ହୋଇପାରିବ ନାହିଁ ବୋଲି ଆମେରିକା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଯୁଦ୍ଧବିରତି ବୁଝାମଣା ପାଇଁ ଉଭୟ ପକ୍ଷ ଆଲୋଚନା କରନ୍ତୁ ବୋଲି ଆର୍ମେନିଆର ବନ୍ଧୁ ରାଷ୍ଟ୍ର ରୁଷିଆ କହିଛି। ଦୁଇ ପୂର୍ବ ସୋଭିଏଟ୍ ରାଷ୍ଟ୍ର ମଧ୍ୟରେ ବିବାଦ ଦୂର କରିବା ପାଇଁ ମସ୍କୋ ସବୁପ୍ରକାର ଚେଷ୍ଟା କରିବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ଦୁଇ ଦେଶ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ବାହାର କରିବାକୁ ସୀମାନ୍ତ ଦେଶ ଇରାନ୍ ନିବେଦନ କରିଛି। ୟୁରୋପୀୟ ୟୁନିୟନ(ଇୟୁ)ର ବିଦେଶ ନୀତି ମୁଖ୍ୟ ଜୋସେପ୍ ବୋରେଲ ପୂର୍ବ ଅସ୍ତ୍ରବିରତି ଚୁକ୍ତିକୁ ଉଭୟ ପକ୍ଷ ସମ୍ମାନ ଜଣାଇ ସଂଘର୍ଷ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। ସମାଧାନର ତ୍ୱରିତ ରାସ୍ତା ବାହାର କରିବାକୁ ଏକ ସ୍ୱତନ୍ତ୍ର ଇୟୁ ଟିମ୍ ସେଠାକୁ ଯାଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଆର୍ମେନିଆ ଆଜରବୈଜାନକୁ ଉସୁକାଉଥିବା ତୁର୍କୀ କହିଛି। ଏହା ବଦଳରେ ଆର୍ମେନିଆ ଅସ୍ତ୍ରବିରତି କରିବା ସହ ଶାନ୍ତି ଆଲୋଚନା ପାଇଁ ଆଗକୁ ଆସୁ ବୋଲି ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ମେଭ୍‌ଲୁଟ୍ କାଭୁସୋଲ୍‌ଗୁ କହିଛନ୍ତି।

### ବିବାଦ କ'ଣ




ଆର୍ମେନିଆ ଏବଂ ଆଜରବୈଜାନ ସୀମାକୁ ଲାଗିରହିଥିବା ନାଗୋର୍ନୋ-କାରାବାଖ୍ ଅଞ୍ଚଳକୁ କେନ୍ଦ୍ର କରି ୧୯୮୦ରୁ ଉଭୟ ଦେଶ ମଧ୍ୟରେ ବିବାଦ ଲାଗିରହିଛି। ଦୁଇ ଦେଶ ସୋଭିଏଟ୍ ସଂଘରେ ଥିବାବେଳେ ଆର୍ମେନିଆ ନାଗୋର୍ନୋ-କାରାବାଖର ପାଖ ଅଞ୍ଚଳକୁ କବ୍‌ଜା କରିଥିଲା। ଅନ୍ତର୍ଜାତୀୟ ସମୁଦାୟ ସେହି କ୍ଷେତ୍ରକୁ ଆଜରବୈଜାନର ବୋଲି ମାନିଥାନ୍ତି। ତେବେ ସେଠାରେ ବହୁସଂଖ୍ୟାରେ ଆର୍ମେନିଆ ନାଗରିକ ରହୁଥିବାରୁ ନାଗୋର୍ନୋ-କାରାବାଖକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବାକୁ ଚାହୁଁଛି। ଉକ୍ତ କ୍ଷେତ୍ରରେ ଆର୍ମେନିଆ ସପକ୍ଷବାଦୀ ଗୋଷ୍ଠୀକୁ ଆର୍ମେନିଆର ସମର୍ଥନ ରହିଛି। ଫଳରେ ଦୁଇ ଦେଶ ମଧ୍ୟରେ ଅନେକ ସମୟରେ ରକ୍ତାକ୍ତ ସଂଘର୍ଷ ହେଉଛି। ୨୦୨୦ରେ ଆର୍ମେନିଆ ଓ ଆଜରବୈଜାନ ମଧ୍ୟରେ ୬ ସପ୍ତାହ ଧରି ଯୁଦ୍ଧ ଲାଗି ରହିଥିଲା। ଏଥିରେ ଆଜରବୈଜାନ ପୁନଃ ନାଗୋର୍ନୋ-କାରାବାଖ୍‌ର ଉକ୍ତ କ୍ଷେତ୍ରକୁ ଫେରାଇନେଇଥିଲା। ସଂଘର୍ଷରେ ୬,୬୦୦ରୁ ଅଧିକ ଲୋକ ନିହତ ହୋଇଥିଲେ। ଅଦ୍ୟାବଧି ଉଭୟ ଦେଶ ମଧ୍ୟରେ ଲାଗି ରହିଥିବା ବିବାଦ ଯୋଗୁ ୩୦ ହଜାରରୁ ଊର୍ଦ୍ଧ୍ୱ ସାଧାରଣ ନାଗରିକଙ୍କ ଜୀବନ ଗଲାଣି।

### ପରସ୍ପର ଉପରେ ଦୋଷ ଲଦାଲଦି

ନାଗୋର୍ନୋ-କାରାବାଖ୍ ବିବାଦୀୟ ଅଞ୍ଚଳକୁ ନେଇ ୨୦୨୦ରେ ଆର୍ମେନିଆ-ଆଜରବୈଜାନ ମଧ୍ୟରେ ୬ ମାସର ସୀମା ସଂଘର୍ଷ ଅସ୍ତ୍ରବିରତି ପରେ ଥମିଥିବାବେଳେ ଏବେ ପୁଣି ସେହି ବିବାଦ ମୁଣ୍ଡ ଟେକିଛି। ମଙ୍ଗଳବାର ରାତିରେ ଉଭୟ ଦେଶ ପରସ୍ପରକୁ ରକେଟ, ମିଶାଇଲ ଆକ୍ରମଣ କରିଛନ୍ତି। ଆଜରବୈଜାନ ଜବରଦସ୍ତି ପଡ଼ୋଶୀ ଦେଶ ସୀମା ଭିତରକୁ ପଶିଆସିଥିବା ଆର୍ମେନିଆ କହିଛି। ସୋମବାର ରାତିରେ ଆଜେରବାଇଜାନ ପଡ଼ୋଶୀ ଦେଶ ସୀମା ଭିତରେ ପଶିବାକୁ ଉଦ୍ୟମ କରିବା ସହ ଅନେକ ସହରକୁ ଟାର୍ଗେଟ କରିଥିବା ଆର୍ମେନିଆ ଅଭିଯୋଗ ଆଣିଛି। ତେବେ ଆର୍ମେନିଆ ପ୍ରଥମେ ଆଜରବୈଜାନର ସେନା ଘାଟି ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଛି। କିଛି ଦିନ ହେଲା କ୍ରମାଗତ ଭାବେ ଏପରି କରି ଆର୍ମେନିଆ ଉସୁକାଉଛି ବୋଲି ଆଜେରବାଇଜାନ କହିଛି। ତେବେ ଆଜରବୈଜାନର ମୃତାହତ ସୈନ୍ୟଙ୍କ ସଂଖ୍ୟା ଓ ସାମରିକ କ୍ଷତି ବାବଦରେ ସୂଚନା ଦିଆଯାଇନାହିଁ।



ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନ୍

## ପୁଣି ଆଟୋର୍ନି ଜେନେରାଲ ହେବେ ମୁକୁଲ ରୋହତଗୀ



ନୂଆଦିଲ୍ଲୀ, ୧୩।୯

ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ପୁଣି ଭାରତର ଆଟର୍ନି ଜେନେରାଲ(ଏଜି) ହେବେ। ଅକ୍ଟୋବର ୧ରୁ ଏଜି ଭାବେ ସେ ଦ୍ୱିତୀୟ ପାଳି ଆରମ୍ଭ କରିବେ। ୨୦୧୭ ଜୁନ୍‌ରେ ୬୭ ବର୍ଷୀୟ ମୁକୁଲଙ୍କ କାର୍ଯ୍ୟକାଳ ସରିଥିଲା। ତାଙ୍କ ପରେ କେ. କେ. ବେଣୁଗୋପାଳ ଏଜି ହୋଇଥିଲେ। ବେଣୁଗୋପାଳଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ସେପ୍ଟେମ୍ବର ୩୦ରେ ଶେଷ ହେବ। ଏଜି ଭାବେ ୩ ବର୍ଷ ସମ୍ପୂର୍ଣ୍ଣ କରିବା ପରେ ୯୧ ବର୍ଷୀୟ ବେଣୁଗୋପାଳ ବୟସାଧିକ କାରଣରୁ ତାଙ୍କୁ ଅବସର ଦେବାକୁ ୨୦୨୦ରେ କେନ୍ଦ୍ରକୁ ଅନୁରୋଧ କରିଥିଲେ। ପୂର୍ବତନ ଏଜି ରୋହତଗୀ ପୂର୍ବରୁ ଅତିରିକ୍ତ ସଲିସିଟର ଜେନେରାଲ ଭାବେ କାର୍ଯ୍ୟ କରିଛନ୍ତି। କାର୍ଯ୍ୟକାଳ ପରେ ବି କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଅନ୍ୟ ସମ୍ବେଦନଶୀଳ ପ୍ରସଙ୍ଗରେ ମୁକୁଲଙ୍କ ସହ ବିଚାରବିମର୍ଶ କରୁଥିଲେ।

## ନର୍ସରି ଛାତ୍ରୀଙ୍କୁ ବଳାତ୍କାର: ବସ୍ ଡ୍ରାଇଭର୍ ଗିରଫ

ଭୋପାଳ, ୧୩।୯

ମଧ୍ୟପ୍ରଦେଶ ଭୋପାଳରେ ଜଣେ ସାଢ଼େ ୩ ବର୍ଷର ନର୍ସରି ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ସ୍କୁଲ ବସ୍ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ସ୍କୁଲରୁ ଘରକୁ ଫେରିବା ସମୟରେ ବସ୍ ଡ୍ରାଇଭର ଜଣକ ନାବାଳିକାଙ୍କୁ ବଳାତ୍କାର କରିଥିବା ଜଣାପଡ଼ିଛି। ଗୁପ୍ତାଙ୍ଗରେ ଯନ୍ତ୍ରଣା ଅନୁଭୂତ ହେବା ନେଇ ପୀଡ଼ିତା ମା'ଙ୍କୁ ଜଣାଇବା ସହ ବସ୍‌ରେ ଘଟିଥିବା ଘଟଣା କହିଥିଲେ। ସ୍କୁଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବା ପରେ ତାଙ୍କ ପରିବାର ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଡ୍ରାଇଭର ଏବଂ ଘଟଣା ସମୟରେ ବସ୍‌ରେ ଉପସ୍ଥିତ ଥିବା ମହିଳା ଆଟେଣ୍ଡାଣ୍ଟଙ୍କୁ ପୋଲିସ ଗିରଫ କରିଛି। ସ୍କୁଲ କର୍ତ୍ତୃପକ୍ଷ ଘଟଣାଟିକୁ ଚାପି ଦେବାକୁ ଚାହୁଁଥିବାବେଳେ ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ କଂଗ୍ରେସ ନେତା କେ.କେ. ମିଶ୍ରା ଘଟଣା ନେଇ ଭାଜପାକୁ ଦାୟୀ କରିଛନ୍ତି।

**ସଂକ୍ଷେପରେ**

## ଜେନିଫର ଲାର୍ସନ ହାଇଦ୍ରାବାଦରେ ଆମେରିକାର ନୂଆ କନ୍‌ସଲ୍ ଜେନେରାଲ



ହାଇଦ୍ରାବାଦ, ୧୩।୯: ହାଇଦ୍ରାବାଦରେ ଆମେରିକାର ନୂଆ କନ୍‌ସଲ ଜେନେରାଲ ଜେନିଫର ଲାର୍ସନଙ୍କୁ ବର୍ତ୍ତମାନର କନ୍‌ସଲ ଜେନେରାଲ ସ୍ୱାଗତ କରିଛନ୍ତି। ଜେନିଫର ପୂର୍ବରୁ ମୁମ୍ବାଇସ୍ଥିତ ଆମେରିକା କନସୁଲେଟ୍ ଜେନେରାଲଙ୍କ କାର୍ଯ୍ୟାଳୟରେ ଡେପୁଟି ପ୍ରିନ୍ସିପାଲ ଅଫିସର ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ଭାରତ ପାଇଁ ଆମେରିକାର କାର୍ଯ୍ୟକାରୀ ଉପ ସହକାରୀ ସଚିବ ଥିଲେ। ସେ ସୋମବାର ହାଇଦ୍ରାବାଦସ୍ଥିତ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ୫ ବର୍ଷ ହେଲା ଭାରତ-ଆମେରିକା ସମ୍ପର୍କ ବୃଦ୍ଧି ଦିଗରେ କାର୍ଯ୍ୟ କରୁଥିବା କହିଛନ୍ତି। ଏବେ ଏହି ସହଭାଗିତା ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାକୁ ବଢ଼ାଇବାର ସୁଯୋଗ ମିଳିଛି। ମିଳିତ ସମରାଭ୍ୟାସଠାରୁ ଆରମ୍ଭ କରି ବାଣିଜ୍ୟିକ ସମ୍ପର୍କ, ସାଂସ୍କୃତିକ ଭାବ ବିନିମୟ ଏବଂ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଭାରତ-ଆମେରିକା ସମ୍ପର୍କରେ ହାଇଦ୍ରାବାଦରେ ବୃଦ୍ଧି ପାଇଥିବା ଜେନିଫର କହିଛନ୍ତି।

## କୁତବ୍‌ମିନାର ମାଲିକାନା ଦାବି ଆବେଦନ ଉପରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ, ୧୩।୯ : କୁତବ୍‌ମିନାର ମାଲିକାନା ଦାବିକରି ନିଜକୁ ଆଗ୍ରା ରାଜପରିବାରର ଉତ୍ତରାଧିକାରୀ କହୁଥିବା ଜଣେ ବ୍ୟକ୍ତି କରିଥିବା ଆବେଦନ ଉପରେ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ରାୟ ସଂରକ୍ଷିତ ରଖିଛନ୍ତି। ସାକେତ୍ କୋର୍ଟର ଅତିରିକ୍ତ ଜିଲା ଜଜ୍ ଦିନେଶ କୁମାର ୧୭ ତାରିଖରେ ରାୟ ଶୁଣାଇବେ। କୁନୱାର ମହେନ୍ଦ୍ରଧ୍ୱଜ ପ୍ରସାଦ ସିଂ ନିଜକୁ ଆଗ୍ରା ସଂଯୁକ୍ତ ପ୍ରଦେଶର ଉତ୍ତରାଧିକାରୀ ଦାବି କରିବା ସହ ମୀରଟରୁ ଆଗ୍ରା ଅଞ୍ଚଳ ଉପରେ ଅଧିକାର ଚାହୁଁଛନ୍ତି। ସେ ଆଇନଜୀବୀ ଏମ୍.ଏଲ୍. ଶର୍ମାଙ୍କ ଜରିଆରେ କୋର୍ଟରେ ପିଟିଶନ ଦାଏର କରିଥିଲେ। ଆବେଦନକାରୀ ବେଶ୍ୱାନ ପରିବାରର ହୋଇଥିବାବେଳେ ସେ ନିଜକୁ ରାଜା ରୋହିଣୀ ରମଣ ଧ୍ୱଜ ପ୍ରସାଦ ସିଂଙ୍କ ଉତ୍ତରାଧିକାରୀ ଏବଂ ୧୬୯୫ରେ ଦେହାନ୍ତ ହୋଇଥବା ରାଜା ନନ୍ଦ ରାମଙ୍କ ବଂଶଜ ବୋଲି ଦାବି କରିଛନ୍ତି।

## ଅକ୍ସିଜେନ ଅଭାବଜନିତ ମୃତ୍ୟୁର ଅଡିଟ୍ ପାଇଁ ସୁପାରିସ

ନୂଆଦିଲ୍ଲୀ, ୧୩।୯(ପି.ଟି.): କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ବେଳେ ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ ଅଭାବରୁ ବହୁ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ରାଜ୍ୟଗୁଡ଼ିକ ସହଯୋଗରେ ଉକ୍ତ ମୃତ୍ୟୁର ଅଡିଟ୍ କରିବା ଲାଗି ସଂସଦୀୟ କମିଟି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସୁପାରିସ କରିଛି। ଅକ୍ସିଜେନ ଅଭାବରୁ କେତେ କୋଭିଡ୍ ରୋଗୀଙ୍କ ଜୀବନ ଯାଇଥିଲା, ତାହାର ରିପୋର୍ଟ ମନ୍ତ୍ରଣାଳୟ ନିକଟରେ ନ ରହିବା ଦୁର୍ଭାଗ୍ୟଜନକ ବୋଲି କମିଟି କହିଛି। ଅକ୍ସିଜେନ ଅଭାବଜନିତ କୋଭିଡ୍ ମୃତ୍ୟୁର ଅତ୍ୟନ୍ତ ସତର୍କତାର ସହ ଯାଞ୍ଚ କରି ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇଦେବା ଆବଶ୍ୟକ। ଏଥିପାଇଁ ସରକାରୀ ସଂସ୍ଥାଗୁଡ଼ିକ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ ହେବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଂସଦୀୟ କମିଟି କହିଛି। ସୋମବାର କମିଟି ଏହାର ୧୩୭ତମ ରିପୋର୍ଟ ରାଜ୍ୟ ସଭାରେ ଦାଖଲ କରିଛି। କୋଭିଡ୍ ପଜିଟିଭ୍ ମାମଲା ବୃଦ୍ଧି ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଅତ୍ୟଧିକ ଚାପ ପକାଇଥିବା ରିପୋର୍ଟରେ ଦର୍ଶାଯାଇଛି। କମିଟି ତାଙ୍କର ୧୨୩ତମ ରିପୋର୍ଟରେ ଅକ୍ସିଜେନ ସିଲିଣ୍ଡର ଏବଂ ହସ୍ପିଟାଲଗୁଡ଼ିକୁ ଅକ୍ସିଜେନ୍ ଯୋଗାଣର ସମ୍ଭାବ୍ୟ ଅଭାବ ସମ୍ପର୍କରେ ସତର୍କ କରାଇଥିଲେ। ଅଥଚ ମନ୍ତ୍ରଣାଳୟ ୨୦୨୦ରେ ଦେଇଥିବା ରିପୋର୍ଟରେ ହସ୍ପିଟାଲଗୁଡ଼ିକରେ ପର୍ଯ୍ୟାପ୍ତ ଅକ୍ସିଜେନ ରହିଥିବା ଦର୍ଶାଇବା ଦୁଃଖଦାୟକ ବୋଲି କମିଟି କହିଛି।

## ମହାରାଣୀଙ୍କ ଶେଷକୃତ୍ୟରେ ସାମିଲ ହେବନି ରୁଷିଆ

ଲଣ୍ଡନ, ୧୩।୯

ଲଣ୍ଡନରେ ସୋମବାର ଅନୁଷ୍ଠିତ ହେବାକୁ ଥିବା ବ୍ରିଟେନ୍ ସମ୍ରାଜ୍ଞୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଶେଷକୃତ୍ୟ କାର୍ଯ୍ୟକ୍ରମରେ ରୁଷିଆ, ମ୍ୟାନ୍‌ମାର ଓ ବେଲାରୁଷକୁ ନିମନ୍ତ୍ରଣ କରାଯାଇନାହିଁ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ କାରଣରୁ ବ୍ରିଟେନ ମସ୍କୋ ଉପରେ ପାଶ୍ଚାତ୍ୟ କଟକଣା ଲଗାଇଥିବାବେଳେ ଏହାର ମିତ୍ର ଦେଶ ବେଲାରୁଷକୁ ମଧ୍ୟ ମହାରାଣୀଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗ ଦେବାରୁ ବ୍ରିଟେନ୍ ବଞ୍ଚିତ କରିଛି। ଅନ୍ୟପଟେ ରୋହିଙ୍ଗ୍ୟା ସମ୍ପ୍ରଦାୟକୁ ନେଇ ଲଣ୍ଡନ ମ୍ୟାନ୍‌ମାର ଉପରେ ମଧ୍ୟ କଟକଣା ଲାଗୁ କରିଛି। ଲଣ୍ଡନରେ ହେବାକୁ ଥିବା ମହାରାଣୀଙ୍କ ଶେଷକୃତ୍ୟ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ୫୦୦ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବେ। ବିଶେଷ କରି ଯେଉଁ ରାଷ୍ଟ୍ର ସହ ବ୍ରିଟେନ୍‌ର ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ରହିଛି ସେହି ଦେଶର ମୁଖିଆଙ୍କୁ ନିମନ୍ତ୍ରଣ କରାଯାଇଥିବା ବିବିସି ପକ୍ଷରୁ ଜାରି ଖବରରେ ପ୍ରକାଶ ପାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ଏଥିରେ ଯୋଗ ଦେବେ। ତେବେ ଏହା ବ୍ରିଟେନ୍‌ର ଏକ ବିଶାଳ କୂଟନୈତିକ ସମାବେଶ ହେବାକୁ ଯାଉଥିବା ଚର୍ଚ୍ଚା ହେଉଛି।

## ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କୁ ଗାଳି କରି ଯୁବକ ଗିରଫ

ଲଣ୍ଡନ, ୧୩।୯: ବ୍ରିଟେନ୍ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଅନ୍ତିମ ଯାତ୍ରା ସମାରୋହ ଚାଲିଥିବାବେଳେ ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କୁ ଗାଳି କରିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମହାରାଣୀଙ୍କ କଫିନ୍ ପଛେ ପଛେ ବ୍ରିଟେନ୍ ବର୍ତ୍ତମାନର ରାଜା ଚାର୍ଲସ୍ ତୃତୀୟଙ୍କ ସମେତ ରାଜ ପରିବାରର ଅନ୍ୟ ସଦସ୍ୟ ଯାଉଥିବା ବେଳେ ଯୁବକ ଜଣଙ୍କ ରାଜକୁମାରଙ୍କୁ ଜୋର୍‌ରେ ପାଟି କରୁଥିବାର ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଆଣ୍ଡ୍ର୍ୟୁ, ତୁମେ ଜଣେ ରୁଗ୍‌ଣ ବୃଦ୍ଧ ବୋଲି ଯୁବକ ଜଣକ କହିଥିଲେ। ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେହି ସ୍ଥାନରୁ ହଟାଇ ପୋଲିସକୁ ହସ୍ତାନ୍ତର କରିଥିଲେ।




ତେଲଙ୍ଗାନାର ସିକନ୍ଦରାବାଦସ୍ଥିତ ଏକ ଇଲେକ୍ଟ୍ରିକ୍ ସ୍କୁଟର ଶୋ'ରୁମ୍‌ରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୮ ଜଣଙ୍କ ମୃତ୍ୟୁ ଘଟିଛି।

## ଆଉ ୮୬ ଅସ୍ତିତ୍ୱହୀନ ଦଳ ତାଲିକାରୁ ବାଦ୍

ନୂଆଦିଲ୍ଲୀ, ୧୩।୯(ପି.ଟି.)

ନିର୍ବାଚନ କମିଶନ (ଇସି) ଆଉ ୮୬ଟି ଅସ୍ତିତ୍ୱହୀନ ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ (ଆର୍‌ୟୁପିପି)ଙ୍କୁ ତାଲିକାରୁ ବାଦ୍ ଦେବା ଲାଗି ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ମିଶାଇ ମୋଟ ବାଦ୍ ପଡ଼ିଥିବା ଆର୍‌ୟୁପିପି ସଂଖ୍ୟା ୫୩୭ରେ ପହଞ୍ଚିଛି। ଏମାନେ ନିର୍ବାଚନୀ ନିୟମାବଳୀ ଅନୁପାଳନ କରିବାରେ ବିଫଳ ହୋଇଛନ୍ତି। ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ତଥା ନିର୍ବାଚନୀ ଗଣତନ୍ତ୍ରରେ ସ୍ୱଚ୍ଛତା ପାଇଁ ତୁରନ୍ତ ସଂଶୋଧନ ପଦକ୍ଷେପର ଆବଶ୍ୟକ ଥିଲା ବୋଲି ଇସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଥିସହିତ ୨୫୩ଟି ଆର୍‌ୟୁପିପିଙ୍କୁ ନିର୍ବାଚନ କମିଶନ ନିଷ୍କ୍ରିୟ ଘୋଷଣା କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଏହି ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଯାଞ୍ଚ କିମ୍ବା ଡାକ କର୍ତ୍ତୃପକ୍ଷଙ୍କଠାରୁ ପ୍ରାପ୍ତ ହୋଇ ନ ଥିବା ପତ୍ର/ନୋଟିସ ସମ୍ପର୍କିତ ରିପୋର୍ଟ ଆଧାରରେ ୮୬ଟି ପଞ୍ଜୀକୃତ ଅଣସ୍ୱୀକୃତ ଦଳର ଅସ୍ତିତ୍ୱ ନ ଥିବା ଜଣାପଡ଼ିବା ପରେ ସେଗୁଡ଼ିକୁ ତାଲିକାରୁ ବାଦ୍ ଦିଆଯାଇଛି। ଗତ ମେ' ୨୫ ଏବଂ ଜୁନ୍ ୨୦ରେ ଯଥାକ୍ରମେ ୮୭ ଏବଂ ୧୧୧ ଆର୍‌ୟୁପିପିଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। ସେହିପରି ବିଭିନ୍ନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ରିପୋର୍ଟ ଆଧାରରେ ନିୟମ ଅନୁପାଳନ କରି ନ ଥିବା ୨୫୩ ଆର୍‌ୟୁପିପିଙ୍କୁ ନିଷ୍କ୍ରିୟ ଦର୍ଶାଯାଇଛି।

## 'ନିର୍ବାଚନ ଲଢ଼ିବା ମୌଳିକ ଅଧିକାର ନୁହେଁ'

ନୂଆଦିଲ୍ଲୀ, ୧୩।୯(ପି.ଟି.)



ନିର୍ବାଚନ ଲଢ଼ିବା ମୌଳିକ ଅଧିକାର କିମ୍ବା ସାଧାରଣ ଆଇନଗତ ଅଧିକାର ନୁହେଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ରାଜ୍ୟ ସଭା ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲ କରିଥିବା ଜଣେ ଆବେଦନକାରୀଙ୍କ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଜଣେ ନିର୍ବାଚନ ଲଢ଼ିବାକୁ ତାଙ୍କର ଅଧିକାର ଭାବେ ଦାବି କରିପାରିବେ ନାହିଁ ବୋଲି ଅଦାଲତ ମତ ଦେବାବେଳେ କହିଥିଲେ, ଜନପ୍ରତିନିଧି ଆଇନ, ୧୯୫୦ ଏବଂ ନିର୍ବାଚନ ପରିଚାଳନା ନିୟମାବଳୀ, ୧୯୬୧ ଅନୁଯାୟୀ ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀଙ୍କ ନାମ ପ୍ରସ୍ତାବକୁ ବିଚାର କରାଯିବା ବ୍ୟବସ୍ଥା ରହିଛି। ୨୦୨୨ ରାଜ୍ୟ ସଭା ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲ କରିଥିବା ଆବେଦନକାରୀ ତାଙ୍କ ପ୍ରାର୍ଥିତ୍ୱ ଉପରେ ନିଷ୍ପତ୍ତି ନେବା ଲାଗି ପୂର୍ବରୁ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଜୁନ୍ ୧୦ ରାୟରେ ଉକ୍ତ ପିଟିଶନକୁ ଖାରଜ କରିଦେବା ପରେ ଆବେଦନକାରୀ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପିଟିଶନ ଅନୁଯାୟୀ ରାଜ୍ୟ ସଭା ନିର୍ବାଚନ ଲାଗି ଚଳିତ ବର୍ଷ ମେ' ୧୨ରେ ବିଜ୍ଞପ୍ତି ଜାରି ହୋଇଥିଲା ଓ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ମେ' ୩୧ ଥିଲା। ଆବେଦନକାରୀ ନାମାଙ୍କନ ଫର୍ମ ସଂଗ୍ରହ କରିଥିଲେ ହେଁ ସେଥିରେ ଉପଯୁକ୍ତ ପ୍ରସ୍ତାବକ ନ ଥିବାରୁ ତାଙ୍କୁ ନାମାଙ୍କନ ପତ୍ର ଦାଖଲ ପାଇଁ ଅନୁମତି ମିଳି ନ ଥିଲା। ଏହାଦ୍ୱାରା ତାଙ୍କର ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥିବା ଆବେଦନକାରୀ ଅଭିଯୋଗ କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୪୪,୯୭,୧୬୦ | ୬୫,୧୮,୫୭୧ | ୫୯,୩୪,୯୦,୭୫୨ |
| ଭାରତ | ୪,୪୫,୦୪,୯୪୯ | ୫,୨୮,୧୮୫ | ୪,୩୯,୩୦,୪୧୭ |
| ଓଡ଼ିଶା | ୧୩,୩୦,୫୯୩ | ୯୧୮୫(+୫୩) | ୧୩,୧୯,୯୪୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worllometers.info/coronavirus/ ଏବଂ ଓଡ଼ିଶା ସରକାର



**ସଂକ୍ଷେପରେ**

## ପ୍ରଫେସର ଚକ୍ରଧର ତ୍ରିପାଠୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି



କୋରାପୁଟ,(ସ୍ୱ.ପ୍ର.)/ଭୁବନେଶ୍ୱର, ୧୩।୯(ବ୍ୟୁରୋ): କୋରାପୁଟ ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ ନିଯୁକ୍ତି ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପ୍ରଫେସର ତ୍ରିପାଠୀଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ମଙ୍ଗଳବାର ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟର ସୂଚନାନୁସାରେ, ପ୍ରଫେସର ତ୍ରିପାଠୀ ଯେବେଠାରୁ କାର୍ଯ୍ୟଭାର ଗ୍ରହଣ କରିବେ, ସେବେଠାରୁ ୫ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ। ସମ୍ପ୍ରତି ପ୍ରଫେସର ତ୍ରିପାଠୀ ପଶ୍ଚିମବଙ୍ଗର ବିଶ୍ୱଭାରତୀ, ଶାନ୍ତିନିକେତନରେ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଜୁଲାଇ ୨୯ରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମଙ୍କ ଦେହାନ୍ତ ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ପ୍ରଫେସର ଶରତ କୁମାର ପଲିତା ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ତୁଲାଉଥିଲେ।

## ବସ୍ତା ବିଧାୟକଙ୍କୁ ହତ୍ୟା ଧମକ



ନିତ୍ୟାନନ୍ଦ ସାହୁ

**ବସ୍ତା,୧୩।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀ ବିଧାୟକ ନିତ୍ୟାନନ୍ଦ ସାହୁଙ୍କୁ ହତ୍ୟା ଧମକ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ସାରା ଜିଲାରେ ଏହା ଚର୍ଚ୍ଚା ବିଷୟ ପାଲଟିଛି। ଏ ସଂକ୍ରାନ୍ତରେ ବିଧାୟକ ସାହୁ ଏସ୍‌ପି ସୁଧାଂଶୁ ମିଶ୍ରଙ୍କୁ ଅବଗତ କରାଇଛନ୍ତି। ବିଧାୟକ ସାହୁଙ୍କ ମୋବାଇଲକୁ ମଙ୍ଗଳବାର ସକାଳ ୮ଟା ବେଳେ ଏକ ଧମକପୂର୍ଣ୍ଣ ଫୋନ (ନଂ. ୮୦୯୩୮୯୯୦୮୮) କଲ୍ ଆସିଥିଲା। ଟଙ୍କା ନ ଦେଲେ ସୁପାରୀ କିଲର ସମେତ ୩ଜଣ କାର୍‌ରେ ଆସି ତାଙ୍କୁ ହତ୍ୟା କରିବେ ବୋଲି ଧମକ ମିଳିଥିଲା। ବିଧାୟକ ସାହୁ ଏସ୍‌ପିଙ୍କୁ ଜଣାଇବା ପରେ ପୋଲିସ ଏହାର ପ୍ରାଥମିକ ତଦନ୍ତ କରିଥିଲା। ଏହି ଫୋନ କଲ୍ ଯାଜପୁର ଅଞ୍ଚଳରୁ ଆସିଥିବା ପୋଲିସ ଜାଣିବା ପରେ ଯାଜପୁର ପୋଲିସକୁ ଜଣାଇଥିଲା। ଏହି ଘଟଣାର ଅନୁସନ୍ଧାନ କରି ସମ୍ପୃକ୍ତି ସନ୍ଦେହରେ ୩ ଜଣଙ୍କୁ ଅଟକ ରଖି ଯାଜପୁର ପୋଲିସ ପଚରାଉଚୁରା କରୁଥିବା ସୂଚନା ମିଳିଛି।



‘ଧରିତ୍ରୀ’ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ‘ଅତୁଲ୍ୟ ନୋବେଲ-୨୦୨୧’କୁ ଉନ୍ମୋଚନ କରୁଛନ୍ତି ‘ଧରିତ୍ରୀ’ ଓ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ। (ବାମରୁ) ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ବରିଷ୍ଠ ପ୍ରଧାନ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାସ, ପୁସ୍ତକର ଅନ୍ୟତମ ଲେଖକ ତଥା ‘ଧରିତ୍ରୀ’ର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ଏମ୍‌ସ ଭୁବନେଶ୍ୱରର ସହକାରୀ ପ୍ରଫେସର ତଥା ପୁସ୍ତକର ଅନ୍ୟତମ ସମ୍ପାଦକ ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଫେସର ତଥା ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ମହାନ୍ତି ଏବଂ ‘ଧରିତ୍ରୀ’ ଓ ‘ଓଡ଼ିଶା ପୋଷ୍ଟ’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉପସ୍ଥିତ ଅଛନ୍ତି।

## ଜଳୁଛି ପିଡିଏସ୍ ଚାଉଳ

■ ହିତାଧିକାରୀ କହିଲେ ପ୍ଲାଷ୍ଟିକ ଚାଉଳ

ସମ୍ବଲପୁର,୧୩।୯(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଡଙ୍ଗରପଡା ପଞ୍ଚାୟତର ହିତାଧିକାରୀ ବୁଧୁ ପ୍ରଧାନ, ଶ୍ରୀମତୀ ମିଞ୍ଜ, ସକୁନ୍ତଳା ନାଏକ ପିଡିଏସ୍‌ରେ ପାଇଥିବା ଚାଉଳ ପ୍ଲାଷ୍ଟିକ ବୋଲି ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ପଞ୍ଚାୟତରୁ ୨୦କେଜି ଚାଉଳ ନେଇ ଘରକୁ ଆସିଥିଲୁ। ଚାଉଳର ରଙ୍ଗ ଓ ଆକାର ଦେଖିବାକୁ ଭିନ୍ନ ଥିଲା। ତେଣୁ ଏହା ସାଧାରଣ ଚାଉଳ କି ନୁହେଁ ମନରେ ପ୍ରଶ୍ନ ଆସିଥିଲା। ଦିଆସିଲ ମାରି ନିଆଁ ଲଗାଇବାରୁ ଏହି ଚାଉଳ ପୋଡ଼ିଯାଇଥିଲା। ଏଣୁ ଏହା ପ୍ଲାଷ୍ଟିକ ବୋଲି ସନ୍ଦେହ ହେଉଛି। ଏ ନେଇ ପଞ୍ଚାୟତ ଅଫିସରେ ବଣ୍ଟନ କରୁଥିବା ଅଧିକାରୀ କହିଥିଲେ, ସରକାର ଏଭଳି ଚାଉଳ ଦେଇଛନ୍ତି, ତମକୁ ନେବାକୁ ପଡ଼ିବ। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି ଯେ, ପିଡିଏସ୍ ଚାଉଳରେ ଭିଟାମିନ ଯୁକ୍ତ ଚାଉଳ ମିଶ୍ରଣ କରାଯାଇ ବଣ୍ଟନ କରାଯାଉଛି। ଲୋକମାନେ ଏଭଳି ଚାଉଳକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। ସରକାର ଲୋକଙ୍କ ହିତ ପାଇଁ ଅଧିକ ଦାମ୍ ଦେଇ ଚାଉଳ କିଣୁଛନ୍ତି। ଆଗକୁ ଏ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

# ଶ୍ରମିକ କ୍ୟାମ୍ପରେ ମାଡ଼ିଗଲା ହାଇୱା: ୨ ମୃତ

**ଗାଡ଼ି ଚାଳକ ଗିରଫ**

ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୧୩।୯ (ସ୍ୱ.ପ୍ର.)

୧୬ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିର ନିକଟରେ ମଙ୍ଗଳବାର ଭୋର ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଡ୍ରେନେଜ୍ କାମରେ ନିୟୋଜିତ ଶ୍ରମିକଙ୍କ ଅସ୍ଥାୟୀ କ୍ୟାମ୍ପ ଉପରେ ବାଲି ବୋଝେଇ ହାଇୱା ମାଡ଼ିଯିବାରୁ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଦୁଇ ମୃତକ ହେଲେ ମଧ୍ୟପ୍ରଦେଶର ଅଲ୍‌ଫାଜ ମହମ୍ମଦ(୩୨) ଓ ଝାଡ଼ଖଣ୍ଡର ପ୍ରମୋଦ ସାହା(୩୦)। ସୂଚନା ଅନୁଯାୟୀ, ଡିବିଏଲ୍ କମ୍ପାନୀ ପକ୍ଷରୁ ଜାତୀୟ ରାଜପଥରେ ଡ୍ରେନେଜ କାମ ପାଇଁ ଠିକାଦାର ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶରୁ ଶ୍ରମିକମାନଙ୍କୁ ଆଣି କାମରେ ନିୟୋଜିତ କରିଥିଲେ। ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ଉକ୍ତ ସ୍ଥାନରେ ରହି କାମ କରୁଥିଲେ। କାର୍ଯ୍ୟ ସମୟରେ ଖରାରୁ ବିଶ୍ରାମ ନେବା ଓ କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଜିନିଷପତ୍ର ରଖିବା ପାଇଁ ରାଜପଥ ପାର୍ଶ୍ୱରେ ଏକ ଅସ୍ଥାୟୀ କ୍ୟାମ୍ପ ତିଆରି କରାଯାଇଥିଲା। ମଙ୍ଗଳବାର ଭୋର ୪ଟାରେ ଅଲ୍‌ଫାଜ ଓ ପ୍ରମୋଦ ସେମାନଙ୍କ ନିତ୍ୟକର୍ମ ସାରି ଅସ୍ଥାୟୀ କ୍ୟାମ୍ପରେ କିଛି ସମୟ ପାଇଁ ଶୋଇପଡ଼ିଥିଲେ। ଏହି ସମୟରେ କଟକ ଆଡୁ ଦ୍ରୁତଗତିରେ ଆସୁଥିବା ହାଇୱା (ନଂ.ଓଡି ୦୧ଏପି୦୦୭୮) ଡିଭାଇଡର ଭାଙ୍ଗି ଉକ୍ତ କ୍ୟାମ୍ପ ଉପରେ ମାଡ଼ିଯାଇଥିଲା। ଭିତରେ ଶୋଇଥିବା ଅଲ୍‌ଫାଜଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଦମକଳ ବାହିନୀ ସହାୟତାରେ ଗୁରୁତର ଅବସ୍ଥାରେ ପ୍ରମୋଦଙ୍କୁ ଉଦ୍ଧାର କରାଯାଇ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ସଙ୍କଟାପନ୍ନ ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପ୍ରମୋଦଙ୍କ ମୃତ୍ୟୁ ଘଟିଛି। ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ସହ ଚାଳକ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ବିକାଶ ସାହୁଙ୍କୁ ଗିରଫ କରିଛି। ଏନେଇ ଏକ ମାମଲା (ନଂ. ୩୨୮/୨୨) ରୁଜୁ କରାଯାଇଥିବା ଥାନାଧିକାରୀ ଅମିତାଭ ଦାଶ କହିଛନ୍ତି। ବ୍ୟବଚ୍ଛେଦ ପରେ ୨ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



କ୍ୟାମ୍ପ ଉପରେ ମାଡ଼ିଯାଇଥିବା ହାଇୱା।

## ଓଡ଼ିଶାରେ ପିବିସିଆର୍ ପ୍ରତିଷ୍ଠା କରିବାକୁ ସୁପାରିସ

ନୂଆଦିଲ୍ଲୀ,୧୩।୯

ଓଡ଼ିଶାର ଗ୍ରାମାଞ୍ଚଳରେ ପପୁଲେଶନ ବେସ୍‌ଡ କ୍ୟାନ୍‌ସର ରେଜିଷ୍ଟ୍ରି(ପିବିସିଆର୍) ସ୍ଥାପନ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଂସଦୀୟ ଷ୍ଟାଣ୍ଡିଂ କମିଟି ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ ଇନ୍‌ଫରମେଟିକ୍ସ ଆଣ୍ଡ ରିସର୍ଚ୍ଚକୁ ପ୍ରସ୍ତାବ ଦେଇଛନ୍ତି। ପିବିସିଆର୍ ପ୍ରତିଷ୍ଠା ହେଲେ ଗ୍ରାମାଞ୍ଚଳରେ କେତେ କ୍ୟାନ୍‌ସର ପୀଡ଼ିତ ପଞ୍ଜୀକୃତ ହୋଇଛନ୍ତି ତାହା ଜଣାପଡ଼ିଯିବ ବୋଲି କମିଟି କହିଛି। ଦେଶରେ ୧୯୮୨ରୁ ନ୍ୟାଶନାଲ କ୍ୟାନ୍‌ସର ରେଜିଷ୍ଟ୍ରି ପ୍ରୋଗ୍ରାମ୍(ଏନ୍‌ସିଆର୍‌ପି) କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ହସ୍ପିଟାଲ୍‌ର କ୍ୟାନ୍‌ସର ରେଜିଷ୍ଟ୍ରିରେ ପୀଡ଼ିତଙ୍କ ସମ୍ପର୍କରେ ତଥ୍ୟ ରହିବାର ନିୟମ ରହିଛି। ହେଲେ ପରିତାପର ବିଷୟ ମାତ୍ର ୧୦% ପୀଡ଼ିତଙ୍କ ନାମ ପିବିସିଆରରେ ପଞ୍ଜୀକୃତ ହୋଇଛି। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ପିବିସିଆର୍ ପ୍ରତିଷ୍ଠା କରାଗଲେ ଦେଶରେ କେତେ ସଂଖ୍ୟକ କ୍ୟାନ୍‌ସର ପୀଡ଼ିତ ଅଛନ୍ତି, ତାହା ଜଣାପଡ଼ିଯିବ ବୋଲି କମିଟି କହିଛନ୍ତି। ସେହିପରି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଏବଂ ତେଲଙ୍ଗାନା ଭଳି ରାଜ୍ୟରେ ଅଧିକରୁ ଅଧିକ ରୋଗୀଙ୍କ ତଥ୍ୟ ପଞ୍ଜୀକୃତ ହେଉ ନ ଥିବାରୁ ଏହାର ଗ୍ରାମାଞ୍ଚଳଗୁଡ଼ିକରେ ମଧ ଅଧିକ ପିବିସିଆର ପ୍ରତିଷ୍ଠା କରିବାକୁ କମିଟି ପ୍ରସ୍ତାବ ଦେଇଛି। ପିବିସିଆର୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଗଲେ କ୍ୟାନ୍‌ସର ଚିକିତ୍ସା ପାଇଁ କେବଳ ଉତ୍ତମ ବ୍ୟବସ୍ଥା ଉପଲବ୍ଧ ହୋଇପାରିବ ତାହା ନୁହେଁ, ବରଂ କ୍ୟାନ୍‌ସର ଚିକିତ୍ସା ସେବା ଠିକ୍‌ଭାବେ ଯୋଗାଇ ଦିଆଯାଇପାରିବ। ଷ୍ଟାଣ୍ଡିଂ କମିଟି ମଙ୍ଗଳବାର କ୍ୟାନ୍‌ସର କେୟାର ପ୍ଲାନ ଆଣ୍ଡ ମ୍ୟାନେଜ୍‌ମେଣ୍ଟ: ପ୍ରିଭେନ୍‌ଶନ, ଡାଇଗ୍ନୋସିସ୍, ରିସର୍ଚ୍ଚ ଆଣ୍ଡ ଆଫର୍ଡେବିଲିଟି ରିପୋର୍ଟ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ପ୍ରଦାନ କରିଛି।

## ଅଗ୍ନିଶମ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ଢେଙ୍କାନାଳ ଅଫିସ, ୧୩।୯



ମୃତ ଫାୟାରମ୍ୟାନ ଜୟନ୍ତ ଧାରୁଆ।

ଡ୍ୟୁଟି ସରିବା ପରେ ସହକର୍ମୀଙ୍କ ସହ ଛାତ ଉପରେ ଖେଳୁଥିଲେ କ୍ୟାରେମ୍। ଖେଳ ମଝିରୁ ହଠାତ୍ ଉଠିଆସିଲେ ଏବଂ ଏହାର କିଛି ସମୟ ପରେ ଚଟାଣରୁ ମିଳିଲା ରକ୍ତ ଜୁଡୁବୁଡୁ ଶରୀର। ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ କର୍ମଚାରୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେତେବେଳକୁ ଉଡ଼ିଯାଇଥିଲା ତାଙ୍କର ପ୍ରାଣବାୟୁ। ଢେଙ୍କାନାଳ ଜିଲା ଗଁଦିଆ ଅଗ୍ନିଶମ କେନ୍ଦ୍ର ପରିସରରେ ସୋମବାର ବିଳମ୍ବିତ ରାତିରେ ଜଣେ ଫାୟାର ମ୍ୟାନ୍‌ଙ୍କ ଏଭଳି ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଜୟନ୍ତ ଧାରୁଆ। ତାଙ୍କ ଘର ବଲାଙ୍ଗୀର ଜିଲା ଲୋରମା ଅଞ୍ଚଳରେ। ପାରିବାରିକ ଅଶାନ୍ତିକୁ ନେଇ ସେ ଚିନ୍ତାଗ୍ରସ୍ତ ରହୁଥିଲେ। ତେଣୁ ମାନସିକ ଭାରସାମ୍ୟ ହରାଇ ସେ ଛାତରୁ ଡେଇଁ ପଡ଼ିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଆତ୍ମହତ୍ୟା କି ନୁହେଁ, ତାହା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ସତ୍ୟବ୍ରତ ଭୂତିଆ କହିଛନ୍ତି। ଗଁଦିଆ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଅକ୍ଷୟ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଜୟନ୍ତ ଦେଢ଼ବର୍ଷ ତଳେ ଏଠାରେ ଯୋଗଦେଇଥିଲେ। କିଛିଦିନ ହେଲା ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା। ସେ ବ୍ୟତିବ୍ୟସ୍ତ ରହୁଥିଲେ। ସୂଚନା ପାଇ ଗଁଦିଆ ଥାନା ପୋଲିସ ଘଟଣାସ୍ଥଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ଜୟନ୍ତଙ୍କ ବାପା ଦୈତାରୀ ଧାରୁଆଙ୍କ ଜିମା ଦିଆଯାଇଛି।

## ଓଡ଼ିଶା ସମେତ ୫ ରାଜ୍ୟର ୮ ଖଣି ନିଲାମ ହେଲା

**ଗଚ୍ଛିତ ରହିଛି ୨୧୫୭.୪୮ ନିୟୁତ ଟନ୍ କୋଇଲା**

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ଓଡ଼ିଶାର ୨ଟି ଖଣି ସମେତ ଦେଶର ୫ ରାଜ୍ୟରେ ଥିବା ୮ଟି କୋଇଲା ଖଣି ନିଲାମ ହୋଇଛି। କୋଇଲା ମନ୍ତ୍ରଣାଳୟ ଦ୍ୱାରା ମଙ୍ଗଳବାର ଏସବୁ ଖଣିର ଇ- ନିଲାମ କରାଯାଇଛି । ଓଡ଼ିଶାର ୨ଟି ହେଲା- ରାମପିଆ ଏବଂ ରାମପିଆ ଡିପ୍ ସାଇଡ୍ କୋଇଲା ଖଣି । ଏହି ୮ଟି ମଧ୍ୟରୁ ୫ଟି ଖଣିରୁ ସମ୍ପୂର୍ଣ୍ଣ ଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯିବ ଏବଂ ତିନୋଟି ଖଣିରୁ ଆଂଶିକ ଭାବେ ଉତ୍ତୋଳନ କରାଯିବ । ଏହି ୮ଟି ଖଣିରେ ମୋଟ୍ ୨୧୫୭.୪୮ ନିୟୁତ ଟନ୍ କୋଇଲା ଗଚ୍ଛିତ ରହିଛି । ଏସବୁ ଖଣିର ସର୍ବାଧିକ ସଞ୍ଚୟ କ୍ଷମତା (ପିଆରସି) ବାର୍ଷିକ ୧୯.୩୧ ନିୟୁତ ଟନ୍ (ଏମ୍‌ଟିପିଏ) ବୋଲି ଜଣାପଡ଼ିଛି। ଛତିଶଗଡ଼ର ସୁରସା କୋଇଲା ଖଣିକୁ ମଧ୍ୟଭାରତ ମିନେରାଲ ପ୍ରାଇଭେଟ୍‌କୁ ମିଳିଥିବା ବେଳେ ମହାରାଷ୍ଟ୍ରର ଦାହେଗାଓଁ/ମକର୍ଦ୍ଦୋକ୍ରା ଖଣିକୁ ଆଭାସା ଫେରୋ ଆଲଏଜ୍ ପ୍ରାଇଭେଟ୍ ଲିମିଟେଡ, ଝାଡ଼ଖଣ୍ଡର ବସନ୍ତପୁରକୁ ଗଙ୍ଗାରାମଛକ ମାଇନିଂ ପ୍ରାଇଭେଟ୍ ଲିମିଟେଡ, ମଧ୍ୟପ୍ରଦେଶର ବାନ୍ଧଉତ୍ତକୁ ଜୟପ୍ରକାଶ ପାୱାର ଭେଞ୍ଚର୍ସ ଲିମିଟେଡ, ମହାରାଷ୍ଟ୍ର ମରକୀ-ମଙ୍ଗଲି-ଆଇଭିକୁ ସୌଭାଗ୍ୟ ମର୍ସାଣ୍ଟାଇଲ ଲିମିଟେଡ, ଝାଡ଼ଖଣ୍ଡ ଜିତପୁରକୁ ଟେରି ମାଇନିଂ ପ୍ରାଇଭେଟ୍ ଲିମିଟେଡ ଏବଂ ଓଡ଼ିଶାର ରାମପିଆ ଏବଂ ରାମପିଆ ଡିପ୍ ସାଇଡ୍‌କୁ ଝାର ମିନେରାଲ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡ ନିଲାମ ନେଇଛି।

## ଗଞ୍ଜେଇ ବଦଳରେ ମିଳିଲା ୩୩ ଲକ୍ଷ

■ ବସ୍‌ରେ ଅବକାରୀ ଚଢ଼ାଉ

■ ବଙ୍ଗାଳୀ ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୧୩।୯

ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁର ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଯାଞ୍ଚ କରାଯାଇଥିଲା। ଉକ୍ତ ବସ୍ ପଛ ସିଟ୍‌ରେ ବସିଥିବା ଜଣେ ବ୍ୟକ୍ତିଙ୍କ ବ୍ୟାଗକୁ ସନ୍ଦେହରେ ଯାଞ୍ଚ କରାଯାଇଥିଲା। ତାଙ୍କଠାରୁ ୩୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିଥିଲା। ସେହି ବ୍ୟକ୍ତିଙ୍କ ଘର ମେଦିନୀପୁର ହୋଇଥିବା ବେଳେ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ସେ କଟକ ଯାଉଥିବା କହିଥିଲେ। ଅବକାରୀ ବିଭାଗ ତୁରନ୍ତ ଏନେଇ ବୈଦ୍ୟନାଥପୁର ଥାନାକୁ ଜଣାଇଥିଲା। ପୋଲିସ ସେହି ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ତାଙ୍କଠାରୁ ୩୩ଲକ୍ଷ ୭୦ ହଜାର ୫୦୦ଟଙ୍କା ପୋଲିସ ଜବତ କରିଥିବା ସୂଚନା ମିଳିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କୌଣସି ଏକ ଶୋ’ରୁମ୍‌ରୁ ଏହି ଟଙ୍କା ଆଣିଥିବା କହୁଥିବା ବେଳେ ସେ କେଉଁ ଶୋ’ରୁମ୍‌ରୁ ଟଙ୍କା ଆଣିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି ବୋଲି ଏସ୍‌ପି ଡ. ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅଗଷ୍ଟ ୯ରେ ସମାନ ଢଙ୍ଗରେ ଅବକାରୀ ବିଭାଗ ଧରପଗଡ଼ ବେଳେ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଏକ ଯାତ୍ରୀବାହୀ ବସ୍‌ରୁ ଜଣେ ବ୍ୟକ୍ତିଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଭର୍ତ୍ତି ବ୍ୟାଗ୍ ମିଳିଥିଲା। ଅବକାରୀ ବିଭାଗ ବୈଦ୍ୟନାଥପୁର ଥାନାକୁ ସେହି ଟଙ୍କା ଏବଂ ବ୍ୟକ୍ତିକୁ ହସ୍ତାନ୍ତର କରିଥିଲା। ପୋଲିସ ତଦନ୍ତରୁ ବଡ଼ବଜାରର ଜଣେ ଗହଣା ବ୍ୟବସାୟୀଙ୍କୁ ସୁନା ବିକି ସେ ଏହି ଟଙ୍କା ନେଇ କଟକ ଯାଉଥିବା କହିଥିଲେ। ପୋଲିସ ଉକ୍ତ ଗହଣା ଦୋକାନରେ ଚଢ଼ାଉ କରି ପ୍ରାୟ ୨କେଜିର ସୁନା ବିସ୍କୁଟ୍ ଜବତ କରିଥିଲା। ତେବେ ଜବତ ସୁନା ଚୋରାଚାଲାଣ ହୋଇଥିଲା ନା ବ୍ୟବସାୟୀ ଜଣକ ଟିକସ୍ ଫାଙ୍କିଥିଲେ, ସେନେଇ ତଦନ୍ତ ଭାର ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା।

# ପୋଲିସ-ବିସ୍ଥାପିତ ଧସ୍ତାଧସ୍ତି

**ସମଲେଇ ଯୋଜନାରେ ଘର ଉଚ୍ଛେଦ ବେଳେ ଅଭାବନୀୟ ସ୍ଥିତି**

ସମ୍ବଲପୁର,୧୩।୯(ବ୍ୟୁରୋ)

ସମ୍ବଲପୁର ସମଲେଇ ଯୋଜନାରେ ବିସ୍ଥାପିତ ଓ ପୋଲିସ ମଙ୍ଗଳବାର ଧସ୍ତାଧସ୍ତି ହୋଇଛନ୍ତି। ସହରର ଘୁନଘୁଟିପଡାରେ ୩ ଘର ଉଚ୍ଛେଦ କରିବା ସମୟରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ପୋଲିସ ବିସ୍ଥାପିତଙ୍କୁ ଗୋଡ଼ାଇ ଗୋଡ଼ାଇ କାବୁ କରି ନେଇଥିଲେ ହେଁ ପୁଣି ସେମାନେ ଆସି ଜିଲାପାଳଙ୍କ ଅଫିସ ଘେରାଉ କରିଥିଲେ। ସକାଳ ୮ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଜିଲାପାଳଙ୍କ ଅଫିସକୁ ଧସେଇ ପଶିବା ବେଳେ ପୋଲିସ ସେମାନଙ୍କୁ ବଳପୂର୍ବକ ଅଟକାଇଥିଲା। ଏହି ଘଟଣାରେ ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ ଆହତ ହୋଇଥିଲେ। ସେହିପରି ଆନ୍ଦୋଳନକାରୀଙ୍କ ମଧ୍ୟରେ ପିଙ୍କି ବିଭାର ଓ ସାଲିନୀ ଭୋଇ ଆହତ ହୋଇଛନ୍ତି। ପିଙ୍କି ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସାଲିନୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡିଦିଆଯାଇଛି। ପରିସ୍ଥିତିକୁ ଦେଖି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କ ସହ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ଆନ୍ଦୋଳନକାରୀଙ୍କ ପକ୍ଷରୁ ୪ ଜଣିଆ ଟିମ୍ ଏଡିଏମ୍ ଅଜାମ୍ବର ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ହେଲେ ସୁଫଳ ମିଳି ନ ଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ସେମାନେ ଧାରଣାରେ ବସିଥିଲେ। ଅନ୍ୟପଟେ ଏଡିଏମ୍ ମହାନ୍ତି କହିଛନ୍ତି, ସମଲେଇ ଯୋଜନା କାମ ଦ୍ରୁତ ଗତିରେ ଚାଲିଛି। ଧାର୍ଯ୍ୟ ସମୟ ଭିତରେ କାମ ସମ୍ପୂର୍ଣ୍ଣ କରାଯିବ। ନିୟମ ଦୃଷ୍ଟିରୁ ଉଚ୍ଛେଦ କରାଯାଉଥିଲା। ହେଲେ ବ୍ୟକ୍ତିଗତ ଭାବେ କେତେଜଣ ଅଭିଯୋଗ କରୁଛନ୍ତି। ସେମାନଙ୍କ ସହିତ ପ୍ରଶାସନ ଆଲୋଚନା କରି ସମାଧାନ କରିବ ବୋଲି କହିଥିଲେ।



ପୋଲିସ ସହ ଧସ୍ତାଧସ୍ତି।

ପ୍ରକାଶ ଯେ, ସମଲେଇ ଯୋଜନାରେ ଘୁନଘୁଟିପଡା ଉଚ୍ଛେଦ ହେଉଛି। ପୂର୍ବରୁ ଅନେକ ଘର ଭାଙ୍ଗିଥିବାବେଳେ କେତେକ ଘର ରହିଯାଇଛି। ଅବଶିଷ୍ଟ ଘରର ଲୋକେ ଅଭିଯୋଗ କରିଛନ୍ତି, ସୋମବାର ବିଳମ୍ବିତ ରାତିରେ ପୋଲିସ କର୍ମଚାରୀ ଘରକୁ ଆସି କବାଟ ବାଡେଇ ଉଠାଇଥିଲେ। ପରେ ସକାଳୁ ପ୍ରଶାସନ ପୋଲିସ ଲଗାଇ ଘର ଭାଙ୍ଗିବାକୁ ଆସିଥିଲେ। ୩ଜଣଙ୍କ ଘର ବଳପୂର୍ବକ ଭାଙ୍ଗିଦେଇଛନ୍ତି। ଏହି ମାମଲା ହାଇକୋର୍ଟରେ ବିଚାରାଧୀନ ଥିବାବେଳେ ଗରିବ ପରିବାର ଉପରେ ଜୁଲମ କରାଯାଉଛି। ବିରୋଧ କରିବା ପରେ ମାରପିଟ କରି ଥାନାକୁ ନେଇଯାଇଥିଲେ। ସୂଚନାଯୋଗ୍ୟ, ସମଲେଇ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରାୟ ୨୫୦ କୋଟି ଟଙ୍କାର ସମଲେଇ ଯୋଜନା କରିଛନ୍ତି। ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଅନେକ ପରିବାର କ୍ଷତିପୂରଣ ନେଇ ନିଜଆଡୁ ଘର ଛାଡି ଚାଲିଯାଇଛନ୍ତି। ଅନ୍ୟ ବିସ୍ଥାପିତଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ୟାକେଜ୍ କରାଯାଇଛି।

**ଆଜିର ମନ୍ତବ୍ୟ**

"ସ୍ୱପ୍ନ ବିକାଳି କେବେ ଗୁଜରାଟରେ ଜିତିପାରିବେ ନାହିଁ। ଦୁଇ-ତୃତୀୟାଂଶ ବହୁମତ ସହ ଭାଜପା ସେଠାରେ ପୁଣି କ୍ଷମତାକୁ ଆସିବ।

– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଲକି

ପରିବାରବର୍ଗ



ଖୁସି

ପରିବାରବର୍ଗ



ଜଗା

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ଦିନିଆ ମୁମ୍ବାଇ ଗସ୍ତରେ ନବୀନ

## ଆଜି ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେବେ

**ଭୁବନେଶ୍ୱର, ୧୩।୯ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାରଠାରୁ ୩ ଦିନିଆ ମୁମ୍ବାଇ ଗସ୍ତରେ ଯାଇଛନ୍ତି। ବୁଧବାର ମୁମ୍ବାଇରେ ଆୟୋଜିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେବେ। ଦେଶର ଖ୍ୟାତନାମା ଶିଳ୍ପପତିଙ୍କୁ ସେଠାକୁ ଆମନ୍ତ୍ରିତ କରାଯାଇଛି। ଏହାପରେ ସେଠାରେ ଏକ ରୋଡ୍ ଶୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶିଳ୍ପପତିମାନଙ୍କ ସହ ମୁଖ୍ୟମନ୍ତ୍ରୀ ୱାନ୍ ଟୁ ୱାନ୍ ଆଲୋଚନା କରି ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଅନୁରୋଧ କରିବେ। ମହିନ୍ଦ୍ରା ଗ୍ରୁପ୍‌ର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା, ବେଦାନ୍ତ ରିସୋର୍ସ ଚେୟାରମ୍ୟାନ୍ ଅନିଲ୍ ଅଗ୍ରୱାଲ୍ ଓ ନିଲକମଲ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ହିତେନ୍ ପାରେଖଙ୍କ ଭଳି ବଡ଼ ବଡ଼ ଶିଳ୍ପପତି ଏହି କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ନବୀନ କେତେକ ବିଶିଷ୍ଟ ବ୍ୟାଙ୍କର୍ସମାନଙ୍କୁ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

ଷ୍ଟେଟ ବ୍ୟାଙ୍କର ଚେୟାରମ୍ୟାନ୍ ଦିନେଶ କୁମାର ଖରା, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଚେୟାରମ୍ୟାନ୍ ଏସ୍.ଏସ୍. ମୁନ୍ଦ୍ରା, ଏଚ୍‌ଡିଏଫ୍‌ସି ବ୍ୟାଙ୍କର କଣ୍ଟ୍ରି ହେଡ୍ ଅରବିନ୍ଦ ଭୋରା ଓ ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟକାରୀ ନିର୍ଦ୍ଦେଶକ ରାକେଶ ଝାଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ଏହାଛଡ଼ା ଏସିଆନ୍ ପେଣ୍ଟସ୍, ଲାର୍ସେନ୍ ଆଣ୍ଡ ଟର୍ବୋ ଭଳି କମ୍ପାନୀର ବରିଷ୍ଠ ଅଧିକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୪ ତାରିଖ ପୂର୍ବାହ୍ନ ୧୧ଟାରୁ ୧.୩୦ମିନିଟ ପର୍ଯ୍ୟନ୍ତ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ ନବୀନ। ଏଥିସହିତ ସେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାର ସୂଚନା ମିଳିଛି।

ଅପରାହ୍ନ ୫ଟାରୁ ୫ଟା ୩୦ ମଧ୍ୟରେ କୁମାର ମଙ୍ଗଳମ୍ ବିର୍ଲା, ୫.୩୦ରୁ ୬ଟା ଭିତରେ ଅନିଲ୍ ଅଗ୍ରୱାଲଙ୍କ ସହ ସାକ୍ଷାତ କରିବେ। ଏହାପରେ ସନ୍ଧ୍ୟା ୭ଟାରୁ ସେ 'ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍'ରେ ଶିଳ୍ପପତି ଓ ବ୍ୟାଙ୍କର୍ସମାନଙ୍କୁ ସମ୍ବୋଧିତ କରିବେ। ନଭେମ୍ବର ୩୦ରୁ ଡିସେମ୍ବର ୪ ଯାଏ ଭୁବନେଶ୍ୱରରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଣ୍ଟା ଭିଡ଼ିଛନ୍ତି। ଓଡ଼ିଶାରେ ଶିଳ୍ପ ଅନୁକୂଳ ବାତାବରଣ ଏବଂ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ସମ୍ପର୍କରେ ନିବେଶକଙ୍କୁ ବୁଝାଉଛନ୍ତି। ଦୁବାଇ ଓ ଦିଲ୍ଲୀରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମ ପରେ ମୁମ୍ବାଇରେ ଏହା ଆୟୋଜିତ ହେଉଛି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

Email-pkmahapatro@gmail.com


**ମେଷ**

ଆଜି ରାହୁ ଯୁକ୍ତ ଚନ୍ଦ୍ର ରାଶିରେ ରହୁଥିବାରୁ ଦୈହିକ ଓ ମାନସିକ ସୁସ୍ଥତା ବ୍ୟାହତ ହେବ। ବିବାଦୀୟ ଘଟଣା, ପ୍ରତିଯୋଗିତାମୂଳକ କାର୍ଯ୍ୟ ଓ ଆନୁଷ୍ଠାନିକ କାମରେ ସଫଳତା ମିଳିବ। ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସୁପରିକଳ୍ପିତ ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗି ପାରନ୍ତି।

**ବୃଷ**

ଭୁଲ୍ ବୁଝାମଣା କାରଣରୁ ଘରର ସଦସ୍ୟ ମନେ ମନେ ବିରକ୍ତି ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ । ଆକସ୍ମିକ ଭାବରେ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। କେନ୍ଦ୍ରସ୍ଥ ଶୁକ୍ର ହେତୁ ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ**

ପ୍ରିୟ ବନ୍ଧୁଙ୍କ ସମ୍ପର୍କରେ ନ୍ୟୂନତା ଅବଲୋକ କରି ମାନସିକ ସ୍ଥିରତା ରହିବ ନାହିଁ। ପୂର୍ବ ଯୋଜନା ଅନୁଯାୟୀ କର୍ମ କରନ୍ତୁ ଅବଶ୍ୟ କେତେକାଂଶରେ ସଫଳତା ପାଇବେ। ପୁରାତନ ରୋଗର ପୀଡ଼ା କାମ କରିବାକୁ ନିରୁତ୍ସାହିତ କରିପାରେ । ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ।

**କର୍କଟ**

କର୍ମକ୍ଷେତ୍ରସ୍ଥ ପାପଗ୍ରହଯୁକ୍ତ ରାଶ୍ୟାଧିପତି ହେତୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ବିଭିନ୍ନ ପାରିବାରିକ ସମସ୍ୟାକୁ ନେଇ ନିଜେ ଅସୁବିଧା ଭିତରେ ଚଳିବାକୁ ପଡ଼ିପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ବନ୍ଧୁଟିଏ ପାରିବାରିକ କ୍ଷେତ୍ରର ଅଭିମାନଭରା କଥା କହି ଦୁଃଖ କରିପାରନ୍ତି ।

**ସିଂହ**

ଆଜି ସକାଳୁ ସକାଳୁ ବନ୍ଧୁଙ୍କ ସାକ୍ଷାତରୁ କିଛି ପରିମାଣରେ ଉପକୃତ ହୋଇପାରନ୍ତି। କର୍ମକ୍ଷେତ୍ରରେ ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ଆକସ୍ମିକ ଭାବରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯାଇପାରେ ।

**କନ୍ୟା**

ପାରିବାରିକ ଅଶାନ୍ତି କାରଣରୁ ଚିନ୍ତାରେ ମାନସିକ ସ୍ଥିରତା ରହିବ ନାହିଁ। ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳରେ କିଛିଟା ହଇରାଣ ହରକତ ହେବାକୁ ପଡ଼ିପାରେ । ଘରର ବରାଦ ଅନୁଯାୟୀ କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନା କରିବେ। ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା**

ଆରମ୍ଭ କରିଥିବା କାମ ସମ୍ପନ୍ନ ହେବାରେ କିଛି ସମସ୍ୟାର ସମ୍ମୁଖୀନ ହେବେ। କେତେକ ଦୀର୍ଘ ମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ । ଯେତେ ଭଲ କାମ କଲେ ସୁଧା ଭୁଲ୍ ବୁଝାମଣାର ଶିକାର ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା**

କର୍ମକ୍ଷେତ୍ରରେ ବିଭିନ୍ନ କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ବିଶ୍ୱାସର ସହ କାମ କରି ଚାଲନ୍ତୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ନିର୍ମାଣ କ୍ଷେତ୍ରରେ ଅଟକି ରହିଥିବା କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ଧନୁ**

ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ବକେୟା ବ୍ୟବସାୟ, ବାଣିଜ୍ୟରେ କ୍ଷତିର ଭରଣା କରିବା ସକାଶେ ପ୍ରଯତ୍ନ କରିପାରନ୍ତି। ଯାହା ବିବାଦୀୟ ଘଟଣାରେ ନୀରବ ରହିଯିବା ଏକ ପ୍ରକାର ଭଲ ହେବ।

**ମକର**

ଆଜି କୌଣସି ପ୍ରକାରେ ସମସ୍ତ କାମ ଶେଷ କରିବାକୁ ବାଧ ହେବେ । ବାଣିଜ୍ୟ କ୍ଷେତ୍ରରେ ଆଶାନୁରୂପ ଲାଭ ସାଙ୍ଗକୁ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ । ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ବିଚାର କରି ଓଲଟି ଦୋଷାରୋପ କରିପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ପରିବାର ଭିତରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**

ପରିବାରରେ ଋଣ ପରିଶୋଧ କରିବା ହେତୁକ ସମସ୍ୟା ଲାଗି ରହିବ । ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ**

ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବୃଦ୍ଧି ପାଇବାରୁ ମାନସିକ ସ୍ତରରେ ଭାଙ୍ଗିପଡ଼ିବେ। ଅଫିସ୍ କାମର ଜଞ୍ଜାଳ ବୃଦ୍ଧି ପାଇପାରେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ହଲେଇବୁ ହଲା**
**ମୁଁ ତଳେ ନ ପଡ଼ିଲେ ଗଲା।**

ଅଲାଜୁକ ବ୍ୟକ୍ତିଙ୍କ ମୁହଁରେ କିଛି ଲାଜ ସରମ ନଥାଏ। ଏପରି ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ, ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ତ ନୋହୁ**
**ତୁ କାହିଁ ପାଇଁ ଦିହକୁ ନେଉ?**

ଅନ୍ୟକୁ କୁହାଯାଇଥିବା କଥାକୁ କିଛି ଲୋକ ନିଜ ଆଡକୁ ନେଇଥାନ୍ତି। ନିଜକୁ ଅନ୍ୟ ଜାଗାରେ ରଖି ଆକ୍ଷେପଭରା କଥା ଶୁଣି ପ୍ରତିକ୍ରିୟାଶୀଳ ହୋଇଥାନ୍ତି। ମନ ଗୁଡୁପୁଡୁ ଲୋକ କୌଣସି ଆପତ୍ତିଜନକ ପ୍ରସଙ୍ଗକୁ ନିଜ ଆଡକୁ ଟାଣୁଥିବା ଉପଲକ୍ଷ୍ୟରେ ଏଭଳି ଉକ୍ତି ପ୍ରୟୋଗ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ:

# ୨୦ରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର, ୧୩।୯ (ବ୍ୟୁରୋ)**

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୨୦ରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ୨୦ରୁ ୨୩ ଯାଏ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ବିଶେଷକରି ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ରାୟଗଡ଼ା, ନବରଙ୍ଗପୁର, ଗଜପତି, କନ୍ଧମାଳ, କଳାହାଣ୍ଡି, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ମଧ୍ୟପ୍ରଦେଶ ଉପରେ ଏକ ୱେଲ୍ ମାର୍କ ଲୋପ୍ରେସର ରହିଛି। ମୌସୁମୀ ଟ୍ରାଫ୍‌ଲାଇନଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର ଏବଂ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ୧୬ରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୪୮ ଘଣ୍ଟାରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି।


# classifieds Everyday

0674-2580101, 2549302




**BRIDE WANTED**

Karan Boy 1992, 5'5", B.Tech Serving Manager Nationalised Bank, Bhubaneswar 'SUNASANSAR'- 9937512659, 8249969649. D-74115

**GROOM WANTED**

ଭୁବନେଶ୍ୱରସ୍ଥିତ ଅବିବାହିତା 40 ବୟସ୍କା Govt. School Teacher ଝିଅଙ୍କୁ ଯେକୌଣସି ଜାତିର ଯୋଗ୍ୟ ଘରଜ୍ୱାଇଁ ଆବଶ୍ୟକ। 7326057574. D-1486

46 ବର୍ଷର ମହିଳା, Govt. "NIOS"ରେ Teacher ଭାବରେ କାର୍ଯ୍ୟରତ। ଜାତି-କରଣ, ଘର-ଢେଙ୍କାନାଳ। ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7894978835. D-1487

39 ବୟସ୍କା Rajput, Central Govt. ଚାକିରିଆ, Divorcee, ଗୋଟିଏ ଶିଶୁକନ୍ୟା ଥିବା ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 7381366103. D-1512

Govt. ଚାକିରିଆ, 33 ବୟସ୍କା କରଣ Divorcee ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 8093583208. D-1511




**SALE**

Plot for immediate sale 50'x50'= 2500sqft. suitable for Shopping Complex with residence, 30' road front side- East, 30' road, North side, corner plot at Bilipada, Gudiapokhari 60' distance from Chakradhar Rehabilitation Institute, road level filled at byclay. Contact No.- 8895087382. D-1510

**ଭୁବନେଶ୍ୱର ଗଙ୍ଗପଡ଼ା NH5ରୁ ଅଳ୍ପ ଦୂରତାରେ Sqft. 840/-, 725/-, ଗୁଡ଼ିଆପୋଖରୀ ଛକରୁ ଅଳ୍ପ ଦୂରତାରେ 8,70,000/-ରେ ପ୍ଲଟ୍ କିଣି ତୁରନ୍ତ ଗୃହନିର୍ମାଣ କରନ୍ତୁ। 9178762589.** D-74113

Sale 3BHK Duplex with gated community, Gudiapokhari, Uttara, Bhubaneswar. 7327043914. D-73871

**ଭୁବନେଶ୍ୱର ଗଙ୍ଗପଡ଼ା NH-5ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ। 7008297827, 9692999455.** D-74105

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295




Semi furnished 3BHK Covered parking Servant Quarter HIG Flat for rent at Dumuduma ₹20000. Contact 8328965044. D-1478




Ashirvaad Saloon and SPA getgood massage for your health tha best therapy. 7077181074. D-73969

Newly open full body massage ladies and gents. 8327740003, 8093860513. D-73968

Newly opened full body massage center by expert therapist. 7381172169. D-73643

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73966

Full body massage in homely atmoshpere. All therapy. Mob.- 8114881641. D-73413

Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404

Hearbal full body relax massage by trend ledy therapist. 6371676208. D-73644

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Newly open Spa offer @799/-, positively health benefits, Kalpana- 7846814019. D-73642

Newly open Spa positively health benefit with expert. Contact: 7749976301. D-73870

New open full body massage ladies & gents available. 8093726714. D-73638




**Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888.** D-73640

**AFFIDAVIT**

By virtue of an affidavit before the Executive Magistrate, Salipur changed my surname Sakuntala Swain to Sakuntala Routray. Henceforth, I shall be known as Sakuntala Routray for all purposes. D-1516


ପ୍ରଥମ ପୃଷ୍ଠାରୁ...

## ଥାନାରେ ପୋଲିସକୁ...

ରାତିରେ ପୋଲିସ ଚଢ଼ାଉ କରିଥିଲା। ବିଶ୍ୱନାଥ ଭୂୟାଁ ନାମକ ଜଣେ ବ୍ୟକ୍ତିଙ୍କ ପାଖରୁ ୨୦୭ କେ.ଜି. ଗଞ୍ଜେଇ ଜବତ ହୋଇଥିବା ଦର୍ଶାଇ ତାଙ୍କୁ ଥାନାକୁ ଉଠାଇ ଆଣି ଗିରଫ କରିଥିଲା। ହେଲେ ଗ୍ରାମବାସୀ ଏହାକୁ ମାନି ନ ଥିଲେ। ପୋଲିସ ଜାଣିଶୁଣି ନିରୀହ ଲୋକଙ୍କୁ ହଇରାଣ କରୁଥିବା ଗାଁ ଲୋକେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ମଙ୍ଗଳବାର ସକାଳେ ଶତାଧିକ ଲୋକ ଅଡ଼ବା ଥାନା ସମ୍ମୁଖରେ ରୁଣ୍ଡ ହୋଇ ଧାରଣାରେ ବସିଥିଲେ। ତୁରନ୍ତ ବିଶ୍ୱନାଥଙ୍କୁ ଖଲାସ କରାଯାଉ ବୋଲି ପୋଲିସ ପାଖରେ ସେମାନେ ଦାବି କରିଥିଲେ। ଏହାକୁ ନେଇ ପୋଲିସ ସହ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପରେ ଉତ୍ତ୍ୟକ୍ତ ଲୋକେ ଥାନା ଭିତରକୁ ଧସେଇ ପଶି ଲଙ୍କାକାଣ୍ଡ ଭିଆଇଥିଲେ। ସେମାନେ ପୋଲିସକୁ ଗୋଡ଼ାଇ ଗୋଡ଼ାଇ ନିସ୍ତୁକ ପିଟିଥିଲେ। ଏଥିସହ ଥାନାରେ ଥିବା କମ୍ପ୍ୟୁଟର ଓ ଅନ୍ୟ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ପରେ ୫ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଥାନା ଘେରାଉ କରିବା ସହ ମିଥ୍ୟା ମାମଲା ପ୍ରତ୍ୟାହାର ଦାବି ନେଇ ଧାରଣା ଦେଇଥିଲେ। ମାମଲା ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବୁ ନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ଖବର ଜଣାପଡିବା ଆର୍. ଉଦୟଗିରି ଏସ୍‌ଡିପିଓ ଦିଲୀପ ନାୟକ ଏବଂ ମୋହନା ବିଡିଓ ତପସ୍ୱିନୀ ହାଁସଦା ସେଠାରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ପରେ ଉପଜିଲାପାଳ, ମାଜିଷ୍ଟ୍ରେଟଙ୍କ ସହ ଅଧିକ ପୋଲିସ ଫୋର୍ସ ନେଇ ପହଞ୍ଚିବା ପରେ ମଧ୍ୟ ସ୍ଥିତିରେ ସୁଧାର ନ ଆସିବାରୁ ସନ୍ଧ୍ୟାରେ ସ୍ଥାନୀୟ ଜନ ପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତିଙ୍କ ନେତୃତ୍ୱରେ ଏସ୍‌ପି ଜୟରାମ ଶତପଥୀ, ପୋଲିସ ଏବଂ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ବୈଠକ ବସି ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ଗଞ୍ଜେଇ ଚାଲାଣ ନେଇ ରୁଜୁ ହୋଇଥିବା ମାମଲା ନଂ.୧୧୦/୨୨ ଆଇନ ଅନୁଯାୟୀ ଚାଲିବ। ଅନ୍ୟପକ୍ଷରେ ଥାନାରେ ଭଙ୍ଗାରୁଜା ଓ ପୋଲିସ ଉପରେ ଆକ୍ରମଣ ଘଟଣାକୁ ନେଇ ଶାନ୍ତି କମିଟିର ଆଉ ଏକ ବୈଠକ ବସିବ ବୋଲି ନିଷ୍ପତ୍ତି ହୋଇଥିବା ଜିଲା ପରିଷଦ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## କଟକ ଦମ୍ପତିଙ୍କ...

ଜେଠୀଙ୍କ ପୁତ୍ର ଚନ୍ଦନ ଗତ ପ୍ରାୟ ଦେଢ଼ ବର୍ଷ ତଳେ ବାଲେଶ୍ୱର ଜିଲା ସୋରର ମିତାଲି ମହାପାତ୍ରଙ୍କୁ ବିବାହ କରିଥିଲେ। ଉଭୟେ ବାଙ୍ଗାଲୋରରେ କାର୍ଯ୍ୟରତ ଥିଲେ। ଚନ୍ଦନ ଏକ ସଫ୍ଟୱେର କମ୍ପାନୀ ଓ ମିତାଲି ଏକ ବିଉଟି ପ୍ରଡକ୍ଟ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେମାନେ ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ସିକନ୍ଦରାବାଦ ଆସି ସେଠାକାର ରୁବି ପ୍ରାଇଡ୍ ଲଜ୍‌ରେ ରହିଥିଲେ। ଉକ୍ତ ଲଜ୍‌ର ତଳ ମହଲାରେ ଏକ ଇ-ସ୍କୁଟର ଶୋ'ରୁମ୍ ରହିଛି। ଶୋ'ରୁମରେ ଥିବା ଇ-ସ୍କୁଟରଗୁଡ଼ିକର ବ୍ୟାଟେରି ଚାର୍ଜ କଲାବେଳେ ଶର୍ଟ ସର୍କିଟ୍ ହୋଇଥିବା ଅନୁମାନ କରାଯାଉଛି। ଶୋ'ରୁମ୍‌ରେ ନିଆଁ ଲାଗିବା ପରେ ଏହା ଉପର ମହଲାରେ ଥିବା ହୋଟେଲ ରୁବି ପ୍ରାଇଡ୍ ଲଜ୍‌କୁ ବ୍ୟାପି ଯାଇଥିଲା, ଯେଉଁଠି ୨୨ ଜଣ ଗେଷ୍ଟ ରହିଥିଲେ। ୪ଟି ଯାକ ମହଲା ଧୂଆଁମୟ ହୋଇଯିବାରୁ ପ୍ରଥମ ଓ ଦ୍ୱିତୀୟ ମହଲାରେ ଶୋଇଥିବା ଲୋକେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିବା ହାଇଦ୍ରାବାଦ ପୋଲିସ କମିଶନର ସି.ଭି. ଆନନ୍ଦ କହିଛନ୍ତି। କ୍ରେନ୍ ଲ୍ୟାଡର ସହାୟତାରେ ଅଗ୍ନିଶମ ବାହିନୀ କର୍ମଚାରୀ କେତେଜଣଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଲୋକେ ମଧ୍ୟ ସାମିଲ ହୋଇଥିଲେ। ନିଆଁରୁ ରକ୍ଷା ପାଇବା ଲାଗି କେତେଜଣ ହୋଟେଲ ଝରକା ଦେଇ ବାହାରକୁ ଡେଉଁଥିବା ଭିଡିଓରେ ଦେଖିବାକୁ ମିଳିଛି। ଆହତମାନଙ୍କୁ ସହରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ ଯୋଗେ ଦୁଃଖ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ନ୍ୟାଶନାଲ ରିଲିଫ୍ ଫଣ୍ଡରୁ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଏବଂ ଆହତଙ୍କ ଚିକିତ୍ସା ଲାଗି ୫୦ହଜାର ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି।

## ୨୬ ଔଷଧ...

ବ୍ୟାନ୍ କରାଯାଇଛି। ଏଥିସହ ମୋଟ ୨୬ ଔଷଧକୁ ଏହି ତାଲିକାରୁ ବାଦ୍ ଦିଆଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏନ୍‌ଏଲ୍‌ଇଏମ୍ ଲିଷ୍ଟ ପ୍ରକାଶ ପାଇଛି। ସାରା ବିଶ୍ୱରେ ରାନିଟିଡିନ୍ ବ୍ୟବହୃତ ହେଉଥିବାବେଳେ ଏଥିରେ କ୍ୟାନ୍ସର ତତ୍ତ୍ୱ ରହୁଥିବା ନେଇ ଚିନ୍ତା ବ୍ୟକ୍ତ କରାଯାଇଥିଲା। ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ (ଏଫ୍‌ଡିଏ) ରାନିଟିଡିନ୍‌ରେ କ୍ୟାନ୍ସରର କାରଣ ସାଜୁଥିବା ଏନ୍-ନାଇଟ୍ରୋ-ସୋଡିମିଥାଇଲଆମିନ୍ (ଏନ୍‌ଡିଏମ୍‌ଏ) ପାଇବା ପରେ ୨୦୧୯ରୁ ଏହା ସ୍କାନରରେ ରହିଥିଲା। ଜରୁରୀ ମେଡିସିନ୍‌ରୁ ଏହି ସଲ୍ଟ ହଟାଇବା ନିମନ୍ତେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଏବଂ ଏମ୍ସ ସହ ଆଲୋଚନା କରିଥିଲା। ଅପରପକ୍ଷେ କ୍ୟାନ୍ସର ଚିକିତ୍ସା ନିମନ୍ତେ ଆବଶ୍ୟକ ଔଷଧ, ଆଣ୍ଟିବାୟୋଟିକ୍, ଭାକ୍ସିନ୍ ଏବେ ଶସ୍ତାରେ ମିଳିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜରୁରୀ ତାଲିକାରେ ୩୪ ନୂଆ ଔଷଧ ସାମିଲ ହୋଇଛି। ଆଣ୍ଟି-ଇନ୍‌ଫେକ୍ଟିଭ୍ ମେଡିସିନ୍ ଯଥା ଆଇଭରମେକ୍ଟିନ୍, ମ୍ୟୁପିରୋସିନ୍, ମେରୋପେନେମ୍ ଅତ୍ୟାବଶ୍ୟକ ଔଷଧ ତାଲିକାରେ ରହିଛି। ଏନ୍‌ଏଲ୍‌ଇଏମ୍‌ରେ ଥିବା ମୋଟ ଡ୍ରଗ୍ ସଂଖ୍ୟା ୩୮୪ରେ ପହଞ୍ଚିଛି। ସେହିପରି ଆଣ୍ଟି-କ୍ୟାନ୍ସର ଡ୍ରଗ୍ ବେନ୍‌ଡାମଷ୍ଟିନ୍ ହାଇଡ୍ରୋକ୍ଲୋରାଇଡ୍, ଇରିନୋଟେକାନ୍ ଏଚ୍‌ସିଏଲ୍ ଟ୍ରାଇହାଇଡ୍ରେଟ୍, ଲେନାଲିଡୋମାଇଡ୍, ଲ୍ୟୁପ୍ରୋଲାଇଡ୍ ଏସିଟେଟ୍‌କୁ ଲିଷ୍ଟରେ ସାମିଲ କରାଯାଇଛି। ସାଇକୋଥେରାପେଟିକ୍ ମେଡିସିନ୍ ନିକୋଟିନ୍ ରିପ୍ଲେସ୍‌ମେଣ୍ଟ ଥେରାପି ଏବଂ ବୁପ୍ରେନୋର୍ଫିନ୍ ମଧ୍ୟ ଏନ୍‌ଏଲ୍‌ଇଏମ୍ ଲିଷ୍ଟରେ ରହିଛି। ଏଥିସହ ଡାଇବେଟିସ୍ ଚିକିତ୍ସା ପାଇଁ ଆବଶ୍ୟକ ପଡୁଥିବା ଡ୍ରଗ୍, ଇନ୍‌ସୁଲିନ୍ ଗ୍ଲାର୍‌ଗିନ୍, ଟି.ବି. ଔଷଧ ଡେଲାମାନିଡ୍, ଆଣ୍ଟିପାରାସାଇଟ୍ ଆଦିର ମୂଲ୍ୟ ମଧ୍ୟ ହ୍ରାସ ପାଇବ।

କେନ୍ଦ୍ରର ନିର୍ଦ୍ଦେଶନାମାରେ କୁହାଯାଇଛି, ସବୁ ସ୍ତରର ସ୍ୱାସ୍ଥ୍ୟସେବାରେ ଆବଶ୍ୟକ ହେଉଥିବା ଔଷଧଗୁଡ଼ିକୁ କମ୍ ଦରରେ ଉପଲବ୍ଧ କରାଯିବ। ସେସବୁକୁ ଜରୁରୀ ତାଲିକାରେ ରଖାଯାଇଛି। ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ଏକ ବିଶେଷଜ୍ଞ କମିଟି ଗତ ବର୍ଷ ୩୯୯ ଫର୍ମୁଲେଶନର ଏକ ସଂଶୋଧିତ ସୂଚୀ ପ୍ରସ୍ତୁତ ପାଇଁ ସୁପାରିସ୍ କରିଥିଲା। ଭାରତୀୟଙ୍କ ଆବଶ୍ୟକତା ଅନୁସାରେ ତାହାର ବିଶ୍ଳେଷଣ କରାଯାଇ ସଂଶୋଧିତ ତାଲିକା କରାଯାଇଛି।

## ଦୁଇ ସନ୍ତାନର ଜନନୀଙ୍କୁ ଅପହରଣ ଅଭିଯୋଗ: ରାଜମିସ୍ତ୍ରୀ ଅଟକ

ବାଲେଶ୍ୱର ଅଫିସ, ୧୩।୯: ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଞ୍ଚଳରେ ଜଣେ ଦୁଇ ସନ୍ତାନର ଜନନୀଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜମିସ୍ତ୍ରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଉକ୍ତ ମହିଳାଙ୍କୁ ସୁଧାର ଗୃହକୁ ପଠାଯାଇଛି । ରାଜମିସ୍ତ୍ରୀ ଜଣକ ବିବାହିତ। ମହିଳାଙ୍କ ସ୍ୱାମୀଙ୍କ ପକ୍ଷରୁ ସ୍ତ୍ରୀଙ୍କ ଅପହରଣ ନେଇ ଅଭିଯୋଗ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି ଓ ପୋଲିସ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ସହ ଫେରିଯିବାକୁ ବୁଝାଇଥିଲେ। ମାତ୍ର ମହିଳାଜଣକ ରାଜି ନ ହେବାରୁ ଅପରାହ୍ନ ପର୍ଯ୍ୟନ୍ତ କୌଣସି ସମାଧାନର ବାଟ ବାହାରି ନ ଥିଲା।

SMILE+ JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle • Black Phenyle • Green Phenyle • Liquid detergent • Detergent Powder • Packaging Materials • Hand Wash • Dish Wash • Toilet Cleaner • Glass Cleaner • Sanitizer • Agarbati
Free Training on all products
Other Chemicals
• Bleaching Powder • Alum • Castic Soda • Acetic Acid • HCL Acid • Dolomite Powder • Sulphuric Acid • French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

# ଅଜଣା ରୋଗରେ ଛାତ୍ରଙ୍କ ମୃତ୍ୟୁ

## ମୃତ୍ୟୁ ସଂଖ୍ୟା ୧୪, ପ୍ରଶାସନ କହୁଛି ୮

ମାଥିଲି/ ମାଲକାନଗିରି, ୧୩।୯ (ଡି.ଏନ୍.ଏ.)

ଗତ ଦୁଇ ସପ୍ତାହ ଧରି ମାଲକାନଗିରି ଜିଲା ମାଥିଲି ବ୍ଲକ ସାଲିମି ପଞ୍ଚାୟତର ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗ ବ୍ୟାପିଛି। ତେବେ ଏଥିରେ ୮ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଉଥିବା ବେଳେ ପ୍ରକୃତରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଅଜଣା ରୋଗରେ ମଙ୍ଗଳବାର ଜଣେ ୧୦ ବର୍ଷର ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେ ବାପନଗୁଡା ଗ୍ରାମର ମଙ୍ଗଳା ପଡିଆମୀଙ୍କ ପୁଅ ସନ୍ତୋଷ ବୋଲି ଜଣାପଡିଛି। ସେ କଂସାରିପୁଟ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ।

ଏହି ଅଜଣା ରୋଗର ମୃତ୍ୟୁକୁ ନେଇ ପୂର୍ବରୁ ଜିଲା ସଦର ମହକୁମା ଓ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନେ ହଳଦୀକୁଣ୍ଡ ଗ୍ରାମକୁ ଯାଇ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା କରିବା ସହ ରକ୍ତ, ପାନୀୟ ଜଳ ନମୁନା ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଇଥିଲେ। ଏହି ରୋଗର କାରଣ ସେହି ଅଞ୍ଚଳରେ ଅତ୍ୟଧିକ ମଦ୍ୟପାନ ଏବଂ କିଛି ବାସିଖାଦ୍ୟ ଖାଇଥିବାରୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସେତେବେଳେ ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ମନ୍ତବ୍ୟକୁ ଅନେକେ ନିନ୍ଦା କରିଛନ୍ତି। ବାପନଗୁଡା ଗ୍ରାମର ସନ୍ତୋଷଙ୍କ ମୃତ୍ୟୁ ନେଇ ଗ୍ରାମବାସୀ କହିଛନ୍ତି, ସେ ସୋମବାର ବିଦ୍ୟାଳୟରୁ ଆସି ଖାଦ୍ୟ ଖାଇ ଶୋଇଲା ପରେ ତାଙ୍କ ଗୋଡହାତ ଫୁଲି ଯାଇଥିଲା। ମଙ୍ଗଳବାର ସକାଳେ ମୃତ୍ୟୁବରଣ କଲେ। ତେବେ ସନ୍ତୋଷଙ୍କ ଏପରି ମୃତ୍ୟୁକୁ କ'ଣ ମଦ୍ୟପାନଜନିତ ବୋଲି କୁହାଯିବ କି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ବପନଗୁଡ଼ାରେ ଏକ ଡାକ୍ତରୀ ଟିମ୍ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ଦେଖିବାକୁ ମିଳିଛି। ତୁରନ୍ତ ହଳଦୀକୁଣ୍ଡ ଗ୍ରାମକୁ ଭୁବନେଶ୍ୱର କିମ୍ବା କଟକରୁ ସ୍ୱତନ୍ତ୍ର ବିଶେଷଜ୍ଞ ଡାକ୍ତରୀ ଟିମ୍ ପଠାଇ ରୋଗର କାରଣ ନିରୂପଣ କରିବା ସହ ଏହାର ପ୍ରତିକାର କରିବା ଲାଗି ପଞ୍ଚାୟତର ପୂର୍ବତନ ଜିଲା ପରିଷଦ ସଭ୍ୟ କୁଶ ତାଡି ଦାବି କରିଛନ୍ତି।


ବପନଗୁଡ଼ାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି ଡାକ୍ତରୀ ଟିମ୍।

## ଦୁଇ ଅଭିଯୁକ୍ତ ଜେଲ୍ ଗଲେ

### ନକଲି ମେଡିସିନ କାରବାର ମାମଲା

କଟକ ଅଫିସ,୧୩।୯: ନକଲି ଔଷଧ କାରବାର ମାମଲାରେ ସୋମବାର ଆତ୍ମସମର୍ପଣ କରିଥିବା ୨ ଅଭିଯୁକ୍ତଙ୍କ ଜାମିନ ଆବେଦନ ମଙ୍ଗଳବାର କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଖାରଜ ହୋଇଛି। ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଯାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜେସ୍‌ର ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାରର ଭି.ଆର୍. ଡ୍ରଗ୍ ଏଜେନ୍ସିର ରାହୁଲ କୁମାର କ୍ୟାଲ। ସଞ୍ଜୟଙ୍କ ଘର କଟକ ମିଶନ ରୋଡ୍ ଏବଂ ରାହୁଲଙ୍କ ଘର ବକ୍ସି ବଜାର ଅଞ୍ଚଳରେ। ଅଧିକ ପଚରାଉଚୁରା ପାଇଁ ଦୁହିଁଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଯାଉଁଳିଆପଟିର ପୂଜା ଏଣ୍ଟରପ୍ରାଇଜେସ୍ ଓ ମାଣିକ ଘୋଷ ବଜାରର ଭି. ଆର୍. ଡ୍ରଗ୍ ଏଜେନ୍ସି ନକଲି ରକ୍ତଚାପ ମେଡିସିନ ଟେଲ୍‌ମା-୪୦ ଓ ଟେଲମା-ଏଏମ୍ ବିକ୍ରି କରୁଥିବା ନେଇ କଟକ ରେଞ୍ଜ-୧ର ଡ୍ରଗ୍ସ ଇନ୍ସପେକ୍ଟର୍ ତୁଷାର ରଞ୍ଜନ ପାଣିଗ୍ରାହୀ ପୁରୀଘାଟ ଥାନାରେ ଗତ ୧୦ ତାରିଖରେ ଅଭିଯୋଗ କରିଥିଲେ।

ସମସ୍ତ ଜଟିଳ ଓ ପୁରାତନ ରୋଗର ଆୟୁର୍ବେଦିକ ଉପଚାର ପାଇଁ ଯୋଗାଯୋଗ କରନ୍ତୁ
ଡା.ଶ୍ରୀ ଅକ୍ଷୟ କୁମାର ମିଶ୍ର
B.A.M.S. (B.U.)
Registration No.2515
ନ୍ୟାସନାଲ୍ ଆୟୁର୍ବେଦିକ ଫାର୍ମାସୀ
କବିସୂର୍ଯ୍ୟନଗର, ଗଞ୍ଜାମ, ଓଡ଼ିଶା, ପିନ୍-761104, ମୋବାଇଲ-9861271396
ମୋବାଇଲରେ ଯୋଗାଯୋଗ ସମୟ ସନ୍ଧ୍ୟା 7 pm ରୁ 9 pm
ପରାମର୍ଶ ସମୟ ସକାଳ 9 ଟାରୁ 12ଟା, ଅପରାହ୍ନ 2ଟାରୁ 6ଟା

ଶୁଭେଚ୍ଛା
ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ ଓ ଦୀର୍ଘଜୀବନ ଲାଗି ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛି ।
ରାକେଶ ରଞ୍ଜନ ଦାସ (ସିଲୁ)
ବିଜେଡି ଛାତ୍ର ସଭାପତି
ଗଞ୍ଜାମ ଏନ୍‌ଏସି,ବିଜୁ ଜନତା ଦଳ
ସୁଧିର କୁମାର ପାଢ଼ୀ
ବିଜେଡି ଯୁବ ସଭାପତି
ଗଞ୍ଜାମ ଏନ୍‌ଏସି,ବିଜୁ ଜନତା ଦଳ

ଶୁଭେଚ୍ଛା
ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ ଓ ଦୀର୍ଘଜୀବନ ଲାଗି ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛି ।
ସନାତନ ବେହେରା
୧୫ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ତଥା
ଖୋର୍ଦ୍ଧା ଓ ଗଞ୍ଜାମ ଜିଲା କୈବର୍ତ୍ତ ମହାସଂଘ ସଭାପତି

# ଅରିନ୍ଦମ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପାଟଣା, ୧୩।୯(ସ୍ୱ.ପ୍ର.)

ଖବରଦାତା ଅରିନ୍ଦମ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପୈତୃକ ଗାଁ କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ପଞ୍ଚାୟତ ରାଇକଳାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଗାଁ ମୁଣ୍ଡ ରାସ୍ତା ପାର୍ଶ୍ୱରେ ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ଓ-ଟିଭି ଚ୍ୟାନେଲର ଏମ୍‌ଡି ଜଗିମଙ୍ଗତ ପଣ୍ଡା ଓ ଅରିନ୍ଦମଙ୍କ ମା' କୁନି ଦାସ ଏହି ପ୍ରତିମୂର୍ତ୍ତି ଅନାବରଣ କରିଥିଲେ । ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟବକ୍ତା ଭାବେ ଖବରଦାତା ନୃସିଂହନାଥ ସିଂ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁଧାଂଶୁ ଶେଖର ନାଏକ, ଡ. ଗୌରହରି ମହାନ୍ତ ବର୍ମା, ଖବରଦାତା ରାଧାମାଧବ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଅରିନ୍ଦମଙ୍କ ସ୍ତ୍ରୀ ସମୀକ୍ଷା ବେହେରା, ପୁଅ, କକା ଧରଣୀଧର ଦାସଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ୨୪ରେ ମହାନଦୀର ମୁଣ୍ଡଳି ବ୍ୟାରେଜଠାରେ ଏକ ହାତୀ ଫସିଯାଇଥିଲା । ଏହାକୁ ଉଦ୍ଧାର କରିବାକୁ ନିୟୋଜିତ ଓଡ୍ରାଫ ଟିମ୍ ସହ ଅରିନ୍ଦମ ଯାଇଥିବା ବେଳେ ବୋଟ୍‌ଟି ପାଣି ସୁଅରେ ବୁଡ଼ି ଯାଇଥିଲା । ଏଥିରେ ଅରିନ୍ଦମଙ୍କ ମୃତ୍ୟୁ ଘଟିଥିଲା ।

# ବିଧାୟକଙ୍କ ଲେଟର ପ୍ୟାଡ୍‌ରେ ନକଲି ଚିଠି

## କୋରାପୁଟ ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ


Yours sincerely
(Pitam Padhi)
M.L.A., Pottangi
Pitam Padhi
Member of Legislative Assembly
Pottangi - 145 (ST)


Yours faithfully
Pitam Padhi
Member of Legislative Assembly
Pottangi - 145 (ST)

ସମସ୍ତ ପତ୍ରର କପି

ଯାଜପୁର ଅଫିସ,୧୩।୯

ରାଜ୍ୟ ସରକାର ନୀତି ପ୍ରଣୟନ କରି ସାଧାରଣ ଲୋକଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ରାଜନୀତି କ୍ଷେତ୍ରରେ ବିଧାୟକମାନଙ୍କୁ ଏଥିପାଇଁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ, ଯୋଜନାର କାର୍ଯ୍ୟକାରିତା, ପ୍ରସ୍ତାବ ଆଦି କ୍ଷେତ୍ରରେ ଚିଠିପତ୍ର ଦିଆନିଆ ପାଇଁ ସେମାନଙ୍କୁ ସରକାରୀ ଲେଟର ପ୍ୟାଡ୍ ବ୍ୟବହାର ଲାଗି ଅନୁମତି ମିଳିଛି। କିନ୍ତୁ ଲୋକହିତରେ ଜାରି ବିଧାୟକଙ୍କ ଏହି ସ୍ୱତନ୍ତ୍ର କ୍ଷମତାକୁ ଚଞ୍ଚକତା କରି ଅପବ୍ୟବହାର କରାଯାଉଥିବା ଏକ ଘଟଣା ସାମ୍ନାକୁ ଆସିଛି। କୋରାପୁଟ ଜିଲା ପଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀଙ୍କ ନାମରେ ଏକ ନକଲି ଚିଠିକୁ ନେଇ ବିବାଦ ସୃଷ୍ଟି ହୋଇଛି । ବିଧାୟକଙ୍କ ଅଜ୍ଞାତରେ ତାଙ୍କ ଲେଟର ପ୍ୟାଡ୍‌କୁ ଏଡିଟିଂ କରି ସେଥିରେ ଚିଠି ଲେଖାଯାଇଥିବା ସେ ନିଜେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ଅଧସ୍ତନ ସଚିବ ଏସ୍.କେ. କଲାମୁଦ୍ଦିନ ତାଙ୍କ ପତ୍ରସଂଖ୍ୟା ୭୬୯୨/୧୨।୯।୨୦୨୨ରେ ଆବଶ୍ୟକ ତଦନ୍ତ କରିବା ସହ ସବିଶେଷ ରିପୋର୍ଟ ଦାଖଲ କରିବାକୁ କୋରାପୁଟ ଏସ୍‌ପିଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ବିଧାୟକସ୍ତରରେ ସରକାରୀ କାଗଜପତ୍ରର ଯଦି ଏଭଳି ଅପବ୍ୟବହାର ହେଉଛି, ତେବେ ଅନ୍ୟାନ୍ୟ କ୍ଷେତ୍ରରେ ଚଞ୍ଚକତା କେତେ ହେଉଥିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଧାୟକ ପାଢ଼ୀ ତାଙ୍କ ପତ୍ରସଂଖ୍ୟା ୧୨୪/୭।୩।୨୦୨୨ରେ ଆରଟିଓ ଭୁବନେଶ୍ୱର-୧ କାର୍ଯ୍ୟାଳୟରେ କାର୍ଯ୍ୟରତ ଡ୍ରାଇଭର ସୁରେନ୍ଦ୍ର ସେଠୀଙ୍କ ନିଯୁକ୍ତିରେ ଅନିୟମିତତା ଏବଂ ବେଆଇନ ଅର୍ଥ ଆଦାୟ କରାଯାଉଥିବା ନେଇ ପରିବହନ ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଉକ୍ତ ପତ୍ରରେ ସେ ପ୍ରାୟ ୧୦ କୋଟି ଟଙ୍କାର ସମ୍ପତ୍ତି ଠୁଳ କରିଥିବା ଦର୍ଶାଯାଇଥିଲା। ତେଣୁ ତାଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରିବାକୁ ପତ୍ରରେ ଦାବି କରାଯାଇଥିଲା। ତେବେ ବିଧାୟକ ପାଢୀ ୨୩।୭।୨୦୨୨ରେ ପରିବହନ ବିଭାଗର ସଚିବଙ୍କୁ ଦେଇଥିବା ସ୍ପଷ୍ଟୀକରଣରେ ଉକ୍ତ ଅଭିଯୋଗ ପତ୍ର ସମ୍ପର୍କରେ କିଛି ଜାଣିନାହିଁ ବୋଲି କହିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ନିଜର ସ୍ୱାର୍ଥ ହାସଲ କରିବାକୁ କେହି ଜଣେ ତାଙ୍କ ସରକାରୀ ଲେଟର ପ୍ୟାଡ୍‌ର ନକଲ ତିଆରି କରି ଡ୍ରାଇଭର ସେଠୀଙ୍କ ନାମରେ ଏଭଳି ଅଭିଯୋଗ ଆଣିଛନ୍ତି। ସେ ଏଭଳି କୌଣସି ଅଭିଯୋଗ ପତ୍ର ଦେଇନାହାନ୍ତି। ଏପରିକି ସୁରେନ୍ଦ୍ର ସେଠୀ କିଏ ସେ ଜାଣିନାହାନ୍ତି କିମ୍ବା ତାଙ୍କୁ ସେ କେବେ ଭେଟି ନାହାନ୍ତି। ଭୁବନେଶ୍ୱର ଆରଟିଓଙ୍କ କାର୍ଯ୍ୟାଳୟରେ ସୁରେନ୍ଦ୍ର ସେଠୀ ନାମକ କେହି ଡ୍ରାଇଭର କାମ କରୁଛନ୍ତି ସେ ସମ୍ପର୍କରେ ମଧ୍ୟ ତାଙ୍କୁ ଜଣାନାହିଁ। ତେଣୁ ସୁରେନ୍ଦ୍ରଙ୍କ ନାମରେ ହୋଇଥିବା ଅଭିଯୋଗକୁ ଏଡ଼ାଇ ଦେଇ ତାଙ୍କ ଲେଟର ପ୍ୟାଡ୍‌କୁ ଚଞ୍ଚକତା କରିଥିବା ବ୍ୟକ୍ତିଙ୍କୁ ଖୋଜି ବାହାର କରିବାକୁ ବିଧାୟକ ପାଢ଼ୀ ଅନୁରୋଧ କରିଛନ୍ତି। ଏଠାରେ ବିଧାୟକ ପାଢ଼ୀଙ୍କ ଲେଟର ପ୍ୟାଡ୍ ଏବଂ ଡ୍ରାଇଭରଙ୍କ ନାମରେ ହୋଇଥିବା ଅଭିଯୋଗର ଲେଟର ପ୍ୟାଡ୍ ସମାନ ଦିଶୁଥିବାବେଳେ ଦସ୍ତଖତରେ ସାମଞ୍ଜସ୍ୟ ରହିଥିବା ଅନୁମାନ କରାଯାଇଛି। ଏହି କ୍ରମରେ ପରିବହନ ବିଭାଗର ଅଧସ୍ତନ ସଚିବ କଲାମୁଦ୍ଦିନ କୋରାପୁଟ ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେବା ସହ ଡ୍ରାଇଭର ସେଠୀଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଯୁକ୍ତ ଅଧିକାରୀଙ୍କୁ ପତ୍ର ଲେଖା ହୋଇଛି ବୋଲି ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

ବିଧାୟକଙ୍କ ଏହି ପତ୍ର ସଂକ୍ରାନ୍ତରେ ଜଣାପଡ଼ିବା ପରେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ସାଧାରଣତଃ ବିଧାୟକମାନେ ପତ୍ର ଆଦାନ ପ୍ରଦାନ କରିବାକୁ ଏକ ରେଜିଷ୍ଟର ବ୍ୟବହାର କରିଥା'ନ୍ତି। ଯେଉଁ ବିଭାଗକୁ ସେମାନେ ପତ୍ର ଆଦାନ ପ୍ରଦାନ କରିଥା'ନ୍ତି, ସେ ନେଇ ରେଜିଷ୍ଟରରେ କ୍ରମିକ ସଂଖ୍ୟା ଏବଂ ତାରିଖ ଉଲ୍ଲେଖ କରି ନକଲ କପି ସାଇତି ରଖିଥାଆନ୍ତି। ଏହି ପ୍ରକ୍ରିୟା ମଧ୍ୟରେ ବିଧାୟକ ପାଢ଼ୀଙ୍କ ସରକାରୀ ଲେଟର ପ୍ୟାଡ୍ କିଭଳି ଅପବ୍ୟବହାର ହେଲା ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସ୍ୱନକ୍ଷତ୍ର ଶୁଭେଚ୍ଛା
ଭୋଗରାଇର ସମସ୍ତ ଗୁରୁଜନ, ସମିତି ସଦସ୍ୟା/ସଦସ୍ୟ, ସରପଞ୍ଚମାନଙ୍କୁ ଜଣାଉଛି ସ-ଭକ୍ତି ପ୍ରଣାମ । ସାଥୀ ଓ ଶୁଭେଚ୍ଛୁମାନଙ୍କୁ ମୋ ଅନ୍ତରରୁ ଜଣାଉଛି ସଂଗ୍ରାମୀ ଅଭିନନ୍ଦନ ଓ ଶୁଭେଚ୍ଛା । ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱ ଅହିଂସା ନୀତିର ବାର୍ତ୍ତାବହ ମହାତ୍ମା ଗାନ୍ଧୀଙ୍କ ଅହିଂସା ରଥ ଆସନ୍ତା ୧୫ ତାରିଖରେ ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତରେ ପରିକ୍ରମା କରିବ । ଏହି ମହାପୁରୁଷଙ୍କ ଅହିଂସା ନୀତିକୁ ପ୍ରଚାର ଓ ପ୍ରସାର କରିବାକୁ ଭୋଗରାଇର ସବୁସ୍ତର ଜନସାଧାରଣଙ୍କୁ ନିବେଦନ କରୁଛି ।
ପ୍ରବୀର କୁମାର ଗିରି
ବିଜେଡି ଜିଲ୍ଲା ଯୁବ ଉପସଭାପତି
ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷ, ଭୋଗରାଇ

ସ୍ୱନକ୍ଷତ୍ର ଶୁଭେଚ୍ଛା
ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ଗୁରୁଜନମାନଙ୍କୁ ମୋର ଭୂମିଷ୍ଠ ପ୍ରଣାମ । ସାଥୀ ଓ ଶୁଭେଚ୍ଛୁମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆସନ୍ତୁ ସମସ୍ତେ ମିଳିମିଶି ଭୋଗରାଇର ବିକାଶଧାରାକୁ ଆଗେଇନେଇ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ସ୍ଥାନର ମାନ୍ୟତା ଦେଇ ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା । ୧୫ ତାରିଖରେ ହେବାକୁ ଯାଉଥିବା ଅହିଂସା ରଥରେ ସମସ୍ତେ ସାମିଲ ହୋଇ ଭୋଗରାଇରେ ଏକ ନୂତନ ଇତିହାସ ସୃଷ୍ଟି କରିବା ।
ଦୀପକ କୁମାର ଦାସ
ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା
ଜିଲ୍ଲା ବିଜେଡି ଯୁବନେତା

ଧରିତ୍ରୀ ଉତ୍ତର ଓଡ଼ିଶା ସ୍ୱନକ୍ଷତ୍ର ଶୁଭେଚ୍ଛା
ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋ ହୃଦୟର ଗଭୀରତମ ପ୍ରଦେଶରୁ ଜଣାଉଛି ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ । ଆସନ୍ତୁ ସମସ୍ତେ ମିଳିମିଶି ଭୋଗରାଇ ପ୍ରଗତିର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା । ଆସନ୍ତା ୧୫ ତାରିଖରେ ହେଉଥିବା ଜାତିର ପିତା, ଅହିଂସା ନୀତିର ପ୍ରତୀକ ମହାତ୍ମା ଗାନ୍ଧୀଙ୍କ ଅହିଂସା ରଥକୁ ଭୋଗରାଇ ମାଟିରେ ପ୍ରଚାର ଓ ପ୍ରସାର କରି ଏହି ମହାପୁରୁଷଙ୍କ ସ୍ୱପ୍ନକୁ ସଫଳ କରିବା ।
ଅନନ୍ତ ଦାସ
ପୂର୍ବତନ ମନ୍ତ୍ରୀ, ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
SALES EXECUTIVES (MALE/ FEMALE)
For Bhubaneswar
Send Resume Immediately To e-mail:
cssenapati28@gmail.com
or 9861066950 (Whatsapp)

WANTED
କର୍ମ ସୁଯୋଗ ପାଇଁ ଆଶାୟୀ ମହିଳା ଓ ପୁରୁଷ ଯୋଗାଯୋଗ କରନ୍ତୁ । କୋଭିଡ ମାହାମାରୀ ଦ୍ୱାରା ଅସହାୟଙ୍କୁ ଅଗ୍ରାଧିକାର । ସଂପର୍କ ହେତୁ:
Mobile Number -
୮୧୭୮୬୧୬୩୬୧, ୯୯୫୮୪୯୯୪୮୭

ଆବଶ୍ୟକ
କାର୍ ଡ୍ରାଇଭର ଆବଶ୍ୟକ ଜଗତ୍‌ପୁର ଅଫିସ ପାଇଁ । ଯୋଗାଯୋଗ ପାଇଁ
Mob.: 9437021279
7381075901

UNITY Small Finance Bank
WE ARE HIRING

| Position Available | Age (In years) | Qualification | Experience | No. of Vacant Position |
|---|---|---|---|---|
| Customer Relationship Manager (SME Loan) | 18 to 30 | Graduation & above | Fresher or any Work Exp. | 30 |
| Loan Officer | 18 to 30 | 10th/12th & above | Fresher or any Work Exp. | 100 |

Two Wheeler is Must
Venue: Plot No. 534, 2nd Floor, Above ICICI Bank, Lewis Road, Samantarapur, Old Town, BBSR - 751002, Odisha
Date: 17th Sept. 2022, Time: 9 A.M. to 5 P.M.
Document Required: Aadhaar Card, PAN Card, Driving Licence, Educational Certificate
Employee Benefits: Salary best in Industry, Performance Based Incentives, Fuel & Mobile Allowance, PF & Pension Scheme, Gratuity & ESIC, Health & Life Insurance Reward & Recognition.
Interested Candidates can Call or WhatsApp in the Number given below:
Anjan: 9853003301 | 9136778117
UNITY SMALL FINANCE BANK LTD.
Note: We do not charge any fees or entertain any favour to apply or work at Unity Small Finance Bank.

WALK-IN-INTERVIEW
ST. XAVIER INTERNATIONAL SCHOOL
Requires for Premium Branch
● Principal ● Academic Coordinator ● PGT / TGT (Sc. & Com.) - Physics, Chemistry, Mathematics, Biology, Economics, Business Studies, Accountancy, Computer Science, Physical Education ● PRT (All Subject) ● Nursery Teacher - 30 Nos. ● Academic Supervisors, ● Receptionist ● Transport Manager ● Security Personnel
Preference will be given to experienced, highly motivated creative candidates having good command over English and a flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interview Date: 17th & 18th September 2022 Time : 10:00 am- 4:00pm
At-12 Janpath, Satyanagar, Bhubaneswar- 751007
E.mail: hrsxis@gmail.com, Whatsapp: 9861099999, Ph.: 9776633003

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Advt. No. 02/2022 Date: 05/09/2022
Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise and the leading steel-making company in India, invites applications from eligible persons for the following posts:

| Sl.No. | Post | Vacancy |
|---|---|---|
| 01 | Consultant (E-3) | 10 Anaesthesia (Critical Care)-2, Dental-1, Dermatology-1, General Surgery-1, O&G-1, Pathology-1, Psychiatry-1, Radiology-1, Pulmonary Medicine-1 |
| 02 | Sr. Medical Officer (E-2) | |
| 03 | Medical Officer (E-1) | 05 |

For full details of the advertisement, please visit Company's website www.sail.co.in
• Last Date for receipt of applications through Speed Post / Registered Post is 14/10/2022.
DGM (PL) Rectt. & Gen.
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

ଯାହାକିଛି ତୁମେ କରୁଥାଅ– ଯୋଉ ବାଗରେ ବି କରୁଥାଅ– ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ– ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। **–ଶ୍ରୀମା**

# ଦୌଡ଼ିଲେ ଡାକ୍ତର

ବେଙ୍ଗାଲୁରୁରେ ଟ୍ରାଫିକ୍ ଜାମ୍ ସମସ୍ତଙ୍କୁ ହନ୍ତସନ୍ତ କରୁଛି। ପ୍ରବଳ ବର୍ଷା ଯୋଗୁ ପାଣି ଜମିଯିବା ଫଳରେ ସେଠାରେ ଗାଡ଼ି ଚଳପ୍ରଚଳ ବାଧାପ୍ରାପ୍ତ ହେଉଛି। ଘରୋଇ ହସ୍ପିଟାଲରେ କାର୍ଯ୍ୟ କରୁଥିବା ଡାକ୍ତର ଗୋବିନ୍ଦ ନନ୍ଦକୁମାର ଭିଡ଼ ଭିତରେ ଅଟକି ଯିବାରୁ ଗାଡ଼ିରୁ ଓହ୍ଲାଇ ୩ କିଲୋମିଟର ଦୌଡ଼ିଲେ। ଏହି ଡାକ୍ତର ଗାଡ଼ି ଭିତରେ ନିଶ୍ଚିତ ଭାବରେ ମୋବାଇଲ ଫୋନ୍‌କୁ ସମ୍ପୂର୍ଣ୍ଣ ଚାର୍ଜ କରିବା ସହ ସେଲ୍‌ଫି ଷ୍ଟିକ୍ ରଖୁଥିବାର ପ୍ରମାଣ ଭିଡିଓ ଦେଖିଲେ ଯେକୌଣସି ସାଧାରଣ ବ୍ୟକ୍ତି ବୁଝିପାରିବେ। ୩ କି.ମି. ବାଟ ଦୌଡ଼ିଥିବା ଏହି ଡାକ୍ତର ତାଙ୍କ ଦୌଡ଼କୁ ଫୋନର ସେଲ୍‌ଫି ମୋଡ୍‌ରେ ରଖି ରେକର୍ଡ କରିଛନ୍ତି। ସେହି ଭିଡିଓକୁ ତାଙ୍କର ସାମାଜିକ ଦାୟିତ୍ୱସମ୍ପନ୍ନତା ବିଷୟରେ ସମସ୍ତଙ୍କୁ ଜଣାଇବା ପାଇଁ ସାମାଜିକ ଗଣମାଧ୍ୟମ(ସୋସିଆଲ ମିଡ଼ିଆ)ରେ ପ୍ରସାରିତ କରିଥିବାବେଳେ ପ୍ରଶଂସାରେ କୁଢ଼େଇ ହୋଇଯାଇଥିଲେ। ନକାରାତ୍ମକ ମନ୍ତବ୍ୟ ଦେଇ କେତେକ ଅବାଞ୍ଛିତ ଲୋକ କହିଛନ୍ତି ଯେ, ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର କରିବାକୁ ବ୍ୟାକୁଳ ଡାକ୍ତର ସେଲ୍‌ଫି ନେବା କଥା କେମିତି ଭାବିପାରିଲେ । ଏଭଳି ନକାରାତ୍ମକ ଲୋକଙ୍କୁ କେବେହେଲେ ବୁଝାଇ ହେବ ନାହିଁ। ନିଃସନ୍ଦେହରେ ସେହି ଡାକ୍ତର ନିଜର ପ୍ରଚାର ପାଇଁ ଏଭଳି ଭିଡିଓ ପ୍ରସ୍ତୁତ କରିଛନ୍ତି। ପୁନର୍ବାର ନିଃସନ୍ଦେହରେ କୁହାଯାଇପାରେ ସେହି ଅସ୍ତ୍ରୋପଚାର ପାଇଁ ମିଳିବାକୁ ଥିବା ଅର୍ଥ ଦ୍ୱାରା ଆକର୍ଷିତ ହୋଇଥାଇପାରନ୍ତି। କିନ୍ତୁ ଏହାସବୁ ତାଙ୍କ ବିରୋଧରେ ଧରିବା ଉଚିତ ନୁହେଁ।

ଭାରତର ସବୁ ସାନବଡ଼ ସହରରେ ଘଟୁଥିବା ବର୍ଷାଜନିତ ଟ୍ରାଫିକ୍ ସମସ୍ୟାକୁ ମଧ୍ୟ ଗୌଣ କରାଯାଇପାରିବ ନାହିଁ। ତତ୍‌ସହିତ ଭାରତୀୟ ନାଗରିକମାନେ ଅତ୍ୟନ୍ତ ସଚେତନ ହେବା ଦରକାର ଯେ, ଏହିଭଳି ନିଜର ପ୍ରଚାର ପ୍ରସାର କରୁଥିବା ଆଜିକାର ଯୁଗରେ କ୍ୱଚିତ ଲୋକ ବାସ୍ତବରେ ଜନହିତକାରୀ କାର୍ଯ୍ୟ କରୁଛନ୍ତି। ଗ୍ରାମାଞ୍ଚଳରେ ରହୁଥିବା ଅନେକ ଡାକ୍ତରଙ୍କ କଥା ସୋସିଆଲ ମିଡିଆରେ ଶୁଣିବାକୁ ମିଳେ ନାହିଁ। ବିନା ଅର୍ଥରେ ଅସ୍ତ୍ରୋପଚାର କରୁଥିବା ସରକାରୀ ଡାକ୍ତରଙ୍କର କାହାଣୀ ଅନ୍ଧାରରେ ଲୁଚିଯାଏ। ସେମାନେ କିଭଳି ନାଳ, ନଦୀ ଓ ଜଙ୍ଗଲ ଅତିକ୍ରମ କରି ରୋଗୀଙ୍କୁ ସେବା ଦେଉଛନ୍ତି ତାହା ଆମକୁ ସାମାଜିକ ଗଣମାଧ୍ୟମରେ କାଁ ଭାଁ ଦେଖିବାକୁ ମିଳେ। ଏଥିରେ ଆମେ ଭାରତୀୟ ଶିକ୍ଷା ନେବା ଉଚିତ ଯେ, ଆଜିକାର ସମୟରେ କେବଳ ଗଳ୍ପ କହୁଥିବା ମିଥ୍ୟାବାଦୀମାନଙ୍କୁ ଚିହ୍ନିବା ଦରକାର। ଭାରତ ପଞ୍ଚମ ବୃହତ୍ ଅର୍ଥନୀତି ହେବାଠାରୁ ଆରମ୍ଭ କରି ଚାଇନା ଏବଂ ପାକିସ୍ତାନକୁ ଯୁଦ୍ଧରେ ହରାଇପାରିବା ଭଳି ଅସତ୍ୟ ପ୍ରଚାରକୁ ନ ବୁଝିଲେ ଭବିଷ୍ୟତରେ ବିରାଟକାୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

# ମୁଦ୍ରାସ୍ଫୀତି କରୁଛି ଦାସତ୍ୱ

ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇ ଗତ ଅଗଷ୍ଟରେ ୭ ପ୍ରତିଶତରେ ପହଞ୍ଚିଥିବା ରିପୋର୍ଟ ଏବେ ପ୍ରକାଶ ପାଇଛି। ଏହା ଜୁଲାଇରେ ୬.୭୧ ପ୍ରତିଶତ ଥିଲା। ଅର୍ଥାତ୍ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ଊର୍ଦ୍ଧ୍ୱଗାମୀ ହେବାର ମୂଳରେ ରହିଛି ଖାଦ୍ୟସାମଗ୍ରୀ ଦରରେ ଅତ୍ୟଧିକ ବୃଦ୍ଧି। ମୁଦ୍ରାସ୍ଫୀତିକୁ ଆୟତ୍ତ କରିବା ଲାଗି ଇତିମଧ୍ୟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ରେପୋ ରେଟ୍ ହାରରେ ଦୁଇ ଥର ବୃଦ୍ଧି କରିସାରିଛନ୍ତି। ହେଲେ ତାହା ନିୟନ୍ତ୍ରଣ ମଧ୍ୟକୁ ଆସୁ ନ ଥିବାରୁ ଚଳିତମାସ ଶେଷ ଆଡ଼କୁ ଏହି ରେଟ୍ ପୁଣି ବଢ଼ିବ ବୋଲି ସୂଚନା ଦିଆଗଲାଣି। ରେପୋ ରେଟ୍ ବଢୁଥିବାରୁ ଗୃହ ଓ ଯାନ ସକାଶେ ଋଣ କରିଥିବା ଉପଭୋକ୍ତା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇଗଲେଣି। ଉଦାହରଣ ସ୍ୱରୂପ, ଘର ତିଆରି ପାଇଁ ଋଣ ନେଇଥିବା ବ୍ୟକ୍ତି ତାହାକୁ ପରିଶୋଧ କଲା ବେଳକୁ ସୁଧ ଓ ମୂଳ ଦେଇଥାଆନ୍ତି। ଏବେ ସୁଧ ପରିମାଣ ବଢ଼ିଯାଉଥିବା ବେଳେ ମୂଳ ପରିଶୋଧ ପରିମାଣ ହ୍ରାସ ପାଉଛି। ଏହାଦ୍ୱାରା ସୁଧ ଆକାରରେ ଋଣ ବୋଝ ବୃଦ୍ଧି ପାଉଛି ଏବଂ ମଧ୍ୟବିତ୍ତ ଅଧିକ ଶୋଷିତ ହେଉଛି। ଏଥିସହିତ ଖାଦ୍ୟସାମଗ୍ରୀ ଦର ଯେଭଳି ବଢ଼ିବଢ଼ି ଚାଲିଛି ତାହା ନିକଟ ଭବିଷ୍ୟତରେ ନିୟନ୍ତ୍ରଣ ମଧ୍ୟକୁ ଆସିପାରିବ ବୋଲି ମନେ ହେଉନାହିଁ। ତାହା ସହିତ ଏହିଭଳି ଅର୍ଥନୈତିକ ସମସ୍ୟାକୁ କେଉଁ ଧାର୍ମିକ ପଦକ୍ଷେପ ଦ୍ୱାରା ସମ୍ଭାଳାଯାଇପାରିବ, ତାହା ମଧ୍ୟ ଆମ ଭଳି ସାଧାରଣ ନାଗରିକଙ୍କୁ କେହି ବୁଝାଇ ପାରୁନାହାନ୍ତି।

ଭାରତରେ ଲୋକେ ଆର୍ଥିକ ଅସୁବିଧା ଦେଇ ଗତି କରୁଥିବା ବେଳେ କେନ୍ଦ୍ର ସରକାର କୌଣସି ସକାରାତ୍ମକ ପଦକ୍ଷେପ ନେବା ଭଳି ଦିଶୁ ନାହିଁ। ଏହାର ଦୃଷ୍ଟାନ୍ତ ଗତ ସପ୍ତାହରେ ଦିଲ୍ଲୀଠାରେ ଦେଖିବାକୁ ମିଳିଥିଲା। ସରକାର ଖୁବ୍ ଜାକଜମକରେ 'ରାଜପଥ'ର ନାମ 'କର୍ତ୍ତବ୍ୟପଥ'ରେ ପରିଣତ କରି ବାହାବା ନେଇଛନ୍ତି। ନାମ ପରିବର୍ତ୍ତନ ବିଷୟରେ ସଫେଇ ଦିଆଯାଇ କୁହାଯାଇଛି ଯେ, ବ୍ରିଟିଶ ଅମଳର ଦାସତ୍ୱକୁ ବିଲୋପ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଇତିହାସ ଉପରେ ସାମାନ୍ୟ ଜ୍ଞାନ ଥିବା ବ୍ୟକ୍ତି ବୁଝିପାରିବେ ଯେ ବ୍ରିଟିଶ ଶାସକ ସେତେବେଳେ ନେଇଥିବା ଅନେକ ପଦକ୍ଷେପ ଭାରତକୁ ଉନ୍ନତି ପଥରେ ଆଗେଇ ନେଇଥିଲା। ରେଳପଥ, ଡାକ, ପୋଲିସ ଓ ପ୍ରଶାସନିକ ବ୍ୟବସ୍ଥା ଆଦି ଏହିଭଳି ଗୁଡ଼ାଏ କ୍ଷେତ୍ର ରହିଛି, ଯେଉଁଗୁଡ଼ିକୁ ଇଂଲିଶ ଶାସକ ପ୍ରଚଳନ କରିଥିଲେ। ଆଜିର ସ୍ଥିତିରେ କେନ୍ଦ୍ର ସରକାର ଏହି ବ୍ୟବସ୍ଥାକୁ ବଦଳାଇ ସେଗୁଡ଼ିକ ସ୍ଥାନରେ ନୂଆ ବ୍ୟବସ୍ଥା କରିବାକୁ ଚିହିଁବେ କି ବୋଲି ସାଧାରଣରେ ପ୍ରଶ୍ନ ହେବା ସ୍ୱାଭାବିକ। ଅର୍ଥାତ୍ ଭାରତୀୟ ରେଳ, ଭାରତୀୟ ଡାକ ଏଗୁଡ଼ିକ ସବୁ ବ୍ରିଟିଶ ଯେହେତୁ ଆରମ୍ଭ କରିଥିଲେ ସେହେତୁ ବନ୍ଦ କରିଦିଆଯିବା ଉଚିତ। ନଚେତ୍ ସର୍ବନିମ୍ନରେ ପୋଷ୍ଟାଲ ଓ ରେଳ ଭଳି ବ୍ୟବସ୍ଥାର ନାମ ପରିବର୍ତ୍ତନ କରାଯାଉ ବୋଲି ଦାବି ହେବା ଦରକାର। ତାହା ନ ହେବା ପର୍ଯ୍ୟନ୍ତ ଭାରତୀୟମାନଙ୍କର କ୍ରିତଦାସ ମାନସିକତା ଆଜିର ସରକାରଙ୍କ ଯୁକ୍ତି ଅନୁଯାୟୀ ବଜାୟ ରହିବାର ସମ୍ଭାବନା ରହିଛି। କାରଣ ରାଜପଥ ଭଳି ଏଗୁଡ଼ିକ ମଧ୍ୟ ଦାସତ୍ୱର ପ୍ରତିନିଧିତ୍ୱ କରୁଛନ୍ତି। କୌଣସି ଶାସକ ଇତିହାସକୁ ବଦଳାଇ ନୂଆ ଇତିହାସ ଲେଖିଦେଇପାରନ୍ତି। ତାହା ତାଙ୍କ ହାତରେ ଅଛି। କିନ୍ତୁ ଯେଉଁ ମୂଳଦୁଆ ଉପରେ ଏକ ଜାତି ଦଣ୍ଡାୟମାନ, ତାହାର ଚେରକୁ ସମ୍ପୂର୍ଣ୍ଣ କାଟିଦେଲେ ପରବର୍ତ୍ତୀ ପିଢ଼ି କିଛି ସମୟ ପାଇଁ ବାଉଳା ହେବ ; କିନ୍ତୁ ଯେମିତି ଔରଙ୍ଗଜେବ୍‌ଙ୍କୁ ଘୃଣା ଚକ୍ଷୁରେ ଦେଖାଯାଉଛି ସେହିଭଳି ଇତିହାସକୁ ବିକୃତ କରୁଥିବା ଶାସକଙ୍କୁ ଆଗାମୀ ପିଢ଼ି ସେହିପରି ଦେଖିବ। ଏ ବିଷୟକୁ ହେଜୁ ନ ଥିବା ନେତୃମଣ୍ଡଳୀଙ୍କ ବାସ୍ତବ ଲକ୍ଷ୍ୟ ଦେଶର ଉନ୍ନତି ଓ ଅସ୍ମିତାରେ ଥିବା ଭଳି ମନେ ହେଉନାହିଁ। କାରଣ ବିକାଶ କୌଣସି ନାମ ପରିବର୍ତ୍ତନରେ ଆସିପାରି ନ ଥାଏ। ନାମ ପରିବର୍ତ୍ତନକୁ ନେଇ ଶେକ୍ସପିୟରଙ୍କ ଦ୍ୱାରା କୁହାଯାଇଥିବା ଏକ ପ୍ରବାଦର ଓଡ଼ିଆରେ ମର୍ମାନୁବାଦ କଲେ କୁହାଯାଇପାରେ–'ନାମରେ କ'ଣ ଅଛି ? ଗୋଲାପକୁ ଯେଉଁ ନାମରେ ଉଚ୍ଚାରଣ କଲେ ମଧ୍ୟ ତାହାର ସୁଗନ୍ଧ ସେହି ଏକାଭଳି ରହିଥାଏ'। ତେଣୁ ଏକ କସ୍‌ମେଟିକ୍ ପରିବର୍ତ୍ତନ ଦ୍ୱାରା ଦେଶର ଲୋକଙ୍କ ସମସ୍ୟା ଦୂର ହୋଇପାରିବ ନାହିଁ। ଯେତେବେଳେ ଅସଂଖ୍ୟ ଲୋକ ଦାରିଦ୍ର୍ୟ ଓ ବେକାରି ସମସ୍ୟା ଦେଇ ଗତି କରୁଥିବେ, ସେତେବେଳେ ସେମାନଙ୍କ କାନରେ ସୁମଧୁର ଶୁଭୁଥିବା ଶବ୍ଦ ଉଚ୍ଚାରଣ କଲେ ସେମାନଙ୍କ ପେଟ ପୂରିବ ନାହିଁ। ଏଥିପାଇଁ ବାସ୍ତବବାଦୀ ନୀତି ଓ ତାହାର ଉଚିତ କାର୍ଯ୍ୟକାରିତାର ଆବଶ୍ୟକତା ରହିଛି।

# ପ୍ରାଚୀନ ବିଜ୍ଞାନର ନୂଆ ସ୍ୱରୂପ



ସୌଭାଗ୍ୟ ସୁନ୍ଦରରାୟ

ପୁରାତନ ବିଜ୍ଞାନ ଓ ଆଧୁନିକ ବିଜ୍ଞାନ ମଧ୍ୟରେ ପ୍ରଭେଦ ଅନେକ। ପୁରାଣ ଯୁଗର ତଥ୍ୟକୁ ଆଧୁନିକ ବିଜ୍ଞାନ ଏତେଟା ବିଶ୍ୱାସ କରି ନ ଥାଏ। ପ୍ରାଚୀନ ବିଜ୍ଞାନକୁ ଅନ୍ଧବିଶ୍ୱାସ ବୋଲି ମଧ୍ୟ ଆଧୁନିକ ବିଜ୍ଞାନ ଅଭିହିତ କରିଥାଏ। କିନ୍ତୁ ପ୍ରାଚୀନ ବିଜ୍ଞାନର ସୃଷ୍ଟି ତତ୍ତ୍ୱର ଉପାଦାନ ଯେ ଆଧୁନିକ ବିଜ୍ଞାନର ଗବେଷଣାର ଆଧାର ହୋଇପାରୁଛି ତାହା ଆମକୁ ସ୍ୱୀକାର କରିବାକୁ ପଡ଼ିବ। ଅତୀତରେ ପଦାର୍ଥ ବିଜ୍ଞାନ ବା କମ୍ପ୍ୟୁଟର ବିଜ୍ଞାନ ନ ଥିଲା, କିନ୍ତୁ ଗଣିତ, ଜ୍ୟୋତିର୍ବିଜ୍ଞାନ ଓ ଭେଷଜ ବିଜ୍ଞାନ ଥିଲା ବୋଲି ଗ୍ରହଣ କରିବାକୁ ହେବ। ଏହାର ରୂପ ଭିନ୍ନ ହୋଇଥାଇପାରେ, କିନ୍ତୁ ମୌଳିକ ଉପାଦାନ ଥିଲା। ପ୍ରାଚୀନ ଶାସ୍ତ୍ରରେ ଥିବା ତଥ୍ୟର ବିବର୍ତ୍ତନରୁ କ୍ରମେ ହିଁ ଆମେ ଆଧୁନିକ ବିଜ୍ଞାନ ପାଇଛେ।

ଅନ୍ତର୍ଜାତୀୟ ଗବେଷଣାତ୍ମକ ପତ୍ରିକା ଫିଜିକ୍ସ ଅଫ୍ ଦି ଆର୍ଥ ଆଣ୍ଡ ପ୍ଲାନେଟାରି ଇଣ୍ଟେରିଅରରେ 'ପାତାଳ ଲୋକ' ନେଇ ନୂଆ ତଥ୍ୟ ପ୍ରକାଶ ପାଇଛି। ସନ୍ଦର୍ଭ ଲେଖକ ଇଂଲଣ୍ଡ ୟୁନିଭର୍ସିଟିର ଭୂକମ୍ପ ବିଶାରଦ ଜେସିକା ଇରଭିଂ ଦର୍ଶାଇଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ଏକ ନୂଆ ଲୁକ୍କାୟିତ ବିଶ୍ୱ। ଗବେଷଣାରୁ ଜଣାପଡ଼ିଛି ଯେ, ପୃଥିବୀର କେନ୍ଦ୍ର ଭାଗ କଠିନ ବୋଲି ଆମେ ଯାହା ଜାଣି ଆସିଛେ ତାହା ଠିକ୍ ନୁହେଁ। ଏହାର କେନ୍ଦ୍ର ଭାଗ କଠିନ, ବର୍ତ୍ତୁଳାକାର ଏବଂ ଲୌହ ଧାତୁରେ ଗଠିତ ବୋଲି ପୂର୍ବରୁ ଧାରଣା ରହିଆସିଛି। ଏହି କଠିନ ଗୋଲାକାର କ୍ଷେତ୍ରଟି ଲୌହ ଧାତୁର ଏକ ସଂକୋଚନ ପିଣ୍ଡ ଭଳି କୁହାଯାଉଥିଲା। ବର୍ତ୍ତମାନ ଜଣାପଡୁଛି ଯେ ପୃଥିବୀର କେନ୍ଦ୍ରାଞ୍ଚଳ କେଉଁ ସ୍ଥାନରେ କୋମଳ ତ କେଉଁଠି ଏହା ଟାଣ, ପୁଣି କେଉଁଠି ତରଳ ଅବସ୍ଥାରେ ରହିଛି। ତେବେ ପୃଥିବୀର କେନ୍ଦ୍ରାଞ୍ଚଳ ଏତେ ଉତ୍ତପ୍ତ ଓ ଚାପଯୁକ୍ତ ଯେ ମଣିଷ ବା ଯନ୍ତ୍ର ଦ୍ୱାରା ଏହାର ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ସମ୍ଭବ ନୁହେଁ। ଏହି ନୂଆ ତଥ୍ୟ ଦ୍ୱାରା ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସମ୍ପର୍କରେ ଅନେକ ନୂଆ ତଥ୍ୟ ମିଳିପାରିବ ବୋଲି ଆଶା କରାଯାଉଛି। ସୃଷ୍ଟି ତତ୍ତ୍ୱ କୁହେ, ପୃଥିବୀ ତଳେ ୭ଟି ଭୂବିବର ବା ଭୂଲୋକ ରହିଛି। ଏଗୁଡ଼ିକ ହେଲା ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ ଓ ପାତାଳ। ପାତାଳ ତଳେ ରୁହନ୍ତି ଅନନ୍ତ ଯେ, ଏ ବ୍ରହ୍ମାଣ୍ଡକୁ ନିଜ ମସ୍ତକରେ ଧାରଣ କରିଛନ୍ତି। ସୁତଳ ହେଉଛି କୁଆଡ଼େ ବିରୋଚନ ପୁତ୍ର ବଳି ମହାରାଜଙ୍କ ନିବାସସ୍ଥଳୀ। ପାତାଳରେ କୁଆଡ଼େ ଭୟଙ୍କର ସର୍ପ ରହିଥାନ୍ତି। ଏ କଥା ପୁରାଣରେ ବର୍ଣ୍ଣିତ। ଏହାର ସତ୍ୟତା କେତେ ତାହା ଆଧୁନିକ ବିଜ୍ଞାନ ଦ୍ୱାରା ପ୍ରମାଣ ହୋଇପାରିବ। କିନ୍ତୁ ପୃଥିବୀର କେନ୍ଦ୍ରାଞ୍ଚଳକୁ ନେଇ ଯେଉଁ ନୂତନ ତଥ୍ୟ ସାମ୍ନାକୁ ଆସିଛି ତାହା ପ୍ରାଚୀନ ସୃଷ୍ଟି ତତ୍ତ୍ୱ ଆଡ଼କୁ ଅଗ୍ରସର ହେଉଥିବା ମନେକରାଯାଉଛି। ବିଶ୍ୱ ବ୍ରହ୍ମାଣ୍ଡର ଆଦି ଓ ଅନ୍ତ ଖୋଜିବା ପାଇଁ ଏକଦା ଶିବ କୁଆଡ଼େ ବ୍ରହ୍ମା ଓ ବିଷ୍ଣୁଙ୍କୁ କହିଥିଲେ। ବିଷ୍ଣୁ ଅନ୍ତ ଖୋଜିବାକୁ ଯାଇ ନିରାଶ ହୋଇ ଫେରିଥିଲେ। କିନ୍ତୁ ବ୍ରହ୍ମା ସୃଷ୍ଟିର ଆଦି ପାଇଥିବା ବିଷୟ ଶିବଙ୍କୁ ଜଣାଇଥିଲେ। ଏହାର ସାକ୍ଷ୍ୟ ସ୍ୱରୂପ ସେ କେତକୀକୁ ଶିବଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ଏହି ମିଥ୍ୟା ବୟାନ ସମ୍ପର୍କରେ ଶିବ ଜାଣିପାରିଥିଲେ। କେତକୀ ମିଥ୍ୟା ସାକ୍ଷ୍ୟ ପ୍ରଦାନ କରିଥିବାରୁ ଶିବଙ୍କ ଦ୍ୱାରା ଉପେକ୍ଷିତ ହେଲେ। କେବଳ ଗୋଟିଏ ଦିନ ଏହା ଶିବଙ୍କ ନିକଟରେ ଲାଗି ହେବାର ଅନୁମତି ମିଳିଲା। ଏବେ ବିଜ୍ଞାନ ଏହି ଆଦି– ଅନ୍ତ ଖୋଜିବା ଅଭିଯାନରେ ସାମିଲ ହୋଇଛି କହିଲେ ଚଳେ।



ଦିନେ ମଣିଷ ହାତର ଟିପଚିହ୍ନ ଥିଲା ନିରକ୍ଷରତାର ପ୍ରତୀକ। ଟିପଚିହ୍ନ ଉଠାଇ ସମସ୍ତଙ୍କୁ ସାକ୍ଷର କରାଇବା ପାଇଁ ଆରମ୍ଭ ହେଲା ଯୋଜନା। ଏହି ଯୋଜନା ମଧ୍ୟରେ ପୌଢ଼ ଶିକ୍ଷା ମଧ୍ୟ କାର୍ଯ୍ୟକାରୀ ହେଲା। କେହି ଆଙ୍ଗୁଠି ଛାପ ଦେବେ ନାହିଁ। ସମସ୍ତେ ଦସ୍ତଖତ କରିବେ। ମାତ୍ର ୩ ଦଶନ୍ଧି ମଧ୍ୟରେ ଆଙ୍ଗୁଳି ଛାପ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ସଂଯୋଗ ହେଲା। ଏହାର ରୂପାନ୍ତରିତ ନାମ ହେଲା ବାୟୋମେଟ୍ରିକ , ଅର୍ଥାତ୍ ଏକ ଯନ୍ତ୍ରରେ ଆଙ୍ଗୁଳି ଟିପିଲେ ଚିହ୍ନ ରହିଯିବ। ଏଇ ଚିହ୍ନରୁ ବ୍ୟକ୍ତିର ପରିଚୟ ମିଳିବା ସହଜ ହୋଇପାରିବ। ସୃଷ୍ଟି ସର୍ଜନା ସମୟରେ ମନୁଷ୍ୟକୁ ଏପରି ଭାବେ ଗଢ଼ାଯାଇଛି ଯେ, ପ୍ରତ୍ୟେକଙ୍କର ଟିପଚିହ୍ନ ସ୍ୱତନ୍ତ୍ର। କାହାରି ସହ କାହାର ଏହା ମେଳ ଖାଇ ନ ଥାଏ। ଏହି କାରଣରୁ ଚିହ୍ନଟ ପ୍ରକ୍ରିୟା ପାଇଁ ଏବେ ଏହାର ବ୍ୟାପକ ବ୍ୟବହାର କରାଯାଉଛି। ଏହି ଐଶ୍ୱରିକ ଚମତ୍କାରିତାକୁ ଆଧୁନିକ ବିଜ୍ଞାନ ସ୍ୱୀକାର କରିବାର ଆବଶ୍ୟକତା ରହିଛି।

ପୃଥିବୀଠାରୁ ସର୍ବାଧିକ ଦୂରତାରେ ରହିଥିବା ଆମେରିକାର ନାସା ପ୍ରେରିତ ଅନ୍ତରୀକ୍ଷ ଯାନ ଭଏଜର ଆମ ସୌରମଣ୍ଡଳ ବାହାରେ ଥିବା ଅନ୍ତରୀକ୍ଷରେ ଏକ ନିରନ୍ତର ଗୁଣୁଗୁଣୁ ଶବ୍ଦ ସନ୍ଧାନ କରିବାରେ ସମର୍ଥ ହୋଇଛି। ଆମ ସୌରମଣ୍ଡଳ ବାହାରେ ଥିବା ନକ୍ଷତ୍ରଗୁଡ଼ିକ ମଧ୍ୟରେ ଯେଉଁ ଶୂନ୍ୟ ସ୍ଥାନ ରହିଛି ତା' ମଧ୍ୟରୁ ଏହି ଅଦ୍ଭୁତ କ୍ଷୀଣ ଶବ୍ଦ ଶୁଣାଯାଉଛି ବୋଲି ଗବେଷକମାନେ ମତବ୍ୟକ୍ତ କରୁଛନ୍ତି। ତେବେ ଶବ୍ଦର ବାସ୍ତବ ଉତ୍ପତ୍ତିସ୍ଥଳର ସନ୍ଧାନ ଗବେଷକମାନେ କରିପାରି ନାହାନ୍ତି। ଏଇଠି ମନେପଡ଼େ ଓଡ଼ିଶାର ନେତ୍ରହୀନ ମହିମା ଧର୍ମାବଲମ୍ବୀ ସନ୍ଥକବି ଭୀମ ଭୋଇଙ୍କର 'ଚାଲନ୍ତି ଶୂନ୍ୟେ ଶବଦ, ଅନୁମାନେ ଚିତ୍ତ ଭେଦ' କବିତା ପଂକ୍ତି। ଭୀମ ଭୋଇ ଥିଲେ ବ୍ରହ୍ମବାଦୀ ତଥା ଶୂନ୍ୟବାଦୀ। ନିଜର ଦିବ୍ୟଶକ୍ତି ଓ ସୂକ୍ଷ୍ମ ଅନୁଭବ ଦ୍ୱାରା ବୋଧହୁଏ ସେ ଏହି ଶୂନ୍ୟ ଶବ୍ଦ କଥା କହିଛନ୍ତି। ସେହିପରି ପୌରାଣିକ ତଥ୍ୟ ଅନୁଯାୟୀ ଧ୍ୟାନସ୍ଥ ଅବସ୍ଥାରେ ଥିବା ବ୍ରହ୍ମାଙ୍କ ହୃଦୟାକାଶରୁ ଏକ ଶବ୍ଦ ବାହାରି ଆସିଲା, ଯାହା ହେଲା ବ୍ରହ୍ମନାଦ। ଏହି ବ୍ରହ୍ମନାଦ ନିରନ୍ତର କର୍ଣ୍ଣ ଗହ୍ୱରକୁ ଭେଦକରିଥାଏ। ଭଏଜର ଚିହ୍ନଟ କରିଥିବା ଶବ୍ଦଟିର ପୌରାଣିକ ବ୍ରହ୍ମନାଦ ସହ ସମ୍ପର୍କ ରହିଛି କି ନାହିଁ ସେସମ୍ପର୍କରେ କିଛି ତଥ୍ୟ ନାହିଁ। କିନ୍ତୁ ଭଏଜର ଚିହ୍ନଟ କରିଥିବା ଶବ୍ଦ ଏବଂ ପ୍ରାଚୀନ ଶାସ୍ତ୍ରରେ ଉଲ୍ଲିଖିତ ଶବ୍ଦ ସମ୍ପର୍କରେ ଅଧିକ ଗବେଷଣା କରାଗଲେ ନୂତନ ତଥ୍ୟ ଉନ୍ମୋଚିତ ହୋଇପାରନ୍ତା।

ଅନ୍ୟ ଏକ ଘଟଣାରେ ଶ୍ରୀଲଙ୍କା ସରକାର ଦାବି କରିଛନ୍ତି, ରାବଣ ହେଉଛନ୍ତି ବିଶ୍ୱର ସର୍ବପ୍ରଥମ ବୈମାନିକ। ଶ୍ରୀଲଙ୍କାର ବେସାମରିକ ବିମାନ ଚଳାଚଳ ସଂସ୍ଥା ଉପାଧ୍ୟକ୍ଷ ଶଶୀ ଦାନାତୁଙ୍ଗଙ୍କ କହିବାନୁଯାୟୀ ଏହି ଦାବି ସପକ୍ଷରେ କେତେ ଅକାଟ୍ୟ ତଥ୍ୟ ହସ୍ତଗତ ହୋଇଛି। ପ୍ରାୟ ୫୦୦୦ ବର୍ଷ ତଳେ ରାବଣ ବିମାନ ଚାଳନା କରି ଭାରତ ଭୂଖଣ୍ଡକୁ ଯାଇ ଫେରିଥିଲେ ବୋଲି ଦାବି କରାଯାଇଛି। ଏଥିନେଇ ବିମାନ ଚଳାଚଳ ବିଶେଷଜ୍ଞ, ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ଭୂତତ୍ତ୍ୱବିତ୍ ଓ ବୈଜ୍ଞାନିକଙ୍କୁ ନେଇ ଏକ ସମ୍ମିଳନୀ ଶ୍ରୀଲଙ୍କାରେ ଆୟୋଜିତ ହୋଇଯାଇଛି। ଇତିମଧ୍ୟରେ ଶ୍ରୀଲଙ୍କା ସରକାର ପ୍ରଥମ ଶୃଙ୍ଖଳର ଯେଉଁ ଉପଗ୍ରହ ମହାକାଶକୁ ପ୍ରେରଣ କରିଛନ୍ତି ତାହାର ନାମ 'ରାବଣ' ରଖିଛନ୍ତି। ରାମାୟଣ କୁହେ, ଏହି ରାବଣ ସୀତାଙ୍କୁ ଅପହରଣ କରି ପୁଷ୍ପକ ଯାନରେ ଲଙ୍କାକୁ ନେଇ ଆସିଥିଲେ। ରାବଣଙ୍କୁ ନିହତ କରିବା ପରେ ଏହି ଯାନରେ ସୀତାଙ୍କୁ ନେଇ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ଅଯୋଧ୍ୟା ଫେରିଥିଲେ। ପୁଷ୍ପକ ବିମାନ ଏକ ଉଡ଼ନ୍ତା ଯାନ। ଏହାର ଉଦ୍ଭାବକ ରାବଣ ବୋଲି ଶ୍ରୀଲଙ୍କା ସରକାର ଦାବି କରିଛନ୍ତି। ଆଧୁନିକ ବିଜ୍ଞାନର ଏହି ଜୟଯାତ୍ରା ପ୍ରଶଂସନୀୟ।

ମୋ–୯୪୩୭୨୨୯୨୩୩

# ତାଳଗଛରେ ପତି



ଡ. କୁଳାଙ୍ଗାର

ସିଏ ବଜାରରୁ ଫେରିଲା ବେଳକୁ ତା' ପତ୍ନୀଦେବୀ ହାତରେ ଖବରକାଗଜଟାକୁ ଧରି ଆକାଶକୁ ଅନେଇ ବସିଛି! ଏହା ଦେଖି ଆଗୁଆ ସତର୍କ ହୋଇଗଲା। ଏମିତିରେ ତ ଅନ୍ୟପତ୍ନୀମାନଙ୍କ ପରି ତା' ପତ୍ନୀ ମଧ୍ୟ ଊର୍ଦ୍ଧ୍ୱମୁଖୀ। ବାରମ୍ବାର ସେଇ ସଂଳାପମାନ ଶୁଣିବାକୁ ମିଳେ: ତମକୁ ବାହା ହୋଇ ମଣିଷ ବର୍ବାଦ ହୋଇଗଲା। କୋଉ ଜନ୍ମରେ କି ଦୋଷ କରିଥିଲି ଯେ ମଣିଷ ୟା ହାତ ଧରିଲା! ଏତେ ଅଳସୁଆ ଲୋକ... କିଛି ଗୋଟେ ଏକ୍ସଟ୍ରା ରୋଜଗାର ନାଇଁ। ୟାଙ୍କ ଦେଇ ଖଡ଼ା ଶିଝିବ ନାହିଁ!

ଏମିତି ସବୁ ଆଜି ପୁଣି ଶୁଣିବାକୁ ପଡ଼ିବ କି? ଖାଲି ଶୁଣିଲେ ତ ଚଳନ୍ତା। ସେଥିରେ ପୁଣି ପ୍ରତିକ୍ରିୟା ଦେଲେ ଅଡୁଆ, ନ ଦେଲେ ଆହୁରି ଅଡୁଆ। ଅତଏବ ଆଗୁଆ ସନ୍ଧି ସର୍ବୋତ୍ତମ ଉପାୟ। ତେଣୁ ସିଏ ତାହାକୁ ଅବଲମ୍ବନ କରି କହିଲା – ମୋତେ କ୍ଷମା କରିଦିଅ... ମୋର ଭୁଲ୍ ହୋଇଛି.....!

ଘରଣୀ ତା' କଥା ଶୁଣି ମୁହଁକୁ ଫୁଲେଇ ଖବରକାଗଜ ଦେଖେଇ ପଚାରିଲେ – ମୁଁ କ'ଣ ତମକୁ ଏତେ ନିର୍ଯାତନା ଦେଉଛି ? ସିଏ ସ୍ୱଭାବତଃ ନା... ନା.. ନା.. କହୁକହୁ ତା' ଦୃଷ୍ଟିରେ ପଡ଼ିଲା ଖବର ; ପତ୍ନୀ ନିର୍ଯାତନା ଅସହ୍ୟ ହେବାରୁ ମାସାଧିକ କାଳ ତାଳଗଛରେ ଚଢ଼ି ଆଶ୍ରୟ ନେଲା ସ୍ୱାମୀ। ଉପରୋକ୍ତ ଖବରଟିକୁ ପଢ଼ି ସିଏ କୃତକୃତ୍ୟ ଅନୁଭବ କଲା। ତାକୁ ଶୁଭିଲା ଘରଣୀ ଯେମିତି କହୁଛନ୍ତି ; ଦେଖ ଦେଖ... ତମେ କେଡ଼େ ଭାଗ୍ୟବାନ ସ୍ୱାମୀ। ମୁଁ କ'ଣ ତମକୁ ଏତେ ନିର୍ଯାତନା ଦେଉଛି ? ସିଏ କେତେ ପରିମାଣରେ ନିର୍ଯାତିତ ହୋଇଥିବେ ଟିକେ ଭାବି ଦେଖ!

ତାଳଗଛରେ ଚଢ଼ିଥିବା ପତିଟିର ଅବସ୍ଥା କଥା ଭାବି ସିଏ ଭାବପ୍ରବଣ ହେଲା। ସିଏ ଭାବିଲା– ଆହା, ଦିନେ ଆଗରୁ ଏ ଖବର ମିଳିଥିଲେ ; ବନ୍ୟା ଅଞ୍ଚଳରେ ବନ୍ୟାପ୍ରପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ନ ବାଣ୍ଟି ବିଚରା ପତ୍ନୀ ପ୍ରପୀଡ଼ିତକୁ ସାହାଯ୍ୟ କରିଥିଲେ ଅଧିକ ଧର୍ମ ହୋଇଥାଆନ୍ତା! ତା' ଡେଣାକୁ ହଲେଇ ଦେଇ ପତ୍ନୀଦେବୀ ପଚାରିଲେ – କ'ଣ ଭାବୁଚ ? ସିଏ କହିଲା ଭାବୁଚି ; ବନ୍ୟାସୁଅ ଆସିଲେ ଅତିବେଶିରେ ଛାତ ଉପରକୁ ପଳେଇଗଲେ ଲୋକେ ତ୍ରାହି ପାଇଯାଉଛନ୍ତି, ହେଲେ ନିର୍ଯାତନା ସୁଅ ଏମିତି କେତେ ହେଲା ଯେ ଲୋକଟାକୁ ଏତେ ଉପରକୁ ଚଢ଼ିଯିବାକୁ ପଡ଼ିଲା!

ଘରଣୀ ଏଥର ନିଜର ଅସଲ ପ୍ରକୃତି ଓ ସ୍ୱର ପ୍ରଦର୍ଶନକରି କହିଲେ – ମଲା ଯା... ତମର ଯେତେ ସବୁ ଛୋପରା କଥା ! ଆହେ ନିର୍ଯାତନା କୋଉ ସ୍ତ୍ରୀ କାହିଁକି ବା ଦିଅନ୍ତା ? ଲୋକଟାଠି ନିଶ୍ଚୟ କିଛି ଦୋଷ ଥିବ। ତମକୁ ତ ମୁଁ କେତେଥର ଚାଟିଂବେଳେ ଧରିଛି ସେମିତି ଯଦି ଅଧିକ ଆଗକୁ ଗମନ କାଳରେ ସ୍ୱାମୀଟି ଧରା ପଡ଼ିଥିବ ତେବେ ମାଡ଼ ଡରରେ ଉପରକୁ ଚଢ଼ିଯାଇଥିବ ଆଉ ତଳକୁ ଆସିବାକୁ ଆହୁରି ଭୟ କରୁଥିବ କିମ୍ବା ଡରରେ ସିନା ଚଢ଼ି ଯାଇଥିବ ହେଲେ ଓହ୍ଲେଇବା ଜଣା ନ ଥିବ ! ଘରଣୀ ଆହୁରି ଆକଳନ କରି କହିଲେ – ତମ ପୁରୁଷ ଜାତିକି କି ବିଶ୍ୱାସ, ଲୋକଟା ଯଦି ତମ ପରି ମହା ଲୁଙ୍ଗୁରା ହୋଇଥିବ,



ତେବେ ଉପରେ ବସି ଝିଅବୋହୂଙ୍କୁ ଉଣ୍ଡିବାକୁ ସୁବିଧା ହେବ ବୋଲି କାଳେ ଚଢ଼ି ଯାଇକି ବସିଥିବ !

ଘରଣୀର କଥା ଶୁଣି ସିଏ ମୁଣ୍ଡରେ ହାତ ଦେଲା ଏବଂ କହିଲା – ତମେ ଅବଶ୍ୟ ଠିକ୍ କହିଛ, ଯାହା ହେଉପଛେ, ଲୋକଟାର ଘରଣୀକୁ ଦୋଷ ଦେବା ଠିକ୍ ହେବ ନାହିଁ। କାରଣ ଭଲରେ ହେଉ କି ମନ୍ଦରେ ପତିକୁ ଉପରକୁ ଚଢ଼ିବାରେ ସହାୟକ ହୋଇଛି। ଆମର ସେ ଭାଗ୍ୟ କାହିଁ? ଉପରକୁ ଯିବା ଛାଡ଼, ଘରକୁ ବାପା ମାଆଙ୍କ ପାଖକୁ ଯିବାକୁ କହିଲେ ନାଇଁ ନାଇଁ, ବନ୍ଧୁବାନ୍ଧବଙ୍କ ଘରକୁ ଯିବାକୁ କହିଲେ ନାଇଁ ନାଇଁ, ସାଙ୍ଗସାଥୀଙ୍କ ସହିତ ବୁଲାବୁଲି ଓ ପାର୍ଟି କରିବାକୁ ଯିବି କହିଲେ ନାଇଁ ନାଇଁ।

ତା' କଥା ରୋକି ଘରଣୀ କହିଲେ – ଆଲୋ ହଁ ହଁ.... ସେମିତି ବି ହୋଇଥିବ କି ଲୋକଟା ଅନବରତ ପିଆପିଇ କରୁଥିବ। ହେଲେ ତା' ମଙ୍ଗଳ ଚାହିଁ ଘରଣୀ ସେଥିରେ ଯଦି ବାଧା ଦେଇଥିବେ ତେବେ ଗଛ ଉପରେ ଚଢ଼ି ପିଇବା ସୁବିଧା ହେବ ଭାବି ଚଢ଼ିଯାଇଥିବ। ମୋର ଗୋଟେ ସାଙ୍ଗ କହୁଥିଲା କି ଦକ୍ଷିଣ ଭାରତରେ ଖଜୁରି ଓ ସଲପ ଗଛ ପରି ତାଳଗଛରୁ ମଧ୍ୟ ତାଡ଼ି କାଢ଼ନ୍ତି, ତାହା ବାସିହେଲେ ନିଶାପାଣିରେ ପରିଣତ ହୁଏ। କିଏ ଜାଣିଚି, ଲୋକଟା ସେମିତି କିଛି ଫନ୍ଦି କରି ଘରଣୀକୁ ବଦ୍‌ନାମ କରି ସେଠି ନିତି ତାଡ଼ି ପିଇ ନିଶାରେ ମସଗୁଲ୍ ନ ହେଉଥିବ! ତା' ଛଡ଼ା ଯେତେ ପବନ ହେଲେ ମଧ୍ୟ ତାଳଗଛ ସହଜେ ଭାଙ୍ଗେନା। ତେଣୁ ସେଥିରେ ବାସକଲେ ବିଶେଷ କିଛି ବିପଦ ନାହିଁ। ସ୍ତ୍ରୀ ଯୋଗୁ ନିରୋଳା ପବନ ପାଇବ। ଉଚ୍ଚସ୍ଥାନରେ ବସି ଚାରିଆଡ଼ର ଖବର ରଖିପାରିବ।

ସିଏ ଏଥର ବିରକ୍ତ ହୋଇ କହିଲା – ତମର ଯେତକ ସବୁ ସ୍ୱାମୀ ବିରୋଧୀ କଥା। ଆହେ ଏକଥା ମଧ୍ୟ କାହିଁକି ବିଚାର କରୁନ କି ଯେ ଏହି ଜରିଆରେ ସ୍ୱାମୀଟି ସ୍ତ୍ରୀର କେତେ ପ୍ରଚାର କରାଇଛି। ସ୍ୱାମୀ ହେଉ କି ସ୍ତ୍ରୀ କିଏ ସେହି ସ୍ତ୍ରୀ ବୋଲି ଜାଣିବାକୁ ଚାହୁଁଛନ୍ତି କି ନାଇଁ? ଦେଖିବ ଆଗକୁ ରାଜନୈତିକ ଦଳମାନେ ତାକୁ ଖୋଜିବେ ; କିଏ ସେହି ସଶକ୍ତ ବୀରାରମଣୀ ; ତାଙ୍କୁ ଅଞ୍ଚଳର ନେତୃତ୍ୱ ନେବାପାଇଁ ସୁଯୋଗ ଦେବା ଉଚିତ। ନାରୀସଂଘମାନେ ଆଗେଇ ଆସି ତାଙ୍କର ସାହସିକତାକୁ ସାବାସୀ ଜଣେଇବା ସହିତ ସମ୍ବର୍ଦ୍ଧିତ କରିବେ। ନାରୀ ସ୍ୱାଧୀନତା ଓ ଲିଙ୍ଗଗତ ସମାନତା ଉପରେ ଯେତେବେଳେ ସଭା, ସମ୍ମାନ ଓ ସନ୍ଦର୍ଭ ଆଦି ପ୍ରସ୍ତୁତ ହେବ, ସେତେବେଳେ ତାଙ୍କର ହିଁ ଉଦାହରଣ ଦିଆଯିବ!

ତା' କଥା ଶୁଣି ପତ୍ନୀଦେବୀ ପାଦକୁ ଦୁମ୍‌ଦୁମ୍ କରି ନାକରେ କାନ୍ଦି କହିଲେ ; ମୋ ଆଗରେ ଏସବୁ କହି କାହିଁକି କଟା ଘାଆରେ ଲୁଣ ଛାଟୁଛ ? ଘରଣୀଙ୍କର ସ୍ୱର ଏଥର ସାଙ୍ଗିତିକ ହେଲା ; ତୁ କାହିଁକି ଏମିତି ତରତର ହୋଇ ମୋତେ ଏମିତି ତୋ ଘରୁ ତଡ଼ିଲୁ ଲୋ.... ବୋଉ...., ମୋତେ ଦୁନିଆ ନଈରେ ଉବୁଟୁବୁ କରି ଭସେଇ ଦେଲୁ ଲୋ ବୋଉ...!! ପରିସ୍ଥିତି ଏବଂ ଅଭିଜ୍ଞତା ଦୃଷ୍ଟିରୁ ଭବିଷ୍ୟତ ଅବସ୍ଥାକୁ ଚାହିଁ ସିଏ ଏଥର କାନରେ ହାତ ଦେଇ ସିଡ଼ିରେ ପାଦ ପକେଇଲା।ଘରଣୀ ପଛପଟୁ ଚିତ୍କାର କରି ପଚାରିଲେ– ଛାତ ଉପରକୁ କୁଆଡ଼େ ଯାଉଛ ? ସିଏ କହିଲା – ଦେଖିବାକୁ.... ଆଖପାଖରେ କୋଉଠି ତାଳଗଛ ଅଛି ? ?

**ଅଲରା, ନରସିଂହପୁର, କଟକ**

**ମୋ:୮୮୯୫୮୨୫୮୬୩**

## ଏଇ ଭାରତରେ

ଚା ଦୋକାନରୁ ଘିକୁଆଁରୀ ଉତ୍ପାଦ ଯାଏ ଏକ ଦୀର୍ଘ ଯାତ୍ରାର କାହାଣୀ ଯୋଡ଼ି ହୋଇଛି ରାଜସ୍ଥାନର ଅଜୟ ସ୍ୱାମୀଙ୍କ ଜୀବନରେ। ହନୁମାନଗଡ଼ ଜିଲା ପରଲିକା ଗାଁର ୩୧ ବର୍ଷୀୟ ଅଜୟ ଅଷ୍ଟମ ପାସ୍ କରିବା ପରେ ପରିବାର ଚଳାଇବା ଲାଗି ୧୯୯୯ରେ ଚା' ଦୋକାନ କରିଥିଲେ। ପରେ ଘିକୁଆଁରୀ ଚାଷ ଲାଗି ଚା' ଦୋକାନ ବନ୍ଦ କରିଦେଇଥିଲେ। ଧୀରେ ଧୀରେ ଏହି ଚାଷକୁ ସମ୍ପ୍ରସାରିତ କରିବା ସହ ରାଜସ୍ଥାନ କୃଷି ବୈଜ୍ଞାନିକ କେନ୍ଦ୍ରକୁ ଯାଇ ଘିକୁଆଁରୀର ବିଭିନ୍ନ ଉତ୍ପାଦ ସମ୍ପର୍କରେ ଶିକ୍ଷା କରିଥିଲେ। ପ୍ରଥମେ ସେ ଘିକୁଆଁରୀ ଜୁସ ପ୍ରସ୍ତୁତ କରିଥିଲେ। ଏହାକୁ ଅନ୍ୟ କମ୍ପାନୀମାନେ ବିକ୍ରି କରିବାକୁ ଆଗ୍ରହ ପ୍ରକାଶ କରିବା ଯୋଗୁ ଅଜୟଙ୍କ ଉତ୍ପାଦନ ବୃଦ୍ଧି ପାଇଥିଲା। ପରେ ୨୦୧୨ରେ ସେ ନିଜର ନେଚୁରାଲ ହେଲ୍‌ଥ ବ୍ରାଣ୍ଡ ନାମରେ ଘିକୁଆଁରୀରୁ ପ୍ରସ୍ତୁତ ସାମ୍ପୋ, କଣ୍ଡିଶନର, ଟୁଥ୍‌ପେଷ୍ଟ, ଜୁସ୍, ଚକୋଲେଟ ଆଦି ୪୫ ପ୍ରକାର ଉତ୍ପାଦ ବିକ୍ରି କରିବା ଆରମ୍ଭ କରିଥିଲେ। ଏବେ ସେଥିରୁ ସେ ବର୍ଷକୁ ୧୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅଜୟଙ୍କ ଦ୍ୱାରା ଘିକୁଆଁରୀରୁ ପ୍ରସ୍ତୁତ ଲଡୁର ଚାହିଦା ଅଧିକ। କେଜି ପ୍ରତି ଏହାର ଦାମ ରଖିଛନ୍ତି ୩୫୦ ଟଙ୍କା । ତାଙ୍କ ଉତ୍ପାଦିତ ସାମଗ୍ରୀକୁ ସେ ୨୦ଟି କମ୍ପାନୀକୁ ବିକ୍ରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ସେପ୍ଟେମ୍ବର ୧୯୯୭**

- ପଶ୍ଚିମ କଙ୍ଗୋରୁ ଫିଜି ଯାଉଥିବା ଏକ ବିମାନ ମିନେମ୍ବେ ପର୍ବତରେ ଧକ୍କା ଲାଗି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସମସ୍ତ ୨୦ ଯାତ୍ରୀ ମୃତ।
- ଆଲଜେରିଆ ଅଞ୍ଚଳର ଏକ ମସ୍‌ଜିଦରେ କେତେକ ମୁଖାଧାରୀ ଆତତାୟୀ ଗୁଳିମାଡ଼ କରିବା ଫଳରେ ଇସ୍‌ଲାମୀୟ ଧର୍ମଗୁରୁ ଆବଦେଲ ଜଲିଲ ବୋରଇସ ନିହତ।
- ନୟାଗଡ଼ ଜିଲା ଉଦୟପୁରସ୍ଥିତ ଅରବିନ୍ଦ ସଂଗ୍ରହାଳୟର ପ୍ରତିଷ୍ଠାତା, ବିଶିଷ୍ଟ ସାରସ୍ୱତ ସଂଗ୍ରାହକ ତଥା ପାଠାଗାର ଆନ୍ଦୋଳନର ମୁଖ୍ୟ ପୁରୋଧା ଦାଶରଥି ପଟ୍ଟନାୟକଙ୍କ ସନ୍ଦେହଜନକ ଅବସ୍ଥାରେ ପରଲୋକ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 1 | 9 | |
| 1 | 7 | 6 | 8 | | | | | |
| | | | | 5 | 4 | 8 | | |
| | | | | 1 | 5 | | | |
| | | 3 | | | 9 | 4 | | |
| 5 | | | 4 | | | | | 8 |
| 2 | | | | | | | | |
| | | 9 | | 7 | | | | |
| | 6 | 8 | | | | 7 | | 2 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 9 | 1 | 5 | 3 | 7 | 6 | 4 |
| 4 | 6 | 5 | 7 | 8 | 2 | 9 | 3 | 1 |
| 7 | 3 | 1 | 9 | 4 | 6 | 8 | 2 | 5 |
| 5 | 7 | 6 | 2 | 1 | 9 | 4 | 8 | 3 |
| 9 | 8 | 2 | 3 | 6 | 4 | 5 | 1 | 7 |
| 3 | 1 | 4 | 5 | 7 | 8 | 6 | 9 | 2 |
| 6 | 9 | 7 | 4 | 2 | 1 | 3 | 5 | 8 |
| 2 | 4 | 8 | 6 | 3 | 5 | 1 | 7 | 9 |
| 1 | 5 | 3 | 8 | 9 | 7 | 2 | 4 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବଡ଼ ପରିବାର ବୁଡ଼ିଗଲାଣି

ମହାଶୟ,

ବଡ଼ ପରିବାରରେ ଆମେ ବାସ କରୁଥିଲେ ନିହାତି ଭାବରେ କୌଣସି କାମ କରିବା ପୂର୍ବରୁ ସମସ୍ତ ସଦସ୍ୟଙ୍କ ପରାମର୍ଶ ବା ଉପଦେଶ ନେଇପାରିବା। ତେବେ ଯାଇ ଆମେ ସଫଳ ହୋଇପାରିବା। ବିଡମ୍ବନାର ବିଷୟ, ବହୁ ଲୋକେ ଯୌଥ ପରିବାରରେ ଏବେ ରହୁ ନାହାନ୍ତି। ବ୍ୟକ୍ତିବିଶେଷ ଜଣେ ଜଣେ ଭିନ୍ନ ଭିନ୍ନ ପରିବାର ରହିବାକୁ ପସନ୍ଦ କରୁଛନ୍ତି। ଏହା କିନ୍ତୁ ଠିକ୍ ନୁହେଁ। ଗୋଟିଏ ପରିବାରରେ ବାପା, ମା' ଭାଇ, ଭାଉଜ, ବଡ଼ ଭାଇ, ଅଜା, ଆଈ, ଝିଆରୀ, ପୁତୁରା, କକା, କାକୀ ସଭିଏ ଗୋଟିଏ ସ୍ଥାନରେ ଥିଲେ କେମିତି ଏକ ସୁଖଦ ଅନୁଭୂତି ହୁଏ। ନିଜକୁ ସୁରକ୍ଷିତ ମଧ୍ୟ ଲାଗେ। ସମସ୍ତେ ପରିବାର ସଦସ୍ୟ ଭାବରେ ପରିବାରର ଭୂମିକା ନିଭାଇଥାନ୍ତି। ଏବେ କିନ୍ତୁ ସରକାରଙ୍କ ପକ୍ଷରୁ ନାନା ପ୍ରକାର ସାହାଯ୍ୟ ସହଯୋଗ ଦିଆଯାଉଥିବାରୁ ହିତାଧିକାରୀ ହେବା ଲାଗି ବଡ଼ ପରିବାରକୁ ଲୋକେ ଭାଙ୍ଗି ଦେଉଛନ୍ତି। ତେଣୁ ବାପା, ଭାଇ ସମସ୍ତେ ଅଲଗା ଅଲଗା ପରିବାର ଗଢୁଛନ୍ତି ଏହି ସହଯୋଗ ପାଇବା ଆଶାରେ। ସହଯୋଗ ମନ୍ଦ ନୁହେଁ , କିନ୍ତୁ ସରକାର ବଡ଼ ପରିବାରକୁ ସେହି ଅନୁପାତରେ ସହଯୋଗ ଦେଲେ ଭଲ ହେବ, ବଡ଼ ପରିବାର ଆଉ ଭାଙ୍ଗିବ ନାହିଁ।

**–ପ୍ରଦୀପ କୁମାର ନାଏକ, ହାତୀସରା, ବଲାଙ୍ଗୀର**

### ଚିରନ୍ତନୀ

ଧାନକ୍ଷେତ ଡାକେ ମୋତେ
ହାତଠାରି ଅବା ସତେ–
କାମ ତୋର ନୀରବରେ ଦେଖିବା
ଆଜି ଖାଲି ବସି ଛବି ଲେଖିବା।

–(ଶରତ–ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ଗଜପତି ଜିଲା ଅଡ଼ବା ଥାନା ଆଗରେ ଧାରଣାରତ ଲୋକ।


ଥାନା ଆଗରେ ଉତ୍ତ୍ୟକ୍ତ ଲୋକଙ୍କ ହୋ-ହଲ୍ଲା।


ଜଣେ ପୋଲିସକୁ ଲୋକେ ଧରିଛନ୍ତି।


ପୋଲିସ ସହ ଟଣାଓଟରା।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ସର୍ଦ୍ଦାର ଶାନ୍ତିପୂର୍ଣ୍ଣ ଜନ ଆନ୍ଦୋଳନ। ସ୍ଥାନ-ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ୧୦ଟା।

## ନିଆଁରେ ପୋଡ଼ିହୋଇ ଦମ୍ପତି ଗୁରୁତର

ବୁଗୁଡ଼ା,୧୩ା୯(ଡି.ଏନ୍.ଏ.): ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ବଡ଼ତଣ୍ଡା ଗ୍ରାମରେ ସୋମବାର ରାତିରେ କାଠଚୁଲିରେ ପୋଡ଼ି ହୋଇ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଡ଼ତଣ୍ଡା ଗ୍ରାମର ରାଜକୁମାର ଓ ତାଙ୍କ ସ୍ତ୍ରୀ ପଦ୍ମାବତୀ। ରାତିରେ ପଦ୍ମାବତୀ କାଠଚୁଲିରେ ରୋଷେଇ କରୁଥିବା ବେଳେ ଅସାବଧାନତା ଯୋଗୁ ସେ ପିନ୍ଧିଥିବା ଲୁଗାରେ ନିଆଁ ଲାଗି ଯାଇଥିଲା। ପଦ୍ମାବତୀ ପାଟି କରିବାରୁ ରାଜକୁମାର ଦୌଡି ଆସି ନିଆଁକୁ ଲିଭାଇବା ବେଳେ ତାଙ୍କ ପୋଷାକରେ ମଧ ନିଆଁ ଲାଗି ଯାଇଥିଲା। ଫଳରେ ଦୁହିଁଙ୍କ ଦେହର ଅର୍ଦ୍ଧାଧିକ ଅଂଶ ପୋଡ଼ି ଯାଇଥିଲା। ଉଭୟଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବାଇକ୍-ବସ୍ ମୁହାମୁହିଁ ଧକ୍କା, ଜଣେ ମୃତ

ଭଞ୍ଜନଗର,୧୩ା୯(ଡି.ଏନ.ଏ): ଭଞ୍ଜନଗର ବେଲଗୁଣ୍ଠା ମୁଖ୍ୟ ରାସ୍ତା ତନରଡା ନିକଟରେ ମଙ୍ଗଳବାର ବାଇକ ଓ ବସ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ବାଇକ ଚାଳକ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ବାଲିଭାଗର ପ୍ରଦୀପ ଗୌଡ଼। ବାଇକ ପଛରେ ବସିଥିବା ଶଶୀ ଭୂଷଣ ଗୌଡ଼ ଗୁରୁତର ହୋଇଛନ୍ତି। ପ୍ରଦୀପ ଓ ଶଶୀ ଭୂଷଣ ମିଶି ବାଇକ ଯୋଗେ କୌଣସି କାମରେ ତନରଡା ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ବେଲଗୁଣ୍ଠା ଦମକଳବାହିନୀ ଘଟଣାସ୍ଥଳରୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ।

## ଜିଲାପାଳଙ୍କ ଗଞ୍ଜାମ ଥାନା, ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟ ପରିଦର୍ଶନ

ଗଞ୍ଜାମ,୧୩ା୯(ଡି.ଏନ.ଏ.): ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମଙ୍ଗଳାବାର ଗଞ୍ଜାମ ପୋଲିସ ଥାନା ଓ ସବ ରେଜିଷ୍ଟର କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ତହସିଲଦାର ଅରୁଣ କୁମାର ନାୟକ ତହସିଲ, ସବ ରେଜିଷ୍ଟର ଏବଂ ଏନ୍ଏସି କାର୍ଯ୍ୟାଳୟ ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ଆସୁଥିବାରୁ ତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଗଞ୍ଜାମ ତହସିଲଦାର, ଆଡିସନାଲ ତହସିଲଦାର ଶୁଭେନ୍ଦୁ ଜେନା, ଗଞ୍ଜାମ ଥାନାଧିକାରୀ ସୁଦୀପ୍ତ କୁମାର ସାହୁ, ସେକେଣ୍ଡ ଅଫିସର ନାରାୟଣ କଁଅର, ସୁରେନ୍ଦ୍ର ପଡିଆରୀ, ସବ ରେଜିଷ୍ଟର ମୁଖ୍ୟ ହିସାବ ରକ୍ଷକ ସୀମାଞ୍ଚଳ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ମୁକାବିଲା ଖର୍ଚ୍ଚର ଦାଖଲ ହୋଇନି ୟୁସି

ଛତ୍ରପୁର,୧୩ା୯(ଡି.ଏନ.ଏ.)

### ଗଞ୍ଜାମରେ ପଡ଼ିଛି ୩.୬୮ କୋଟି ବକେୟା

ବିପର୍ଯ୍ୟୟ ପରିଚାଳନା, ପ୍ରସ୍ତୁତି, ମୁକାବିଲା, ଦକ୍ଷତା ତାଲିମ ନେଇ ଗଞ୍ଜାମ ଜିଲାକୁ ଆସୁଥିବା ଅନୁଦାନ ବାବଦରେ ୟୁସି (ବିନିଯୋଗ ପ୍ରମାଣପତ୍ର) ଦାଖଲ ହେଉନି । ଏନେଇ ଓସ୍‌ଡମା (ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ) ନିର୍ବାହୀ ନିର୍ଦ୍ଦେଶକ ଜ୍ଞାନ ଦାସଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଆସିଛି । ଉକ୍ତ ଅନୁଦାନ ବାବଦରେ ହେଉଥିବା ଖର୍ଚ୍ଚର ୟୁସି ଦାଖଲ କରିବାକୁ କୁହାଯାଇଛି। ଏପରି କି ଖର୍ଚ୍ଚ ହୋଇ ନ ଥିବା ବିଭିନ୍ନ ଅନୁଦାନ ଅର୍ଥ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଜାତୀୟ, ରାଜ୍ୟ ବିପର୍ଯ୍ୟୟ ପାଣ୍ଠି, ବିଶ୍ୱବ୍ୟାଙ୍କରୁ ଜିଲାକୁ ବିପର୍ଯ୍ୟୟ ପରିଚାଳନା, ପ୍ରସ୍ତୁତି, ମକ୍‌ଡ୍ରିଲ ମୁକାବିଲା ଓ ଦକ୍ଷତା ତାଲିମ ପାଇଁ ୩ କୋଟି ୬୮ ଲକ୍ଷ ୫୯ ହଜାର ୬୯୧ ଟଙ୍କାର ଅନୁଦାନ ଆସିଥିଲା । ସମସ୍ତ ଅନୁଦାନ ଖର୍ଚ୍ଚର ୟୁସି ଓସ୍‌ଡମା ନିକଟରେ ଦାଖଲ ହୋଇନି। ୟୁସି ଦାଖଲ ପାଇଁ ବାରମ୍ବାର ଜିଲା ପ୍ରଶାସନ ପାଖକୁ ଚିଠି ଆସିଥିଲେ ହେଁ ଏହା ଉପରେ ପଦକ୍ଷେପ ନିଆଯାଇ ନ ଥିବା ଉକ୍ତ ଚିଠିରୁ ଜଣାପଡିଛି । ଓସ୍‌ଡମା ପକ୍ଷରୁ ବିପର୍ଯ୍ୟୟ ମୁକାବିଲା, ଦକ୍ଷତା ତାଲିମ ବାବଦରେ ଗଞ୍ଜାମ ଜିଲାକୁ ୩ କୋଟି ୨ ଲକ୍ଷ ୨୪ ହଜାର ୫୩ ଟଙ୍କାର ଅନୁଦାନ ଆସିଥିଲା । ସେଥିମଧ୍ୟରେ ହିଟ୍‌ୱେଭ୍ ପାଇଁ ୧୫ ହଜାର ଟଙ୍କା, ସିଏମ୍‌ଏମ୍‌ଏସ୍‌ସି ବାବଦରେ ୧ କୋଟି ୮୯ ଲକ୍ଷ ୬୨ ହଜାର ୩୦୦ ଟଙ୍କା, ଆଇଓଟିଆର୍ ବାବଦରେ ୯ ଲକ୍ଷ ୧୮ ହଜାର ୫୦୦ ଟଙ୍କା, କାପାସିଟି ବିଲଡିଂ ପାଇଁ ୪ ଲକ୍ଷ ୩୧ ହଜାର ୬୧୫ ଟଙ୍କା, ସୁନାମି କାର୍ଯ୍ୟକ୍ରମ ପାଇଁ ୭୮ ହଜାର ଟଙ୍କା, ୟୁଡିଏମ୍‌ପି ଓ ଏସ୍‌ଓପି ପାଇଁ ୩୧ ଲକ୍ଷ ୮୧ ହଜାର ଟଙ୍କା ରହିଥିଲା। ସେହିପରି ଜାତୀୟ ବିପର୍ଯ୍ୟୟ ପରିଚାଳନାରୁ ୩୬ ଲକ୍ଷ ୩୪ ହଜାର ୦୭୯ ଟଙ୍କା, ଜିଓଡିରୁ ୨ ଲକ୍ଷ ୯୬ ହଜାର ୬୫୭ ଟଙ୍କା, ଏନ୍‌ଏଫ୍‌ସିଆର୍‌ରୁ ୮ ଲକ୍ଷ ୨୭ ହଜାର ୬୦୨, ବିଶ୍ୱବ୍ୟାଙ୍କରୁ ୫୨ ହଜାର ୧୦୦ ଟଙ୍କା, ଡିଏଫ୍‌ଆଇଡିରୁ ୧ହଜାର ଟଙ୍କା, ମକ୍‌ଡ୍ରିଲ୍ ପାଇଁ ୧୮ ଲକ୍ଷ ୨୪ ହଜାର ୨୦୦ ଟଙ୍କା ଆସିଥିଲା । ଏ ବାବଦରେ ମଧ ୟୁସି ଦାଖଲ ହୋଇନି ।

# ହତ୍ୟାକାରୀଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର ଅଫିସ,୧୩ା୯

ଗଞ୍ଜାମ ଜିଲା ଦୌରା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା ମଙ୍ଗଳବାର ଏକ ହତ୍ୟା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ସେ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ଜରଡ଼ାଗଡର ଲିମେଇ ସୁରଥ(୨୮)। ଏହାସହିତ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନାଦାୟ ହେଲେ ଅତିରିକ୍ତ ୬ମାସ ସଶ୍ରମ ଜେଲ ଦଣ୍ଡ ପାଇଁ ନିର୍ଦ୍ଦେଶ ରହିଥିବା ସ୍ୱତନ୍ତ୍ର ପିପି ତ୍ରିଲୋଚନ ପରିଡ଼ା ସୂଚନା ଦେଇଛନ୍ତି।

ପ୍ରକାଶ ଯେ,ଜରଡ଼ାଗଡର ରଜତ ନାଇକଙ୍କ ସହିତ ଲିମେଇ ସୁରଥଙ୍କର ପୂର୍ବରୁ କୌଣସି ଏକ ମାମଲାକୁ ନେଇ ଅଶାନ୍ତି ଲାଗି ରହିଥିଲା। ପରେ ରଜତ କାମ ଅନୁସନ୍ଧାନରେ ପଶ୍ଚିମବଙ୍ଗର କୋଲକତା ସହରକୁ ଚାଲି ଯାଇଥିଲେ। ୨୦୧୮ ଜୁନରେ ସେ ଠାକୁରାଣୀ ଯାତ୍ରା ପାଇଁ ଗାଁକୁ ଆସିଥିଲେ। ଜୁନ ୧୯ ସନ୍ଧ୍ୟାରେ ଗାଁ ଦାଣ୍ଡରେ ଥିବା ଏକ ଟ୍ୟୁବ୍‌ୱେଲ ନିକଟରେ ରଜତ ଠିଆ ହୋଇଥିଲେ। ସେହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଲାଗି ରହିଥିବା ଅଶାନ୍ତିରୁ ଲିମେଇ ଏକ ଛୁରିରେ ରଜତଙ୍କ ଛାତିକୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇ ସେଠାରେ ପଡ଼ିଯାଇଥିଲେ। ପୋଲିସ ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୋଗ ପରେ ପୋଲିସ ନଂ. ୯୯/୧୮ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ପରେ ଲିମେଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ(ୟୁଟିପି) ଭାବେ ଥିଲେ। ଏହି ମାମଲାର ଶୁଣାଣି ପାଇଁ ମଙ୍ଗଳବାର ଲିମେଇଙ୍କୁ ପୋଲିସ ଜେଲରୁ ଆଣି ଜିଲା ଜଜ୍ କୋର୍ଟରେ ହାଜର କରିଥିଲା। ୧୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଅଭିଯୁକ୍ତଙ୍କ ବିରୋଧରେ ମଙ୍ଗଳବାର ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

# ରାଜ୍ୟସ୍ତରୀୟ ଉପ କନିଷ୍ଠ ବାସ୍କେଟ ବଲ ପ୍ରତିଯୋଗିତା


ବିଜୟୀ ଉପକନିଷ୍ଠ ବାଳିକା ବାସ୍କେଟବଲ ଟିମ୍ ।

ବ୍ରହ୍ମପୁର ଅଫିସ,୧୩ା୯

### ଗଞ୍ଜାମ ଉପକନିଷ୍ଠ ବାଳିକା ଟିମ୍‌ର ସଫଳତା

ସେପ୍ଟେମ୍ବର ୮ରୁ ୧୧ ପର୍ଯ୍ୟନ୍ତ କଟକ ଜବାହାର ଲାଲ ନେହେରୁ ଇନଡ଼ୋର ଷ୍ଟାଡ଼ିୟମ ଠାରେ ୪୭ତମ ରାଜ୍ୟ ସ୍ତରୀୟ ଉପ କନିଷ୍ଠ ବାସ୍କେଟ ବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ଗଂଜାମ ଜିଲା ବାଳିକା ବାସ୍କେଟ ବଲ ଟିମ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗୀତାରେ ରାଜ୍ୟସ୍ତରରେ ୧୪ଟି ଜିଲାର ବାସ୍କେଟ ବଲ ଦଳ ଅଂଶ ଗ୍ରହଣ କରିଥିଲେ। ଏଥିରେ ଗଂଜାମ ବାଳିକା ଟିମ ୩ ଟି ମ୍ୟାଚ ବିଜୟଲାଭ କରି ସେମିଫାଇନାଲରେ ଭଦ୍ରକ ଟିମ ସହ ପ୍ରତିଯୋଗିତା କରିଥିଲେ। ଏଥିରେ ଗଂଜାମ ଟିମ ୧୫-୧୪ ଟିମରେ ଭଦ୍ରକକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗଂଜାମ ଟିମର ଏହି ସଫଳତା ନିମନ୍ତେ ଗଂଜାମ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସମ୍ପାଦକ ଅଶୋକ କୁମାର ସାହୁ, ସମେତ କୋଚ ପ୍ରଶାନ୍ତ ରାଉତ, ସଞ୍ଜୟ ହୋତା, ଶିଶିର କୁମାର ପାଣିଗ୍ରାହୀ, ମିନାକ୍ଷୀ ନାୟକ ଓ ଟିମ ମ୍ୟାନେଜର ଶ୍ରୀମନ୍ତ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଫେରାର ଗୁଟ୍‌ଖା କିଙ୍ଗ୍‌ପିନ ଭୁବନେଶ୍ୱରରୁ ଗିରଫ

ବ୍ରହ୍ମପୁର ଅଫିସ,୧୩ା୯

ବ୍ରହ୍ମପୁର ସଦର ଥାନା ପୋଲିସ ବାଉଁଶିଆପଲି ଅଞ୍ଚଳରେ ୩ଟି ଗୁଟୁଖା ଫ୍ୟାକ୍ଟ୍ରି କରି ତାଙ୍କ ସାମ୍ରାଜ୍ୟ ବିସ୍ତାର କରି ପୋଲିସ ଆଖିରେ ଧୂଳି ଦେଇ ଫେରାର ହୋଇଯାଇଥିବା କିଙ୍ଗପିନ ନରେନ୍ଦ୍ର କୁମାର ସାହୁଙ୍କୁ ଭୁବନେଶ୍ୱରରୁ ପୋଲିସ ଗିରଫ କରିଛି। ମାମଲା ନମ୍ବର ୩୮୮/୨୨ ରେ ନରେନ୍ଦ୍ରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଅଗଷ୍ଟ ୩୧ରେ ପୋଲିସ ବାଉଁଶିଆପଲି ଅଞ୍ଚଳରେ ଚାଲିଥିବା ୩ ଫ୍ୟାକ୍ଟ୍ରିରେ ଚଢ଼ାଉ କରି ବିପୁଳ ପରିମାଣର ଗୁଟ୍‌ଖା ଓ କଞ୍ଚାମାଲ ଜବତ କରିଥିଲା। ମାଲିକ ନରେନ୍ଦ୍ର କୁମାର ସାହୁ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଘଟଣା ପରେ ସେ ଫେରାର ହୋଇଯାଇଥିଲା। ପୋଲିସ ତାଙ୍କ ମୋବାଇଲ ଟ୍ରାକିଂ କରି ତାଙ୍କୁ ଭୁବନେଶ୍ୱର ରାମ ମନ୍ଦିର ନିକଟରୁ କାବୁ କରିଥିବା କହିଛି।

## ୧୪୦ କେଜି ଗୁଟ୍‌ଖା ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୩ା୯

ବ୍ରହ୍ମପୁର ବଡବଜାର ଥାନା ପୋଲିସ ହରିଡାଖଣ୍ଡି ଅଞ୍ଚଳରେ ଗୁଟ୍‌ଖା ମହଜୁଦ ଥିବା ଏକ ଗୋଦାମରେ ଚଢାଉ କରିଛି। ସେଠାରୁ ଗଚ୍ଛିତ ଥିବା ୧୪୦ କେଜି ଗୁଟ୍‌ଖା ଜବତ କରିଛି। ବେଆଇନ ଭାବେ ଗୁଟ୍‌ଖା ମହଜୁଦ ରଖିଥିବା କାଲୁପାତ୍ର ସାହିର ମିଟୁ ସାହୁ(୫୧)ଙ୍କୁ ଗିରଫ କରିଛି। ଏହି କାରବାରର ଅନ୍ୟତମ ଅଭିଯୁକ୍ତ ତଥା ମିଟୁଙ୍କ ପାର୍ଟନର ସନ୍ତୋଷ ସାହୁ ଫେରାର ହୋଇ ଥିବା ଜଣାପଡିଛି। ମାମଲା ନମ୍ବର ୨୩୬/୨୨ରେ ପୋଲିସ ମିଟୁଙ୍କୁ କୋର୍ଟ ଚାଲାଣ କରିଥିବା କହିଛି।

## ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ସ୍ୱେଚ୍ଛାସେବୀ ନୀଳମାଧବଙ୍କୁ ପୁରସ୍କୃତ କରାଯାଉଛି

ବ୍ରହ୍ମପୁର ଅଫିସ,୧୩ା୯

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ସ୍ୱେଚ୍ଛାସେବୀଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ସଂଯୋଜକ ନୀରଦ ବରଣ ଖୁଣ୍ଟିଆ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଡ.ଜୟନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ସ୍ୱେଚ୍ଛାସେବୀଙ୍କୁ ଭଲ ମଣିଷ ହେବା ସଙ୍ଗେ ସଙ୍ଗେ କର୍ତ୍ତବ୍ୟନିଷ୍ଠ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଶିବିରରେ ବିଶ୍ୱବିଦ୍ୟାଳୟ ସମେତ ବ୍ରହ୍ମପୁର ସିଟି ମହାବିଦ୍ୟାଳୟ, ଗୋପାଳପୁର କଲେଜ, ନରେନ୍ଦ୍ରପୁର କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଛାତ୍ର ତଥା ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏନ୍.ନୀଳମାଧବଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଏନ୍‌ଏସ୍‌ଏସ୍ ଯୋଜନା ଅଧିକାରୀ ଶକ୍ତି ରଞ୍ଜନ ଦାସ, ଡ.ଇକବାଲ ଅହମ୍ମଦ ଭଟ୍ଟ, ପ୍ରଫେସର ଅଲିତା ମିଞ୍ଜ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷଣ ଶିବିରରେ ସ୍ୱେଚ୍ଛାସେବୀଙ୍କୁ ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ, ଦାୟିତ୍ୱ ଓ ସମାଜ ପ୍ରତି କର୍ତ୍ତବ୍ୟବୋଧ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏଥିସହିତ କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଏନ୍‌ଏସ୍‌ଏସ୍ ଅଧିକାରୀ ଶତୀଶ ପ୍ରସାଦ ନାୟକ, ପୂର୍ବତନ ଜିଲା ଯୋଜନା ଅଧିକାରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ତାଲିମ ଓ ଉପଦେଶ ପ୍ରଦାନ କରିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଝରଣାରେ ଭାସି ଯୁବକ ମୃତ

ପାରଳାଖେମୁଣ୍ଡି,୧୩ା୯(ଡି.ଏନ୍.ଏ.)

### ସେଲ୍‌ଫି ହେଲା କାଳ

ଗଜପତି ଜିଲା ଜିରାଙ୍ଗ ନିକଟସ୍ଥ ଗୁଦଗୁଦା ଝରଣାରେ ମଙ୍ଗଳବାର ସେଲ୍‌ଫି ନେବା ଜଣେ ଯୁବକଙ୍କ ପାଇଁ କାଳ ହୋଇଛି। ସେଲ୍‌ଫି ନେବା ବେଳେ ଅସାବଧାନତାରୁ ଝରଣାରେ ଖସିପଡ଼ି ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗୁରାଣ୍ଡି ଥାନା ଅନ୍ତର୍ଗତ ଚନ୍ଦନଖଳାର ଟି. ଶ୍ରୀକାନ୍ତ। ଶ୍ରୀକାନ୍ତ ୪ ଜଣ ସାଙ୍ଗଙ୍କ ସହ ବଣଭୋଜି କରିବା ପାଇଁ ଜିରାଙ୍ଗ ଗୁଦଗୁଦାକୁ ଯାଇଥିଲେ। ଅପରାହ୍ନରେ ସେ ନିଜ ମୋବାଇଲ ଫୋନରେ ସେଲ୍‌ଫି ନେବା ସମୟରେ ଝରଣାରେ ଖସିପଡ଼ି ଭାସିଯାଇଥିଲେ। ଖବରପାଇ ଦମକଳବାହିନୀ ଓ ପୋଲିସ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ପ୍ରାୟ ରାତି ୯ଟାରେ ମୃତଦେହକୁ ଠାବ କରିଥିଲେ। ରାୟଗଡ଼ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗ୍ୟାସ୍ ସିଲିଣ୍ଡର ବିତରକଙ୍କ ଧାରଣା

ବ୍ରହ୍ମପୁର ଅଫିସ,୧୩ା୯


ଗ୍ୟାସ୍ ଗୋଦାମ ସମ୍ମୁଖରେ ବିତରକଙ୍କ ଧାରଣା।

ବ୍ରହ୍ମପୁର ସହରର ଶ୍ରୀକ୍ଷେତ୍ର ବିହାରରେ ଥିବା ଉତ୍କଳ ଇଣ୍ଡିଆନ ଗ୍ୟାସ ଗୋଦାମ ସମ୍ମୁଖରେ ମଙ୍ଗଳବାର ସିଲିଣ୍ଡର ବିତରକମାନେ ୭ ଦଫା ଦାବି ନେଇ ଧାରଣା ଦେଇଛନ୍ତି। ବିତରକଙ୍କ ଦାବି ମୁତାବକ, ଦୀର୍ଘ ୧୫ ବର୍ଷ ଧରି ଉତ୍କଳ ଗ୍ୟାସ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ କୌଣସି କର୍ମଚାରୀଙ୍କ ଜୀବନ ବୀମା କିମ୍ବା ଇପିଏଫ ସୁବିଧା କରାଯାଇ ନାହିଁ। ଆଇଓସିଏଲ ଗ୍ୟାସ ସିଲିଣ୍ଡର ପିଛା ୨୯.୫୦ ଟଙ୍କା ଦେଉଥିବା ବେଳେ ଗ୍ୟାସ ଗୋଦାମ ମାଲିକ ୧୦ ଟଙ୍କା ଦେଉଛନ୍ତି। ଅନ୍ୟପଟେ ଉକ୍ତ ଗୋଦାମର ଅବଧି ଶେଷ ହୋଇଯାଇଥିବାରୁ ବିତରକଙ୍କ ମଧ୍ୟରେ ନାନା ଆଶଙ୍କା ସୃଷ୍ଟି ହୋଇଛି। ଏଥିସହ ଅନ୍‌ଲୋଡ ଗ୍ୟାସ ହାଣ୍ଡି ଓଜନ ଠିକ ମାପିବା, ଗୋଦାମ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଗଲେ ତେଲ ଖର୍ଚ୍ଚ, କର୍ମଚାରୀଙ୍କ ଶ୍ରମ କାର୍ଡ ଓ ସ୍ୱାସ୍ଥ୍ୟ କାର୍ଡ ପାଇଁ ଦାବି କରାଯାଇଛି। ଧାରଣା ସ୍ଥଳରେ ସତ୍ତ୍ୱାଧୀକାରୀ ପାଢୀ ବିତରକଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ସମାଧାନ ହୋଇପାରି ନ ଥିଲା। ପରେ ସଦର ଥାନା ପୋଲିସ ପହଞ୍ଚିବା ସହ ଦାବି ପୂରଣ ପାଇଁ ଗୋଦାମ ମାଲିକଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ଶିବ ଶଙ୍କର ସାହୁ, କୁମାର ମହାପାତ୍ର, ସୁଶାନ୍ତ ଜେନା, ସୁମନ୍ତ ପ୍ରଧାନ, ସନାତନ ପାଣିଗ୍ରାହୀ, ବୁଦ୍ଧୁ ପାଣିଗ୍ରାହୀ ଓ ସାଗର ସାହୁଙ୍କ ସମେତ ବହୁ ବିତରକ ଉପସ୍ଥିତ ଥିଲେ।

# ମନ୍ଦିର ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ

ବ୍ରହ୍ମପୁର ଅଫିସ,୧୩ା୯

### ୫୯ ବର୍ଷରେ ବାରାକ୍ସ ଦୁର୍ଗା ପୂଜା

■ ମହାବାତ୍ୟାରେ ଲିଭି ନ ଥିଲା ଅଖଣ୍ଡ ଦୀପ

କୋଭିଡ ମହାମାରୀ କାରଣରୁ ଗତ ୨ ବର୍ଷ ଧରି ଜିଲା ପ୍ରଶାସନର କଟକଣା ମଧ୍ୟରେ ସହରରେ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗା ପୂଜା ପାଳିତ ହୋଇଥିଲା। ତେବେ ମହାମାରୀ ହ୍ରାସ ପାଇବା ପରେ ଚଳିତ ବର୍ଷ ସହରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମହାଆଡମ୍ବରରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତ ବର୍ଷ ସହରର ପୁରୁଣା ବସ୍‌ଷ୍ଟାଣ୍ଡ ବାରାକ୍ସ ଦୁର୍ଗା ପୂଜା କମିଟି ୫୯ ତମ ପୂଜା ପାଳନ କରିବାକୁ ଯାଉଛି। ଗତ ୪ ତାରିଖରେ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। କମିଟି ପକ୍ଷରୁ ପ୍ରଥମେ ୧୯୬୩ରେ ପୂଜା ଆରମ୍ଭ କରାଯାଇଥିଲା। ସେ ସମୟରେ ଅରକ୍ଷୀ ପାତ୍ର ଓ ଅର୍ଜ୍ଜୁନ ମହାରଣାଙ୍କ ସମେତ କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ କ୍ରମେ ପୂଜା ଆରମ୍ଭ ହୋଇଥିଲା। କମିଟି ପକ୍ଷରୁ ପ୍ରଥମେ ମୂର୍ତ୍ତି ପୂଜା ହୋଇଥିଲା। ନବରାତ୍ରିରୁ ପୂଜା ଆରମ୍ଭ ହୋଇଥାଏ। ଚଳିତ ଥର କମିଟି ପକ୍ଷରୁ ଏକ ମନ୍ଦିର ତୋରଣ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିବ ବୋଲି କମିଟି ଆବାହକ ଶିବରାମ ସାହୁ କହିଛନ୍ତି। ଏହି ତୋରଣର ଉଚ୍ଚତା ୬୦ ଫୁଟ ରହିବ।


ଶିବରାମ ସାହୁ
(ବାରାକ୍ସ ପୂଜା କମିଟି ଆବାହକ)

କଲିକତା କାରିଗରଙ୍କ ଦ୍ୱାରା ୭ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ନିର୍ମାଣ କରାଯିବ। ଆସନ୍ତା ୨୬ ତାରିଖ ନବରାତ୍ରିଠାରୁ ପୂଜା ଆରମ୍ଭ ହେବ ବୋଲି କୁହାଯାଇଛି। ଗତ ୨ବର୍ଷ ଧରି କୋଭିଡ୍ ମହାମାରୀ ସମୟରେ ମଧ ଜିଲା ପ୍ରଶାସନର ନିୟମକୁ ଅନୁକରଣ କରି ପୂଜା ଅନୁଷ୍ଠିତ ହୋଇଥିଲା। ପୂଜାରେ ପୁରୁଣା ବସ୍‌ଷ୍ଟାଣ୍ଡ ଟ୍ୟାକ୍ସି ସଂଘ ପରିଚାଳନା କରୁଛନ୍ତି।

ପୂଜାର ଏକ ମହାତ୍ମ୍ୟ ରହିଛି। ଆବାହକଙ୍କ କହିବା ମୁତାବକ, ୧୯୯୯ ମହାବାତ୍ୟା ସମୟରେ ତୋରଣ ସହ ମୂର୍ତ୍ତି ଭାଙ୍ଗି ରୁଜି ଯାଇଥିବା ବେଳେ ଅଖଣ୍ଡ ଦୀପ ଲିଭି ନ ଥିଲା। ମା'ଙ୍କ କରୁଣାରୁ ଏଭଳି ଅଲୌକିକ ଘଟଣା ଘଟିଥିଲା। ଚଳିତ ଥର ପୂଜା କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ସମ୍ପାଦକ ବାବୁଲା ପାତ୍ରଙ୍କ ସମେତ ହେମନ୍ତ ପଣ୍ଡା ଓ କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

**ସେନ୍‌ସେକ୍ସରେ ୪୫୬ ପଏଣ୍ଟ ବୃଦ୍ଧି**

ନୂଆଦିଲ୍ଲୀ: ଗତ କିଛିଦିନର ଅସ୍ଥିରତା ପରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି କ୍ରମାଗତ ୪ର୍ଥ କାର୍ଯ୍ୟ ଦିବସରେ ଶେୟାର ବଜାରର କାରବାର ଭଲ ରହିଛି। ଫଳରେ ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର ପ୍ରାୟ ୧% ବୃଦ୍ଧି ପାଇଛି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ଭଲ ଫଳାଫଳ ଯୋଗୁ ଗତ ୪ ମାସ ପରେ ନିଫ୍ଟି ୧୮୦୦୦ ରେ ଉପରେ ରହିଛି। ମଙ୍ଗଳବାର ସେନ୍‌ସେକ୍ସ ୪୫୬ (୪୫୫.୯୫) ପଏଣ୍ଟ ବଢ଼ି ୬୦,୫୭୧.୦୮ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୧୩୪ (୧୩୩.୭୦) ପଏଣ୍ଟ ବୃଦ୍ଧି ଘଟି ୧୮,୦୭୦.୦୫ ଅଙ୍କରେ ବଜାର ବନ୍ଦ ହୋଇଛି।

# ହୋଣ୍ଡା ଆଣିବ ନୂଆ ଇଲେକ୍ଟ୍ରିକ୍ ମୋଟର ସାଇକେଲ

ନୂଆଦିଲ୍ଲୀ,୧୩।୯



ଦେଶର ପ୍ରମୁଖ ଦୁଇଚକିଆ ନିର୍ମାତା ହୋଣ୍ଡା ମୋଟରସାଇକେଲ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ କମ୍ପାନୀର ନୂଆ ଇଲେକ୍ଟ୍ରିକ୍ ମୋଟରସାଇକେଲ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିପାରେ ବୋଲି ଜଣାପଡ଼ିଛି। ବିଶେଷକରି ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ଏବଂ ପରିବେଶ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପାଳନ କରିବା ଲାଗି ହୋଣ୍ଡା ମୋଟରସାଇକେଲ ପକ୍ଷରୁ ଏକ ବଡ଼ ଧରଣର ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ଏପରିକି ୨୦୫୦ ସୁଦ୍ଧା ହୋଣ୍ଡା ତା'ର ଉତ୍ପାଦ ଓ କର୍ପୋରେଟ୍ କାର୍ଯ୍ୟରେ ମଧ୍ୟ ନେଟ୍ ନ୍ୟୁଟ୍ରାଲିଟି ହାସଲ କରିବାକୁ ଯୋଜନା ରଖିଛି।

ଏ ସମ୍ପର୍କରେ ହୋଣ୍ଡାର ନିର୍ଦ୍ଦେଶକ ତଥା କାର୍ଯ୍ୟନିର୍ବାହୀ ଉପସଭାପତି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିନିଧି କୋହେଇ ଟାକେଉଚି ଏବଂ ପରିଚାଳନା ଅଧିକାରୀ ଯୋଶିଶିଜି ନୋମୁରା ମଙ୍ଗଳବାର ଏଭଳି କିଛି ବିଷୟରେ ଘୋଷଣା କରିଛନ୍ତି। ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାର ପ୍ରଥମ ପଦକ୍ଷେପ ସ୍ୱରୂପ ହୋଣ୍ଡା ପକ୍ଷରୁ ଇଲେକ୍ଟ୍ରିକ୍ ମୋଟରସାଇକେଲ ଉନ୍ମୋଚନ କରାଯିବ। ବିଶେଷକରି ନିତିଦିନିଆ ଯାତାୟାତରେ ବ୍ୟବହାର ହେଉଥିବା ଓ କୌତୁକ ବର୍ଗରେ କମ୍ପାନୀ ଏଭଳି ମୋଟରସାଇକେଲ ଆଣିବ। ବିକଶିତ ଦେଶଗୁଡ଼ିକରେ ତାହାକୁ ବିକ୍ରି କରାଯିବ। ସେହିଭଳି ୨୦୪୦ ଦଶକ ସୁଦ୍ଧା କମ୍ପାନୀ ଏହାର ସମସ୍ତ ମୋଟରସାଇକେଲରେ କାର୍ବନ୍ ନ୍ୟୁଟ୍ରାଲିଟି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ପରିବେଶ ସୁରକ୍ଷାଜନିତ ପଦକ୍ଷେପ କ୍ଷେତ୍ରରେ ମଧ୍ୟ କମ୍ପାନୀ ଆଗରେ ରହିବାକୁ ଚାହୁଁଛି। ହୋଣ୍ଡା ପକ୍ଷରୁ ଅଙ୍ଗାରକାମ୍ଳ ନିର୍ଗମନ କରୁଥିବା ମଡେଲଗୁଡ଼ିକୁ ବନ୍ଦ କରାଯିବ ଏବଂ କାର୍ବନ ନ୍ୟୁଟ୍ରାଲିଟିକୁ ସମର୍ଥନ କରୁଥିବା ଯଥା ଇଥାନଲ୍ ମିଶା ପେଟ୍ରୋଲ ଆଦିକୁ ବିକଶିତ କରାଯିବ। ବ୍ରାଜିଲରେ ଫ୍ଲେକ୍ସ ଫୁଏଲ୍ ମଡେଲର ମୋଟରସାଇକେଲ ଉପଲବ୍ଧ ହେଉଛି। ଭାରତରେ ମଧ୍ୟ କମ୍ପାନୀ ସେହିଭଳି ମଡେଲ ଉନ୍ମୋଚନ କରିବ। ସେହିପରି ୨୦୨୩ ପ୍ରାରମ୍ଭ ସୁଦ୍ଧା ଫ୍ଲେକ୍ସ ଫୁଏଲ (ଇ୨୦) ଓ ୨୦୨୫ ସୁଦ୍ଧା ଫ୍ଲେକ୍ସ ଫୁଏଲ (ଇ୧୦୦) ମଡେଲକୁ ଉନ୍ମୋଚନ କରିବାକୁ କମ୍ପାନୀ ଯୋଜନା ରଖିଛି। ଇଲେକ୍ଟ୍ରିକ୍ ଯାନର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ଲାଗି ହୋଣ୍ଡା ପକ୍ଷରୁ ୨୦୨୫ ସୁଦ୍ଧା ୧୦ନୂଆ ଇଲେକ୍ଟ୍ରିକ ମଡେଲକୁ ଉନ୍ମୋଚନ କରାଯିବ ଏବଂ ଆସନ୍ତା ୫ବର୍ଷ ମଧ୍ୟରେ ମୋଟରସାଇକେଲ ବିକ୍ରିକୁ ୧ ନିୟୁତରେ ପହଞ୍ଚାଇବାକୁ ମଧ୍ୟ ଯୋଜନା ପ୍ରସ୍ତୁତ କରିଛି।

## ସ୍କୋୟାର ୟାର୍ଡସ୍ ସହ ଆକ୍ସିସ୍ ବ୍ୟାଙ୍କର ରାଜିନାମା

ନୂଆଦିଲ୍ଲୀ,୧୩।୯

ରିଅଲ ଇଷ୍ଟେଟ୍ ପ୍ଲାଟ୍‌ଫର୍ମ ସ୍କୋୟାର ୟାର୍ଡସ୍ ସହ ଆକ୍ସିସ୍ ବ୍ୟାଙ୍କର ରାଜିନାମା ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଗ୍ରାହକ ନିଜର ସ୍ୱପ୍ନର ଘର ଅନୁସନ୍ଧାନ କରିବା ପ୍ରକ୍ରିୟାକୁ ଚିନ୍ତାମୁକ୍ତ, ପ୍ରଭାବଶାଳୀ ଓ ଉଲ୍ଲାସପୂର୍ଣ୍ଣ ଅନୁଭୂତିରେ ପରିଣତ କରିବାକୁ ଏହି ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ ନିଶ୍ଚିତ କରିବ। ସେହିଭଳି ଆବାସିକ ସମ୍ପତ୍ତି ପାଇଁ ଗ୍ରାହକମାନଙ୍କ ସବୁ ପ୍ରକାର ପ୍ରଶ୍ନର ସମାଧାନ ଲାଗି ସ୍ୱତନ୍ତ୍ର ଧରଣର ପ୍ଲାଟ୍‌ଫର୍ମ ଓପୋନ୍ ଡୋର୍‌ସକୁ ବିକଶିତ କରାଯାଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ କାର୍ଯ୍ୟନିର୍ବାହୀ ଏବଂ ମୁଖ୍ୟ ରିଟେଲ ଲେଣ୍ଡିଂ ଓ ପେମେଣ୍ଟସ୍ ସୁମିତ ବାଲି କହିଛନ୍ତି, ଓପୋନ୍ ଡୋର୍‌ସର ଉନ୍ମୋଚନ ସହ ଗୃହ କ୍ରେତାମାନଙ୍କ ଲାଗି ଏକ ଦୃଢ଼ ବ୍ୟବସ୍ଥା ଗଠନ କରିଛୁ। ସ୍କୋୟାର ୟାର୍ଡସ୍ ସହ ଆମର ସହଯୋଗିତାର ଲକ୍ଷ୍ୟ ହେଉଛି ଘର କିଣିବା ପ୍ରକ୍ରିୟାରେ ଆମ ଗ୍ରାହକମାନେ ସାମ୍ନା କରୁଥିବା ସମସ୍ୟାକୁ ସରଳ କରିବା।

## ଜେକେ ଟାୟାରର ନୂତନ ଉତ୍ପାଦ ଉନ୍ମୋଚିତ




ଭୁବନେଶ୍ୱର,୧୩।୯

ଦେଶର ପ୍ରମୁଖ ଟାୟାର କମ୍ପାନୀ ଜେକେ ଟାୟାର ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ୨ଟି ନୂତନ ଉତ୍ପାଦର ଉନ୍ମୋଚନ କରାଯାଇଛି। ବିଶେଷକରି ଓଡ଼ିଶା ବଜାରରେ ଉକ୍ତ ୨ ନୂଆ କମର୍ସିଆଲ୍ ଯାନ ଟାୟାର ଜେଟ୍‌ଷ୍ଟିଲ୍ ଜେଡ୍‌ଡିଏଚ୍ ଏକ୍ସଏମ୍ ଓ ଜେଟ୍‌ୱେ ଜେୟୁସି ଏକ୍ସଏମ୍‌କୁ ବଜାର ପ୍ରବେଶ କରାଯାଇଛି। ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ ଲାଗି ବଜାରକୁ ସଦ୍ୟତମ ଉତ୍ପାଦ ଆଣିବାର ପ୍ରତିବଦ୍ଧତା ଅନୁସାରେ ଏହି ନୂଆ ଉତ୍ପାଦର ଉନ୍ମୋଚନ କରାଯାଇଛି।

ଏ ସମ୍ପର୍କରେ ଜେକେ ଟାୟାର ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସଭାପତି (ଭାରତ) ଅନୁଜ କାଥୁରିଆ କହିଛନ୍ତି, କମ୍ପାନୀର ଅଭିବୃଦ୍ଧି ଓ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଓଡ଼ିଶା ହେଉଛି ଜେକେ ଟାୟାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ସ୍କୋଡା ପକ୍ଷରୁ ଗ୍ରାହକ ସମ୍ପର୍କ ଅଭିଯାନ

ନୂଆଦିଲ୍ଲୀ,୧୩।୯

ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାତା ବା ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଗ୍ରାହକ ସମ୍ପର୍କ ଅଭିଯାନ ନାମରେ ଏକ ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବିଶେଷକରି ଅହମ୍ମଦାବାଦ, ବେଙ୍ଗାଲୁରୁ ଏବଂ କୋଲକାତାରେ ଉକ୍ତ କାର୍ଯ୍ୟକ୍ରମର ସଫଳତା ପରେ ନିକଟରେ ଉକ୍ତ କାର୍ଯ୍ୟକ୍ରମ ଭୁବନେଶ୍ୱରର ଉଭୟ ଗ୍ରାହକ ଏବଂ ପ୍ରଶଂସକଙ୍କ ପାଇଁ ଆୟୋଜନ କରାଯାଇଥିଲା। ସେହିଭଳି ପୂର୍ବ ମାସରେ ପ୍ରଶଂସକଙ୍କ କାର୍ଯ୍ୟକଳାପ ପରେ ସେପ୍ଟେମ୍ବର ୧୦ରେ ସ୍କୋଡାର ପରିଚାଳନା ସହ ଜଡିତ ହେବା ଏବଂ କଥାବାର୍ତ୍ତା କରିବା ପାଳି ଭୁବନେଶ୍ୱରର ସ୍କୋଡା ପ୍ରଶଂସକଙ୍କର ଥିଲା। ଏହାର କାରଗୁଡିକ ସାମ୍ପ୍ରତିକ ବ୍ୟବସାୟର କେନ୍ଦ୍ର ହୋଇଥିବା ବେଳେ ବଜାରରେ ପ୍ରଶଂସକ ଏବଂ ଗ୍ରାହକଙ୍କ ଭଲପାଇବା ବ୍ରାଣ୍ଡ ପାଇଁ ଅନେକ କିଛି ମହତ ବଜାୟ ରଖିଥାଏ ବୋଲି ସ୍କୋଡା ଅଟୋ ଇଣ୍ଡିଆ ବିଶ୍ୱାସ କରିଥାଏ। ବର୍ତ୍ତମାନ ଭୁବନେଶ୍ୱରରେ ଥିବା ସ୍କୋଡାର ପ୍ରଶଂସକମାନେ ଭାରତର ଅନ୍ୟ ୯ଟି ସହରକୁ ଯିବେ ବୋଲି ଜଣାପଡିଛି। ଅପରପକ୍ଷରେ ଭୁବନେଶ୍ୱର, ହାଇଦ୍ରାବାଦ ଏବଂ ପୁଣେରେ ଅନୁଷ୍ଠିତ ସ୍କୋଡା କାର୍ଯ୍ୟକଳାପର ପ୍ରଶଂସକମାନଙ୍କ ଠାରୁ ଅନେକ କିଛି ଜାଣିବାକୁ ମିଳିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ପ୍ରାୟ ୧୨୦ ପ୍ରଶଂସକ ଏବଂ ଗ୍ରାହକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗ୍ରାହକ ଯୋଡ଼ ଏବଂ ଗ୍ରାହକଙ୍କ ସନ୍ତୁଷ୍ଟି ପାଇଁ ଏହି ଆଉଟ-ଅଫ୍-ବକ୍ସ ଆନ୍ଦୋଳନ ସ୍କୋଡା ଅଟୋ ଇଣ୍ଡିଆ ପାଇଁ କିଛି ବୃହତ୍ ସଫଳତା ଆଣି ଦେଇଛି। ସେହିପରି କମ୍ପାନୀ ଚଳିତ ବର୍ଷ ଜାନୁୟାରୀରୁ ଅଗଷ୍ଟ ପର୍ଯ୍ୟନ୍ତ ୩୭,୫୬୮ ୟୁନିଟ୍ ଗାଡ଼ି ପଞ୍ଜୀକୃତ କରିଛି, ଯାହା ଏହାର ଭାରତ ଯାତ୍ରାରେ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ବିକ୍ରି ବୋଲି କୁହାଯାଇଛି।

## 'ଅସହାୟ କର୍କଟରୋଗୀଙ୍କ ଯନ୍ତ୍ରଣା ଦୂରକରିବ ବାଲ୍‌କୋ'




ବିଏମ୍‌ସି ଚାରିଟେବୁଲ ଫଣ୍ଡ ଓ ବିଏମ୍‌ସି କର୍କଟ ସ୍କ୍ରିନିଂ ପ୍ରୋଗ୍ରାମର ଉଦ୍‌ଘାଟନ ଅବସରରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ।

ରାୟପୁର,୧୩।୯

ସାରା ଦେଶରେ ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ରୋଗଠାରୁ ରୋଗୀର ମାନସିକ ଯନ୍ତ୍ରଣା ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଚିନ୍ତାର କାରଣ ବୋଲି କୁହାଯାଉଛି। ଏଭଳି ମାନସିକ ଚିନ୍ତାରେ ପଡ଼ିଥିବା ବିଭିନ୍ନ ବର୍ଗର ଲୋକଙ୍କୁ ଉଭୟ ଆର୍ଥିକ ଓ ମାନସିକ ଚିନ୍ତାରୁ କିଛି ପରିମାଣରେ ଦୂରକରିବା ଲାଗି ନିକଟରେ ଛତିଶଗଡ଼ ନ୍ୟୁ ରାୟପୁରର ବାଲ୍‌କୋ ମେଡିକାଲ ସେଣ୍ଟରରେ ବିଏମ୍‌ସି ଚାରିଟେବୁଲ ଫଣ୍ଡ ଏବଂ ବିଏମ୍‌ସି କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବାଲ୍‌କୋ ମେଡିକାଲ ସେଣ୍ଟରର ଅଧ୍ୟକ୍ଷା ଜ୍ୟୋତି ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲର କର୍କଟ ରୋଗ ବିଶେଷଜ୍ଞ, ବରିଷ୍ଠ ଅଙ୍କୋଲୋଜିଷ୍ଟ, ନର୍ସ ଏବଂ ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜ୍ୟୋତି ଅଗ୍ରୱାଲ କହିଛନ୍ତି, ଏଠାରେ ଦେଶର ସର୍ବୋତ୍ତମ କର୍କଟ ଚିକିତ୍ସା ସୁବିଧା ଓ ସେବା ଯୋଗାଇ ଦିଆଯାଉଛି। ଏପରିକି ଆମର ସର୍ବୋତ୍ତମ ମେଡିକାଲ ଟିମ୍ ଏବଂ ପ୍ରଯୁକ୍ତିବିଦ୍ୟା ଅନ୍ୟମାନଙ୍କଠାରୁ ଅଧିକ ଗୁଣାତ୍ମକ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ସାମଗ୍ରୀ ସବୁ ଉପଲବ୍ଧ ରହିଛି।

## କମ୍ପାନୀ ପ୍ରତିନିଧିଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା

ମୁମ୍ବାଇ,୧୩।୯

ଚଳିତ ବର୍ଷ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଆୟୋଜନ ହେବାକୁ ଥିବା ମେକ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍ ପାଇଁ ବୃହତ୍ କମ୍ପାନୀଗୁଡ଼ିକୁ ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ଆକର୍ଷିତ କରିବା ଉଦ୍ଦେଶ୍ୟରେ ମୁମ୍ବାଇଠାରେ ଏକ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ର ଆୟୋଜନ କରାଯାଇଛି। ଉକ୍ତ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁମ୍ବାଇର ୧୫ କମ୍ପାନୀର ମୁଖ୍ୟମାନଙ୍କ ସହ ବ୍ୟକ୍ତିଗତ ଭାବେ ବୈଠକ କରି ଓଡ଼ିଶାର ଶିଳ୍ପ ଆଭିମୁଖ୍ୟ ଉପରେ ଆଲୋଚନା କରିଛନ୍ତି। ବିଶେଷକରି କ୍ରିସିଲ୍ ଲି., ନାଲ୍‌କୋ ଓ ସହଯୋଗୀ କମ୍ପାନୀ ଥାଇସେନ୍‌କ୍ରପ୍ ଇଣ୍ଡିଆ ଲି., ଆଇଏମ୍‌ପି ପାୱାର ଲି., ରୋଚେନ୍ ସେପାରେସନ୍ ସିଷ୍ଟମ୍ (ଇଣ୍ଡିଆ) ପ୍ରା.ଲି. ଭଳି ପ୍ରମୁଖ କମ୍ପାନୀ ପ୍ରତିନିଧିମାନଙ୍କ ସହ ମୁଖ୍ୟ ଶାସନ ସଚିବ ପୃଥକ୍ ପୃଥକ୍ ଭାବେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ମହାପାତ୍ର ଓଡ଼ିଶା ସରକାର ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ନିମନ୍ତେ ଦେଉଥିବା ବିଭିନ୍ନ ସୁବିଧା ସୁଯୋଗ ଏବଂ ଭିତ୍ତିଭୂମି ବିକାଶ ବାବଦରେ ସେମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ସରକାର ଜମିଯୋଗାଣ, ଉନ୍ନତମାନର ବିଦ୍ୟୁତ୍, ଶିଳ୍ପପୁଞ୍ଜି ଏବଂ ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍ ଭଳି ବ୍ୟବସ୍ଥା ଉପଲବ୍ଧ କରାଉଥିବା ବିଷୟ ମହାପାତ୍ର ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉକ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଫୁର୍‌ସତ୍**

# ଜେଣ୍ଡାୟା ଶ୍ରେଷ୍ଠ ଅଭିନେତ୍ରୀ

**ଏମି ଆୱାର୍ଡ**



ୱାଶିଂଟନ

ଆମେରିକା ଲସ୍ ଏଞ୍ଜେଲସ୍‌ର ମାଇକ୍ରୋସଫ୍ଟ ଥିଏଟରରେ ଅନୁଷ୍ଠିତ ହୋଇଯାଇଛି ଚଳିତବର୍ଷ ୭୪ତମ ପ୍ରାଇମ୍‌ଟାଇମ୍ ଏମି ଆୱାର୍ଡ ସମାରୋହ। ଟେଲିଭିଜନ୍ କଳାକାର ଓ ଟେକ୍ନିକାଲ ଷ୍ଟାଫ୍‌ମାନଙ୍କ ପାଇଁ ଏହି ଆୱାର୍ଡ ବିଶେଷ ଗୁରୁତ୍ୱ ବହନ କରିଥାଏ। ଚଳିତ ବର୍ଷ ଜେଣ୍ଡାୟାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଆମେରିକାନ୍ ଟେଲିଭିଜନ୍ ସିରିଜ୍ 'ୟୁଫୋରିଆ' ପାଇଁ ଜେଣ୍ଡାୟାଙ୍କୁ ଏମି ଆୱାର୍ଡ ନିମନ୍ତେ ଶ୍ରେଷ୍ଠ ଅଭିନେତ୍ରୀ ଶ୍ରେଣୀରେ ମନୋନୀତ କରାଯାଇଥିଲା। ଏମି ଆୱାର୍ଡରେ ପୁରସ୍କୃତ ହେବା ପରେ ଜାଣ୍ଡେୟା ସିରିଜ୍‌ର ସମସ୍ତ ମେମ୍ବରକୁ ଧନ୍ୟବାଦ ଜଣାଇବା ସହ ଆୱାର୍ଡ ପାଇ ଖୁବ୍ ଖୁସିଥିବା କହିଛନ୍ତି। ୨୦୦୯ରୁ ଜେଣ୍ଡାୟା ଚାଇଲ୍ଡ ଆର୍ଟିଷ୍ଟ ଭାବେ ହଲିଉଡ୍ ଫିଲ୍ମରେ କାମ କରିବା ଆରମ୍ଭ କରିଥିଲେ। 'ରକି ବ୍ଲୁ' ଥିଲା ଜେଣ୍ଡାୟାଙ୍କ ଟେଲିଭିଜନ୍ ଡେବ୍ୟୁ। ୨୦୧୭ରେ ସ୍ପାଇଡରମ୍ୟାନ୍-ହୋମ୍‌କମିଙ୍ଗ୍ ଜରିଆରେ ସେ ହଲିଉଡ୍‌ରେ ଜଗତରେ ପାଦ ଥାପିଥିଲେ। ଦୁଇଟି ପ୍ରାଇମ୍ ଟାଇମ୍ ଏମି ଆୱାର୍ଡ ସେ ଜିତିଛନ୍ତି। ଚଳିତ ବର୍ଷ ଟାଇମ୍ ମାଗାଜିନ୍‌ରେ ପ୍ରକାଶ ପାଇଥିବା ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ସୂଚୀରେ ଜେଣ୍ଡାୟାଙ୍କ ନାମ ସ୍ଥାନ ପାଇଛି। ଆମେରିକାର ଶ୍ରେଷ୍ଠ ଟେଲିଭିଜନ୍ ଡ୍ରାମା ସିଜିଜ୍ ଶ୍ରେଣୀରେ 'ସସେସନ୍'କୁ ପୁରସ୍କୃତ କରାଯାଇଥିବାବେଳେ 'ଟେଡ୍‌ଲାସୋ' ଶ୍ରେଷ୍ଠ କମେଡି ସିରିଜ୍ ହୋଇପାରିଛି। ସେହିପରି ଜାସୋନ ସୁଡେଇକିସ୍‌ଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ପୁରସ୍କୃତ କରାଯାଇଛି। ହ୍ୱାଇଟ୍ ଲୋଟସ୍ ସିରିଜ୍ ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ଶ୍ରେଣୀରେ ମାଇକ୍ ହ୍ୱାଇଟ୍‌ଙ୍କୁ ଏମି ଆୱାର୍ଡ ପ୍ରଦାନ କରାଯାଇଛି। ନେଟ୍‌ଫ୍ଲିକ୍ସ, ହୋମ୍ ବକ୍ସ ଅଫିସ୍ ମାକ୍ସ ଏବଂ ଆପଲ୍ ଟିଭି ପ୍ଲସ୍‌ରେ ପ୍ରସାରିତ ଅନେକ ସିରିଜ୍ ଓ କଳାକାର ଚଳିତ ବର୍ଷ ଏମି ଆୱାର୍ଡ ରେସ୍‌ରେ ସାମିଲ ହୋଇଥିଲେ। ଆମେରିକାବ୍ୟାପୀ ଏନ୍‌ବିସି ଚ୍ୟାନେଲ୍ ଜରିଆରେ ଏହି ସମାରୋହର ସିଧା ପ୍ରସାରଣ କରାଯାଇଥିଲା।

# ବିନା ପାଣିରେ ଟଏଲେଟ୍

ୱାଶିଂଟନ



ଜଳର ଅପଚୟ ରୋକିବା ପାଇଁ ଏବଂ ଲୋକଙ୍କୁ ବିଭିନ୍ନ ପ୍ରକାର ବ୍ୟାକ୍ଟେରିଆ ଜନିତ ରୋଗରୁ ରକ୍ଷା କରିବା ପାଇଁ ଖୁବ୍‌ଶୀଘ୍ର ବିନା ପାଣିରେ ସ୍ୱତନ୍ତ୍ର ପ୍ରକାର ଟଏଲେଟ ନିର୍ମାଣ ହେବାକୁ ଯାଉଛି। ବିଲ୍ ଗେଟ୍ସ ଏବଂ ସାମ୍‌ସଙ୍ଗ କମ୍ପାନୀ ମିଳିତ ଭାବେ ଏହି ପ୍ରୋଜେକ୍ଟରେ କାମ କରିଛନ୍ତି। ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍ ଟଏଲେଟ ପ୍ରୋଜେକ୍ ନେଇ ପ୍ରଥମେ ଯୋଜନା ପ୍ରସ୍ତୁତ କରିଥିବାବେଳେ ୨୦୧୧ରୁ ଏ ନେଇ କାମ ଆରମ୍ଭ ହୋଇଥିଲା। ଏହି ବିଶେଷ ପ୍ରକାର ଟଏଲେଟରେ ପାଣି ବଦଳରେ ହିଟ୍ ଟ୍ରିଟ୍‌ମେଣ୍ଟ ସାଙ୍ଗକୁ ବାୟୋପ୍ରୋସେସିଂ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଏହାଦ୍ୱାରା ମଳ ପୋଡ଼ି ଅଙ୍ଗାର ହୋଇଯିବା ସହ ମଳରେ ଥିବା ବ୍ୟାକ୍ଟେରିଆ ମରିଯିବେ। ବ୍ୟବହୃତ ଟେକ୍ନୋଲୋଜି ସାମ୍‌ସଙ୍ଗ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ବିକଶିତ ହୋଇଛି। ତରଳ ମଳ ପାଇଁ ଏହି ସ୍ୱତନ୍ତ୍ର ପ୍ରକାର ଟଏଲେଟରେ ବାୟୋଲୋଜିକାଲ ପ୍ୟୁରିଫିକେଶନ୍ ପ୍ରଣାଳୀ ବ୍ୟବହାର କରାଯିବାକୁ ଥିବାବେଳେ କଠିନ ମଳକୁ ହାଇଡ୍ରେଟେଡ୍ କରାଯିବା ପରେ ଏହାକୁ ଶୁଖାଇ ଜାଳି ପାଉଁଶରେ ପରିବର୍ତ୍ତିତ କରାଯିବ। ଏହି ଟଏଲେଟ ଦ୍ୱାରା ଲୋକଙ୍କୁ ବ୍ୟାକ୍ଟେରିଆ ଜନିତ ରୋଗରୁ ରକ୍ଷା କରାଯାଇ ପାରିବ ଏବଂ ଜଳ ଅପଚୟକୁ ମଧ୍ୟ ରୋକି ହେବ। ୧୫୯୬ରେ ସାର୍ ଜନ୍ ହାରିଙ୍ଗଟୋନ ୱେଷ୍ଟନ୍ ଟଏଲେଟର ଉଦ୍ଭାବନ କରିଥିଲେ। ତା' ପରଠାରୁ ଫ୍ଲସ୍ ଟଏଲେଟରେ ବିଶେଷ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ ଏବଂ ୟୁନିସେଫ୍‌ର ସୂଚନାନୁସାରେ ବିଶ୍ୱରେ ୩.୬ ବିଲିୟନ୍ ଲୋକଙ୍କ ନିମ୍ନମାନର ପରିଚ୍ଛନ୍ନ ବ୍ୟବସ୍ଥା କାରଣରୁ ପ୍ରତିବର୍ଷ ୫ ବର୍ଷରୁ କମ୍ ୫ ଲକ୍ଷ ଶିଶୁ ପ୍ରାଣ ହରାଉଛନ୍ତି। ଶିଶୁ ମୃତ୍ୟୁର କାରଣ ଡାଇରିଆ, ବ୍ୟାକ୍ଟେରିଆ ଜନିତ ରୋଗ ସାଙ୍ଗକୁ ପରିଚ୍ଛନ୍ନତାର ଅଭାବ ବୋଲି ଜଣାପଡ଼ିଛି।

## ରାଷ୍ଟ୍ରଭାଷା ବିକାଶରେ ଦେଶର ବିକାଶ

**ହିନ୍ଦୀ ଦିବସ**

ବିଭିନ୍ନ ସରକାରୀ କାର୍ଯ୍ୟର ସଫଳ ରୂପାୟନ କ୍ଷେତ୍ରରେ ଜନସାଧାରଣଙ୍କର ବୋଧଗମ୍ୟ ହେଉଥିବା ଭାଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରଭାଷାର ବିକାଶରେ ଦେଶର ବିକାଶ ସମ୍ଭବ ହୋଇ ପାରିବ। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରଭାଷା ହିନ୍ଦୀର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୧୪ରେ ହିନ୍ଦୀ ଦିବସ ପାଳନ କରାଯାଇଥାଏ। ୧୯୪୯ ସେପ୍ଟେମ୍ବର ୧୪ରେ ହିନ୍ଦୀକୁ ସରକାରୀ ଭାଷାର ମାନ୍ୟତା ମିଳିଥିଲା। ଏହାକୁ ସ୍ମରଣ କରିବା ଲାଗି ଏହି ଦିବସ ୧୯୫୩ ସେପ୍ଟେମ୍ବର ୧୪ଠାରୁ ପାଳନ କରାଯାଉଛି। ପୃଥିବୀର ଲୋକଙ୍କ ଦ୍ୱାରା କୁହାଯାଉଥିବା ଭାଷା ମଧ୍ୟରେ ହିନ୍ଦୀ ତୃତୀୟ ସ୍ଥାନ ହାସଲ କରିଛି। ଭାରତର ସମ୍ବିଧାନର ଡ୍ରାଫ୍ଟ ସମୟରେ ଏକ ଆପୋସ ବୁଝାମଣା ହୋଇଥିଲା; ଯେଉଁଥିରେ ହିନ୍ଦୀକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ ଲାଗି ପ୍ରସ୍ତାବ ରଖାଯାଇଥିଲା। ତିନି ବର୍ଷ ଧରି ବିତର୍କ ପରେ ଭାରତର ସମ୍ବିଧାନସଭା ଦ୍ୱାରା ଭୋଟ ଗ୍ରହଣ କରାଯିବା ପରେ ଏହା ନିଶ୍ଚିତ ହୋଇଥିଲା। ଡ୍ରାଫ୍ଟିଙ୍ଗ କମିଟିରେ ଦୁଇ ବିରୋଧୀ ସଦସ୍ୟ କେ.ଏମ୍. ମୁନସୀ ଏବଂ ଏନ୍. ଗୋପାଳସ୍ୱାମୀ ଆୟାଙ୍ଗାରଙ୍କ ମୁନ୍‌ସୀ-ଆୟାଙ୍ଗାର ସୂତ୍ର ଦ୍ୱାରା ଏହି ଆପୋସ ବୁଝାମଣା ହୋଇଥିଲା। ହିନ୍ଦୀକୁ କେନ୍ଦ୍ର ସରକାରଙ୍କ ସରକାରୀ ଭାଷା ଭାବେ ଘୋଷଣା କରାଯାଇଛି।

## ତିରୁମାଲା ହୁଣ୍ଡିରୁ ୧୪୦.୩୪ କୋଟି ସଂଗ୍ରହ

ତିରୁପତି



ପ୍ରଭୁ ଭେଙ୍କଟେଶ୍ୱରଙ୍କ ତିରୁମାଲା ମନ୍ଦିର ହୁଣ୍ଡିରୁ ଅଗଷ୍ଟ ମାସରେ ୧୪୦.୩୪ କୋଟି ଟଙ୍କା ସଂଗ୍ରହ ହୋଇଛି। ଗତ ମାସରେ ୨୨.୨୨ ଲକ୍ଷ ଭକ୍ତ ମନ୍ଦିରକୁ ଆସିଥିବାବେଳେ ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ପକ୍ଷରୁ ସେମାନଙ୍କୁ ୧.୫ କୋଟି ଟଙ୍କା ବିନିମୟରେ ଲଡୁ ବଣ୍ଟା ଯାଇଥିବା କୁହାଯାଉଛି। ପ୍ରକାଶିତ ଖବର ଅନୁସାରେ ଟିଟିଡି ୪୭.୭୪ ଲକ୍ଷ ଭକ୍ତଙ୍କୁ ଅନ୍ନ ପ୍ରସାଦ ବାଣ୍ଟିବା ସହ ୧୦.୮୫ ଲକ୍ଷ ଶ୍ରଦ୍ଧାଳୁ ମନ୍ଦିରରେ ମୁଣ୍ଡନ କରିଛନ୍ତି। ଆସନ୍ତା ୨୭ରେ ତିରୁମାଲା ମନ୍ଦିରରେ ହେବାକୁଥିବା ବ୍ରହ୍ମୋତ୍ସବମ୍‌ରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ଭେଙ୍କଟେଶ୍ୱର ପ୍ରଭୁଙ୍କୁ ପଟ୍ଟୁ ବସ୍ତ୍ରମ୍ ଦାନ କରିବା ସହ ଟିଟିଡି ପକ୍ଷରୁ ୨୩ କୋଟି ବିନିମୟରେ ନିର୍ମିତ ପାରାକାମାନି କମ୍ପ୍ଲେକ୍ସ ବିଲ୍ଡିଂ ଉନ୍ମୋଚନ କରାଯିବାର କାର୍ଯ୍ୟକ୍ରମ ରହିଛି।

## ମକ୍କାରେ ମହାରାଣୀଙ୍କ ପାଇଁ ପ୍ରାର୍ଥନା କରି ଗିରଫ

ରିୟାଧ



ବିଶ୍ୱ ପ୍ରସିଦ୍ଧ ସାଉଦି ଆରବର ମକ୍କା ମସ୍‌ଜିଦ୍‌ରେ ପ୍ରାର୍ଥନା କରିବା ଲାଗି ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମୁସଲମାନ ସମ୍ପ୍ରଦାୟର ପବିତ୍ର ସ୍ଥାନ କୁହାଯାଉଥିବା ମକ୍କାକୁ ମୁସଲମାନଙ୍କ ବ୍ୟତୀତ ଅନ୍ୟ ସମ୍ପ୍ରଦାୟର ବ୍ୟକ୍ତିଙ୍କ ପ୍ରବେଶ ନିଷିଦ୍ଧ। ଏପରି ସ୍ଥିତିରେ ବ୍ରିଟେନ୍ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବ୍ୟକ୍ତି ଜଣକ ମକ୍କା ପରିକ୍ରମା କରିବା ସହ ପ୍ରାର୍ଥନା କରୁଥିବାର ଭିଡିଓ ଟୁଇଟରରେ ଭାଇରାଲ ହେବା ପରେ ବ୍ୟକ୍ତିଙ୍କ ବିରୋଧରେ ସାଉଦି ପ୍ରଶାସନ ପକ୍ଷରୁ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗିରଫ ବ୍ୟକ୍ତି ଜଣକ ୟେମେନର ହୋଇଥିବାବେଳେ ଭିଡିଓରେ ସେ ଏକ ବ୍ୟାନର ଧରିଥିବା ମଧ୍ୟ ଦେଖିବାକୁ ମିଳିଛି।

# କୋଲକାତାରେ ଭାଜପାର ବିକ୍ଷୋଭ ବେଳେ ହିଂସା



ବିକ୍ଷୋଭ ବେଳେ ପୋଲିସ ଗାଡ଼ିରେ ନିଆଁ ଲାଗିଛି।



ପଶ୍ଚିମବଙ୍ଗ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଗିରଫ କରି ନିଆଯାଉଛି।

**କୋଲକାତା, ୧୩।୯**

■ ଶୁଭେନ୍ଦୁଙ୍କ ସମେତ ବହୁ ନେତା ଗିରଫ
■ ପୋଲିସ ଗାଡ଼ି ପୋଡ଼ି

ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସରକାରଙ୍କ ଦୁର୍ନୀତିକୁ ବିରୋଧକରି ମଙ୍ଗଳବାର ଭାଜପା ପକ୍ଷରୁ ସଚିବାଳୟ ଅଭିମୁଖେ ଏକ ଶୋଭାଯାତ୍ରା ବାହାରିଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବା ସହ ବହୁ ନେତାଙ୍କୁ ଗିରଫ କରିବାରୁ ହିଂସାକାଣ୍ଡ ସୃଷ୍ଟି ହୋଇଛି। ଭାଜପା ନେତାମାନେ କୋଲକାତାର ନବାନ୍ନସ୍ଥିତ ରାଜ୍ୟ ସଚିବାଳୟ ଅଭିମୁଖେ ଯାଉଥିବାବେଳେ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ, ଭାଜପା ଏମ୍‌ପି ଲକେଟ ଚାଟାର୍ଜୀ, ରାହୁଲ ସିହ୍ନାଙ୍କ ସମେତ ଅନେକ ନେତାଙ୍କୁ ଦ୍ୱିତୀୟ ହୁଗୁଳି ବ୍ରିଜ୍ ନିକଟରେ ଗିରଫ କରାଯାଇ ଜେଲ୍ ଭ୍ୟାନରେ ନିଆଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ପୋଲିସ ଓ ଭାଜପା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଉତ୍ୟକ୍ତ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ହାଓଡ଼ା ବ୍ରିଜ୍ ନିକଟରେ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପାଣିମାଡ଼ କରିଥିଲା। ଉତ୍ୟକ୍ତ ଲୋକେ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ସଂଘର୍ଷ ପରେ ବହୁସଂଖ୍ୟାରେ ଭାଜପା କର୍ମୀଙ୍କୁ ପୋଲିସ ଅଟକ ରଖିଛି। ମମତା ବାନାର୍ଜୀ ସରକାରଙ୍କ ଦୁର୍ନୀତି ପ୍ରତିବାଦରେ ନବାନ୍ନ ଅଭିଯାନ ବା ସଚିବାଳୟ ଅଭିଯାନରେ ସାମିଲ ହେବା ଲାଗି ମଙ୍ଗଳବାର ସକାଳେ ସାରା ରାଜ୍ୟରେ ହଜାର ହଜାର ଭାଜପା ସମର୍ଥକ କୋଲକାତା ଓ ହାଓଡ଼ାରେ ପହଞ୍ଚିଥିଲେ। ମମତା ପଶ୍ଚିମବଙ୍ଗକୁ ଉତ୍ତର କୋରିଆରେ ପରିଣତ କରିଥିବା ଶୁଭେନ୍ଦୁ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପଛରେ ଲୋକଙ୍କ ସମର୍ଥନ ନାହିଁ। ସେ ଏକଚ୍ଛତ୍ରବାଦ ଚଳାଇଛନ୍ତି। ଭାଜପା କ୍ଷମତାକୁ ଆସିଲେ ପୋଲିସକୁ ତାହାର ମୂଲ୍ୟ ଦେବାକୁ ପଡ଼ିବ ବୋଲି ବିରୋଧୀ ଦଳ ନେତା କହିଛନ୍ତି। ଶୁଭେନ୍ଦୁ ସାନ୍ତ୍ରାଗାଚିରୁ ଶୋଭାଯାତ୍ରାର ନେତୃତ୍ୱ ନେଉଥିବାବେଳେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦିଲୀପ ଘୋଷ ଉତ୍ତର କୋଲକାତାରୁ ବିକ୍ଷୋଭକାରୀଙ୍କ ନେତୃତ୍ୱ ନେଉଥିଲେ। ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚାଲିଥିବାବେଳେ ଭୟଭୀତ ସରକାର ବଳ ପ୍ରୟୋଗ କରି ତାହାକୁ ଅଟକାଇଛନ୍ତି। କୌଣସି ଅପ୍ରୀତିକର ସ୍ଥିତି ପାଇଁ ରାଜ୍ୟ ପ୍ରଶାସନ ଦାୟୀ ରହିବ ବୋଲି ଘୋଷ କହିଛନ୍ତି।

# ମାୟାବତୀଙ୍କ ପୁତୁରା ବିଏସ୍‌ପିର ନଂ. ୨ ନେତା

**ଲକ୍ଷ୍ନୌ, ୧୩।୯ (ଆଇଏଏନ୍‌ଏସ୍)**



ଆକାଶ ଆନନ୍ଦ

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀଙ୍କ ପୁତୁରା ଆକାଶ ଆନନ୍ଦ ଏବେ ଦଳରେ ନଂ୨ ନେତା। ଆଗାମୀ ଗୁଜରାଟ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଲାଗି ଦଳକୁ ସୁଦୃଢ଼ କରାଇବା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ବିଏସ୍‌ପିର ରାଷ୍ଟ୍ରୀୟ ସଂଯୋଜକ ଥିବା ଆକାଶଙ୍କୁ ଉପରୋକ୍ତ ରାଜ୍ୟରେ ସଂଗଠନକୁ ସଜାଡ଼ିବା ଦାୟିତ୍ୱ ଦିଆଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଆସନ୍ତା ବର୍ଷ ଭୋଟ ହେବ। ଆକାଶ ୨୦୧୭ରେ ଲଣ୍ଡନରୁ ଏମ୍‌ବିଏ ଶେଷ କରି ଫେରିବା ପରେ ମାୟାବତୀ ତାଙ୍କୁ ରାଜନୀତିକୁ ଆଣିଥିଲେ। ୨୦୧୯ ଲୋକ ସଭା ନିର୍ବାଚନରେ ସେ ମାୟାବତୀଙ୍କ ନିର୍ବାଚନ ପ୍ରଚାର ପରିଚାଳନା କରିବା ସହ ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ବେଳେ ଦଳର ସୋସିଆଲ ମିଡିଆ କାର୍ଯ୍ୟକୁ ପରିଚାଳନା କରୁଥିଲେ।

# ଓଡ଼ିଶାରେ ହେବ ଭାରତ ଯୋଡ଼ୋ ଯାତ୍ରା



ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

**ଭୁବନେଶ୍ୱର, ୧୩।୯ (ବ୍ୟୁରୋ)**

**୧୮ରେ କେନ୍ଦ୍ରୀୟ ନେତାଙ୍କ ଉପସ୍ଥିତିରେ ପ୍ରସ୍ତୁତ ହେବ ରୂପରେଖ**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ହୋଇଛି। ଘୃଣା ଓ ବିଦ୍ୱେଷର ରାଜନୀତିକୁ ପରାହତ ସହ ଆକାଶଛୁଆଁ ଦରଦାମ ଓ ବେକାରି ବୃଦ୍ଧିକୁ ପ୍ରସଙ୍ଗ କରି ଏହି ଯାତ୍ରା ଚାଲିଛି। ଏହି ଯାତ୍ରାର ସଫଳତା ଦେଖି ଭାଜପା ଅସହିଷ୍ଣୁ ହୋଇଉଠିଛି। ପ୍ରତିଦିନ ମିଥ୍ୟା ଓ ଅବାନ୍ତର କଥା କହି ରାହୁଲ ଗାନ୍ଧୀଙ୍କୁ ଆକ୍ଷେପ କରୁଥିବା ଦଳ ପକ୍ଷରୁ କୁହାଯାଇଛି। ଅଧିକରୁ ଅଧିକ ସଂଖ୍ୟାରେ ଲୋକ ଏହି ଯାତ୍ରାକୁ ସମର୍ଥନ ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ଦଳର ସମସ୍ତ ଛାମୁଆ ସଙ୍ଗଠନ, ବିଭାଗ ଓ ପ୍ରକୋଷ୍ଠର ନେତୃବୃନ୍ଦଙ୍କ ବୈଠକରେ ରାହୁଲ ଗାନ୍ଧୀଙ୍କ ଏହି ପଦଯାତ୍ରାକୁ ସମର୍ଥନ ଜଣାଇବା ସହିତ ଓଡ଼ିଶାରେ ଉକ୍ତ ଯାତ୍ରା ଆୟୋଜନ ପାଇଁ ଆଲୋଚନା ହୋଇଛି। ସେପ୍ଟେମ୍ବର ୧୮ ରେ ଭାରତ ଯୋଡ଼ୋ ଯାତ୍ରାର ଆବାହକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ, ଏଆଇସିସି ମୁଖପାତ୍ର ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାର, ସହ ପ୍ରଭାରୀ ରୁଦ୍ର ରାଜୁଙ୍କ ଉପସ୍ଥିତିରେ ଏହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ପିସିସି ଉପସଭାପତି ଶିବାନନ୍ଦ ରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଧାୟକଙ୍କୁ ୨୫କୋଟି ଯାଚୁଛି ଭାଜପା: ହରପାଲ

**ଚଣ୍ଡିଗଡ଼, ୧୩।୯**

ପଞ୍ଜାବରେ ଆମ ଆଦମୀ ପାର୍ଟି (ଏଏପି)ର ସରକାରରେ ଥିବା ଅର୍ଥମନ୍ତ୍ରୀ ହରପାଲ ସିଂ ଚିମା ଭାଜପା ଉପରେ ଏକ ବଡ଼ ଅଭିଯୋଗ କରିଛନ୍ତି। ଭାଜପା ପ୍ରତ୍ୟେକ ଏଏପି ବିଧାୟକଙ୍କୁ ୨୫କୋଟି ଟଙ୍କାର ଅଫର ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ଏହାକୁ ନେଇ ପଞ୍ଜାବ ଏଏପି ପକ୍ଷରୁ ମଙ୍ଗଳବାର ଟୁଇଟ କରି କୁହାଯାଇଛି, ସିରିଏଲ କିଲର ଭାଜପା ବର୍ତ୍ତମାନ ପଞ୍ଜାବରେ ନିଜର ଅପରେଶନ ଲୋଟସ ଚଳାଉଛି। ରାଜ୍ୟର ଏଏପି ବିଧାୟକଙ୍କୁ ୨୫-୨୫ କୋଟି ଅଫର୍ ଦେଉଛି। କିନ୍ତୁ ଭାଜପା ଭୁଲି ଯାଉଛି ଯେ, ଏଏପିର ଜଣେ ବି ବିଧାୟକ ଏହି ଘୋଡ଼ାବେପାରରେ ସାମିଲ ହେବେ ନାହିଁ। ଦିଲ୍ଲୀ ଭଳି ପଞ୍ଜାବରେ ମଧ୍ୟ ଭାଜପାର ଏହି ଅପରେଶନ ବିଫଳ ହେବ। ମଙ୍ଗଳବାର ଚଣ୍ଡିଗଡ଼ରେ ଏକ ଖବରଦାତା ସମ୍ମିଳନୀରେ ପଞ୍ଜାବ ଅର୍ଥମନ୍ତ୍ରୀ ହରପାଲ ଭାଜପା ଉପରେ ଅଭିଯୋଗ ଆଣିଛନ୍ତି। ଏଏପି ବିଧାୟକଙ୍କୁ କିଣି ପଞ୍ଜାବରେ କ୍ଷମତାରେ ଥିବା ସରକାରଙ୍କୁ ଭାଙ୍ଗିବାକୁ ଉଦ୍ୟମ କରୁଛି ଭାଜପା। ପଞ୍ଜାବରେ ଅପରେଶନ ଲୋଟସ ପାଇଁ ଭାଜପା କେନ୍ଦ୍ରୀୟ ଏଜେନ୍ସି ସହିତ ଟଙ୍କାର ମଧ୍ୟ ବ୍ୟବହାର କରୁଛି ବୋଲି ହରପାଲ ଅଭିଯୋଗ କରିଛନ୍ତି।

# କଂଗ୍ରେସ ଶେଷ ହୋଇଯାଇଛି: କେଜ୍‌ରିୱାଲ

**ନୂଆଦିଲ୍ଲୀ, ୧୩।୯**



ଅରବିନ୍ଦ କେଜ୍‌ରିୱାଲ

କଂଗ୍ରେସ ଶେଷ ହୋଇଯାଇଛି। ତେଣୁ ଗୁଜରାଟରେ ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସବୁ ଆସନରେ ଲଢ଼ିବ ବୋଲି ଦଳର ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଗୁଜରାଟ ଗସ୍ତରେ ଥିବା କେଜ୍‌ରିୱାଲ ମଙ୍ଗଳବାର ଅହମଦାବାଦ ଟାଉନହଲ୍‌ରେ ପରିମଳ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପଞ୍ଜାବରେ ଏଏପି ସରକାର ଦୁର୍ନୀତିରେ ବୁଡ଼ିଥିବା ସହ କର୍ମଚାରୀଙ୍କୁ ବେତନ ଦେବା ପାଇଁ ଟଙ୍କା ନ ଥିବାବେଳେ ଗୁଜରାଟରେ ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ଅଭିଯୋଗ ହୋଇଛି। ଜଣେ କଂଗ୍ରେସ ନେତାଙ୍କ ଏଭଳି ଅଭିଯୋଗ ଉପରେ ଖବରଦାତାମାନେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଉପରୋକ୍ତ ଜବାବ ରଖିଥିଲେ। ସାମାଜିକ କର୍ମୀ ମେଧା ପାଟକରଙ୍କୁ ଏଏପି ଗୁଜରାଟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ ବୋଲି ଜଣେ ଭାଜପା ନେତାଙ୍କ ଅଭିଯୋଗ ସମ୍ପର୍କିତ ପ୍ରଶ୍ନରେ କେଜ୍‌ରିୱାଲ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ନରେନ୍ଦ୍ର ମୋଦିଙ୍କ ପରେ ଭାଜପା ସୋନିଆ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବାକୁ ଯୋଜନା କରୁଥିବା ସେ ଶୁଣୁଛନ୍ତି। ଏ ସମ୍ପର୍କରେ ଭାଜପାକୁ ପଚାର ବୋଲି କେଜ୍‌ରିୱାଲ ଖବରଦାତାମାନଙ୍କୁ କହିଥିଲେ।

## ରାଜ୍ୟ ଖବର

# ଚାନ୍ଦିଲି ସଂରକ୍ଷିତ ଜଙ୍ଗଲରେ ବାଘ ମୃତଦେହ

**ନିଶ, ଗୋଡ଼ ଓ ନଖ କାଟି ନେଇଛନ୍ତି ଦୁର୍ବୃତ୍ତ**

**ସୋନପୁର/ଉଲୁଣ୍ଡା, ୧୩।୯ (ନି.ପ୍ର./ଡି.ଏନ୍.ଏ.)**



ମାଈ କଲରାପତରିଆ ବାଘର ମୃତଦେହ।

ସୁବର୍ଣ୍ଣପୁର ବନଖଣ୍ଡ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲରେ ଏକ କଲରାପତରିଆ ବାଘର ଗଳିତ ମୃତଦେହ ମଙ୍ଗଳବାର ଠାବ କରାଯାଇଛି। ପଚିଶଢ଼ି ଶରୀରସାରା ପୋକ ସାଲୁବାଲୁ ହେଉଛନ୍ତି। ବାଘର ନିଶ, ଗୋଡ଼ ଓ ନଖକୁ ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତ ବାଘପାଲି ଗାଁ ନିକଟ ଜଙ୍ଗଲରେ ବାଘର ମୃତଦେହ ପଡିଥିବା ଛେଳି ଚରାଳିମାନେ ସକାଳେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ବନ ବିଭାଗ କର୍ମଚାରୀ ବିଳମ୍ବରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ସୁବର୍ଣ୍ଣପୁର ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ ଓ ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ଦିଲୀପ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଉଲୁଣ୍ଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ କୁମାର ପୁରୋହିତ ବ୍ୟବଚ୍ଛେଦ କରିଛନ୍ତି। ପରେ ବନ ବିଭାଗ ପକ୍ଷରୁ ଜଙ୍ଗଲରେ ବାଘକୁ ପୋଡି ଦିଆଯାଇଛି।

ମୃତ ମାଈ କଲରାପତରିଆ ବାଘଟି ପ୍ରାପ୍ତବୟସ୍କା। ତେବେ ମୃତଦେହ ପଚି ପୋକ ହୋଇ ଯାଇଥିବାରୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ପରି ନଥିବା ଡାକ୍ତର ପୁରୋହିତ କହିଛନ୍ତି। ଅନ୍ୟପକ୍ଷେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବାଘର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବନ ବିଭାଗର ଅବହେଳାକୁ ଏଥିପାଇଁ ଦାୟୀ କରାଯାଉଛି। ଜିଲାରେ ୧ ବର୍ଷ ହେବ ଡିଏଫ୍‌ଓ ପଦବୀ ଖାଲି ପଡ଼ିଛି। ବଲାଙ୍ଗୀର ଡିଏଫ୍‌ଓ ନୀତୀଶ କୁମାର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଏହି ସୁଯୋଗରେ ବନ କର୍ମଚାରୀମାନେ ଜଙ୍ଗଲ ଯାଉନାହାନ୍ତି। ବାଘ ମୃତ୍ୟୁର ୪ ଦିନ ପରେ ବନ ବିଭାଗ କର୍ମଚାରୀ ଘଟଣା ସମ୍ପର୍କରେ ଜାଣି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ଘରେ ନିଆଁ ଲାଗିବା ଦେଖି ବୃଦ୍ଧାଙ୍କ ପ୍ରାଣଗଲା

**ସାରସକଣା, ୧୩।୯ (ଡି.ଏନ.ଏ.)**

ନିଆଁ ଲାଗି ଘର ଜଳି ଯାଉଥିବା ଦେଖି ହୃଦ୍‌ଘାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଧେଣ୍ଡଗାଁ ଗ୍ରାମରେ। ମୃତ ବୃଦ୍ଧା ଜଣକ ହେଲେ ସ୍ୱର୍ଗତ ଗୋଷ୍ଠବିହାରୀ ପାତ୍ରଙ୍କ ସ୍ତ୍ରୀ ବାସନ୍ତୀ(୭୫)। ସୋମବାର ବିଳମ୍ବିତ ରାତିରେ କୌଣସି କାରଣରୁ ବାସନ୍ତୀଙ୍କ ୨ ବଖରା ଚାଳଛପର ଘରେ ନିଆଁ ଲାଗିଯାଇଥିଲା। ଅନ୍ୟ ଏକ ନିର୍ମାଣାଧିନ ଘରେ ଝିଅ ସ୍ନେହଲତା ଓ ନାତୁଣୀ ଶର୍ମିଷ୍ଠାଙ୍କ ସହ ବାସନ୍ତୀ ଶୋଇଥିଲେ। ତେବେ ଘର ଜଳୁଥିବା ଦେଖି ହୃଦ୍‌ଘାତରେ ବାସନ୍ତୀଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇବା ବେଳକୁ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ସହ ଧାନ, ଚାଉଳ, ସୁନା ଅଳଙ୍କାର, ବ୍ୟାଙ୍କ ପାସ୍‌ବୁକ ଓ ଯୁକ୍ତ ୩ରେ ପଢୁଥିବା ନାତୁଣୀ ଶର୍ମିଷ୍ଠାଙ୍କ ସମସ୍ତ ସାର୍ଟିଫିକେଟ ପୋଡ଼ି ପାଉଁଶ ହୋଇଯାଇଛି। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ଏକ ପଲିଥିନ ଯୋଗାଇ ଦିଆଯାଇଛି।

# କେନ୍ଦୁଝର ମଡେଲ୍‌କୁ ନୀତି ଆୟୋଗଙ୍କ ପ୍ରଶଂସା

**କେନ୍ଦୁଝର, ୧୩।୯ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଆଇସିଡିଏସ୍ ଅଧୀନରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ସକାଳ ଜଳଖିଆରେ ଦିଆଯାଉଥିବା ମାଣ୍ଡିଆରେ ପ୍ରସ୍ତୁତ ରାଗି ଲଡ୍ଡୁ ବ୍ୟବସ୍ଥାକୁ ନୀତି ଆୟୋଗ ପ୍ରଶଂସା କରିଛନ୍ତି। ଏହାକୁ ଅନ୍ୟ ଖଣିଜ ପ୍ରତିଷ୍ଠାନ ଜିଲାରେ କାର୍ଯ୍ୟକାରୀ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ରାଜ୍ୟ ସରକାରଙ୍କ ମିଲେଟ ମିଶନ କାର୍ଯ୍ୟକ୍ରମରେ ଜିଲାରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହିତ କରାଯାଉଛି। ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ଏସବୁ ସଂଗ୍ରହ କରିବା ସହ ପ୍ରକ୍ରିୟାକରଣ କରି ମାଣ୍ଡିଆ ମିକ୍ସ କରୁଛନ୍ତି। ଏହି ମାଣ୍ଡିଆ ମିକ୍ସରୁ ପୁଷ୍ଟିକର ରାଗି ଲଡ୍ଡୁ ପ୍ରସ୍ତୁତ କରାଯାଉଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ସହ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ଅତିରିକ୍ତ କର୍ମନିଯୁକ୍ତି ସୁଯୋଗ ଯୋଗାଇଦେବା ଏବଂ ପାରମ୍ପରିକ ମାଣ୍ଡିଆ ଚାଷର ପୁନରୁଦ୍ଧାର କରିବା। କୋଭିଡ୍ ସମୟରେ ଅର୍ଥାତ୍ ଜୁଲାଇ ୨୦୨୦ରେ ରାଜ୍ୟରେ ପ୍ରଥମ ଥର ପାଇଁ ଜିଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଏହି ରାଗି ଲଡ୍ଡୁ ଦିଆଯାଇଥିଲା।


ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା



(ଜଗା)
ଲିଙ୍କନ ଦାସ
ଶ୍ରୀରାମ ନଗର, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆଜି ତୋର "ଦ୍ୱିତୀୟ" ବାର୍ଷିକୀ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ: ଦାସ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଜୟ ମାତାଦୀ
ଧ-୭୩୩୫୦



ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଁଜଗନ୍ନାଥ ମିଶ୍ର
ଗ୍ରାମ-ତୁରିଡରା, ଜିଲ୍ଲା-ଖୋର୍ଦ୍ଧା
ଆବିର୍ଭାବ: ୦୬-୦୩-୧୯୫୬
ତିରୋଧାନ: ୦୭-୦୨-୨୦୨୧
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନଙ୍କ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୫୧୮

ଏକାଦଶାହ ଶ୍ରଦ୍ଧାଞ୍ଜଳି



ଁଶାନ୍ତିଲତା ନାୟକ
ହରିହଂସ, ଧୂଷୁରୀ, ଭଦ୍ରକ
ଆବିର୍ଭାବ-୧୭।୦୫।୧୯୫୧
ତିରୋଧାନ- ୦୪।୦୯।୨୦୨୨
ଆଜି ତୁମ ଅବର୍ତ୍ତମାନରେ ଆମେ ସମସ୍ତେ ଦିଗହରା, ତୁମ ଭଲପାଇବା ଆମମାନଙ୍କ ପାଇଁ ଅପୂରଣୀୟ। ତୁମ ଏକାଦଶାହରେ କେବଳ ଏତିକି ପ୍ରାର୍ଥନା କରୁଛୁ, ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଆଶୀର୍ବାଦ, କରୁଣା, ଭଲ ପାଇବା, ସ୍ନେହ, ପ୍ରେମ ସବୁଦିନ ଆମ ମଥା ଉପରେ ଥାଉ।
-ଶୋକସନ୍ତପ୍ତ-ହତଭାଗ୍ୟ ସ୍ୱାମୀ- ଶଶଧର, ପୁତ୍ର: ଶିବ, ଲୁନା, ପୁତ୍ରବଧୂ: ରୁବି, ସୋନି, ଝିଅ: ଅଳକାନନ୍ଦା, ଜ୍ୱାଇଁ: ପ୍ରସନ୍ନ, ନାତୁଣୀ: ଶ୍ରୀୟାଶ୍ରୀ, ନାତି: ଶ୍ରୀଜୟ ଶୁଭ୍ରକାନ୍ତି, ଶ୍ରୀଜୟ ସୌମ୍ୟକାନ୍ତି, ପ୍ରତ୍ୟୁଷ ଅଂଶୁମାନ, ପୀୟୂଷ ପ୍ରୀତମ, ଶ୍ରୀହାଂଶୁ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୧୫୧୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଁଶୋଭାମଣୀ ମିଶ୍ର
ଗ୍ରାମ-ତୁରିଡରା, ଜିଲ୍ଲା-ଖୋର୍ଦ୍ଧା
ଆବିର୍ଭାବ: ୨୩-୦୧-୧୯୨୩
ତିରୋଧାନ: ୨୩-୦୨-୨୦୨୧
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତ କୋଟି ପ୍ରଣାମ ଜଣାଉଛୁ।
-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୫୧୭

Second Punnya Tithi



1940 -2020
Late CA Jajati Kesari Patnaik
You had touched countless lives in your lifetime, and even now you live through your good deeds. We miss you always!
PATNAIK & CO | GLOBAL | GLOBAL
ଧ-୧୫୧୫


# ରେଗିଡ଼ି ଛକରେ ଠିକାଦାରଙ୍କୁ ହତ୍ୟା

**ବ୍ରହ୍ମପୁର ଅଫିସ, ୧୩।୯**

**ନିର୍ବାଚନୀ ପରବର୍ତ୍ତୀ ହିଂସା**

**ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ**

ଗଞ୍ଜାମ ଜିଲାରେ ପୁଣିଥରେ ନିର୍ବାଚନୀ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ପୁରୁଷୋତ୍ତମପୁର ବ୍ଲକ ଋଷିପୁର ପଞ୍ଚାୟତ ପରାଜିତ ସମିତି ସଭ୍ୟା ପ୍ରାର୍ଥିନୀ ମିନତୀ ନାହାକଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ନାହାକ(୪୨)ଙ୍କୁ ହତ୍ୟା କରାଯାଇଛି। ଘଟଣା ମଙ୍ଗଳବାର ସଦର ଥାନା ଅନ୍ତର୍ଗତ ଚଣ୍ଡୀପଦର ନିକଟ ରେଗିଡ଼ି ଛକରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଘଟିଛି। ୪/୫ ଜଣ ଦୁର୍ବୃତ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମିନତୀଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ନଂ. ୪୨୨/୨୨ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

ପଞ୍ଚାୟତ ନିର୍ବାଚନରେ ମୁଁ ସମିତି ସଭ୍ୟା ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲି। ପରେ ଗୋଟିଏ ଗୋଷ୍ଠୀର କେତେଜଣ ଲୋକ ଆମ ସହ ଝଗଡା କରି ମୋ ସ୍ୱାମୀଙ୍କ ବିରୋଧରେ ଥାନାରେ ମିଥ୍ୟା ମାମଲା ରୁଜୁ କରିଥିଲେ। ପରେ ମୋ ସ୍ୱାମୀ ଗତ ଜୁନରେ ହାଇକୋର୍ଟରୁ ଜାମିନ ପାଇଥିଲେ ବୋଲି ମିନତୀ କହିଛନ୍ତି। ଏବେ ଉକ୍ତ ଗୋଷ୍ଠୀ ମୋ ସ୍ୱାମୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଘଟଣା ସ୍ଥଳରୁ ପୋଲିସ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ମୋବାଇଲ ଓ ବାଇକ୍, ଏକ ରକ୍ତଭିଜା ଖଣ୍ଡା ଓ ପଟେ ଚପଲ ଜବତ କରିଛି। ସେ ଠିକାଦାରି କାମ କରୁଥିବା ଜଣାପଡିଛି। ସେହିପରି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା କହିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପୂର୍ଣ୍ଣଚନ୍ଦ୍ରଙ୍କୁ ଦୁର୍ବୃତ୍ତମାନେ ପିଛାକରି ତାଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି।

ପ୍ରକାଶ ଯେ, ପୂର୍ଣ୍ଣଚନ୍ଦ୍ର କୌଣସି କାମରେ ମଙ୍ଗଳବାର ସକାଳେ ବ୍ରହ୍ମପୁର ଅଭିମୁଖେ ଆସୁଥିଲେ। ବାଇକ୍ (ନଂ ଓଆର ୦୭ ଡବ୍ଲ୍ୟୁ ୫୯୫୨)ରେ ସେ ଆସୁଥିବା ବେଳେ ରେଗିଡ଼ି ଛକ ପୂର୍ବରୁ ଏକ ନିଛାଟିଆ ସ୍ଥାନରେ ତାଙ୍କୁ ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଖଣ୍ଡା ଓ ବିଭିନ୍ନ ପ୍ରକାର ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଖଣ୍ଡାରେ ପୂର୍ଣ୍ଣଚନ୍ଦ୍ରଙ୍କ ମୁଣ୍ଡ ଦୁଇଫାଳ କରିଦେବା ସହ ବେକ ଓ ଦୁଇ ଗୋଡ଼କୁ ହାଣି ଦେଇଛନ୍ତି। ସ୍ଥାନୀୟ ଲୋକ ଆମ୍ବୁଲାନରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ପୂର୍ଣ୍ଣଚନ୍ଦ୍ରଙ୍କୁ ମୃତ ଘୋଷଣା କରିଛନ୍ତି।


CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାଓାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।



Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମାଛ ପାଇଁ କୃତ୍ରିମ ଖାଦ୍ୟ



ପ୍ରତିଦିନ କୃତ୍ରିମ ଖାଦ୍ୟ ହେକ୍ଟର ପିଛା ୫ କିଲୋଗ୍ରାମ୍ ହିସାବରେ ମାଛଙ୍କୁ ଦିଅନ୍ତୁ । କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ । ୧୦୦ କିଲୋଗ୍ରାମ୍ କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଲୋଗ୍ରାମ୍ ବାଦାମ/ସୋରିଷ/ରାଶି/ସୋୟାବିନ୍/ ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କି.ଗ୍ରା. ଶୁଖୁଆଗୁଣ୍ଡ, ୨୮ କି.ଗ୍ରା. କାଣ୍ଡିଆକୁଣ୍ଡା, ୧୦ କି.ଗ୍ରା. ଅଟା ଓ ୨ କି.ଗ୍ରା. ମିନେରାଲ୍ ମିକ୍ସଚର ଆବଶ୍ୟକ। ମାଛଙ୍କୁ ତାଙ୍କ ଓଜନର ଶତକଡ଼ା ୩ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ । ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍‌ଏସ୍‌ପି ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ ।

## ଫଳବଗିଚାରେ ପାଉଁଶିଆ ରୋଗ ନିୟନ୍ତ୍ରଣ

ଫଳବଗିଚାରେ ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ଲାଗି ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳବଗିଚାରେ ଦହିଆ ପୋକ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରିଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ୍ (୪ରୁ ୬ ଇଞ୍ଚ ଓସାର) ଭୂମି ପତ୍ତନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ। ଅଧିକ ଅମଳ ପାଇବା ସକାଶେ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବକଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍ସାମ୍ (୩ ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଉଇ ଦାଉରୁ ରକ୍ଷାକରିବା ଲାଗି ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ ।



## ନଳିତାରେ କୋଡ଼ାଖୁସା

ନଳିତା ଫସଲ ଗଜାହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉ ଥରେ କୋଡ଼ାଖୁସା ଏବଂ ଘାସ ବାଛି ଗଛ ପତଳା କରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ । ଏହି ସମୟରେ ହେକ୍ଟର ପ୍ରତି ୨୦-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ଏ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ ।



# ଧାନ ଫସଲରେ ରୋଗପୋକ ଦମନ



ପ୍ରତ୍ୟୁଷ ପଣ୍ଡା



ଧାନ ଆମ ରାଜ୍ୟର ମୁଖ୍ୟ ଫସଲ। ଏହା ଉପରେ ନିର୍ଭରକରି ଚାଷୀଭାଇମାନେ ନିଜର ବାର୍ଷିକ ଗୁଜୁରାଣ ମେଣ୍ଟାଇଥାଆନ୍ତି। କିନ୍ତୁ ଧାନ ଫସଲରେ କିଛି ମୁଖ୍ୟ ରୋଗପୋକ ଏବଂ ଘାସ ବହୁତ କ୍ଷତି ସାଧନ କରନ୍ତି। ଏହାଦ୍ୱାରା ଚାଷୀଭାଇଙ୍କର ଆଶାନୁରୂପକ ଅମଳ ହୋଇପାରେ ନାହିଁ। ଧାନଫସଲରେ ଦେଖାଯାଉଥିବା ରୋଗ, ପୋକ ଏବଂ ଘାସର ରାସାୟନିକ ନିୟନ୍ତ୍ରଣ ଉପରେ ନିମ୍ନରେ ସୂଚୀତ କରାଯାଉଛି।

**ପୋକ :** ଧାନ ଫସଲରେ ମୁଖ୍ୟ ପୋକ ହିସାବରେ ହଳଦିଆ କାଣ୍ଡବିନ୍ଧା ପୋକ, କାହାଳିଆ ପୋକ, ପତ୍ରମୋଡ଼ା ପୋକ ଏବଂ ମାଟିଆଗୁଣ୍ଡି ପୋକ ହେଉଛି ପ୍ରମୁଖ। ଏଗୁଡ଼ିକୁ କିପରି ରାସାୟନିକ କୀଟନାଶକ ପ୍ରୟୋଗକରି ନିୟନ୍ତ୍ରଣ କରିବା ତାହା ଚାଷୀଭାଇମାନେ ଜାଣିବା ଦରକାର।

**କାଣ୍ଡବିନ୍ଧା, ପତ୍ରମୋଡ଼ା, କାହାଳିଆ ପୋକ :** ଧାନ ତଳି ରୋଇବାଠାରୁ ପିଲ ବାହାରିବା ପର୍ଯ୍ୟନ୍ତ ଏହିସବୁ ପୋକ ଦେଖାଯାଇଥାଆନ୍ତି। ଏଗୁଡିକୁ ନିୟନ୍ତ୍ରଣ କରିବା ପାଇଁ କାର୍ବୋଫ୍ୟୁରାନ୍ ୩ ପ୍ରତିଶତ, ଜି. ୧୦-୧୨ ଗ୍ରାମ କିମ୍ବା କୀରଟାଫ ହାଇଡ୍ରୋକ୍ଲୋରାଇଡ୍ ୪ ପ୍ରତିଶତ, ଜି. ୬-୮ କି.ଗ୍ରା. କିମ୍ବା ଫିପ୍ରୋନିଲ୍ ୦.୩ ଜି. ୬ କି.ଗ୍ରା. କିମ୍ବା ଫିପ୍ରୋନିଲ୍ ୦.୬ଜି. ୪ କି.ଗ୍ରା. କିମ୍ବା ଇମିଡାକ୍ଲୋପ୍ରିଡ୍ ୦.୩ ଜି. ୬ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ ୦.୪ଜି. ୪ କି.ଗ୍ରା. କିମ୍ବା ବେନ୍ ଫ୍ୟୁରାନକାର୍ବ ୩ ପ୍ରତିଶତ ଜି. ୧୦-୨୨ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ ୦.୫ ପ୍ରତିଶତ ସହ ଥାୟମିଥୋଲାମ୍ ୧ ପ୍ରତିଶତ ଜି. ୨୫ କି.ଗ୍ରା. କିମ୍ବା କାର୍‌ଟାଫ ହାଇଡ୍ରୋକ୍ଲୋରାଡ୍ ୦.୭ ପ୍ରତିଶତ ଜି. ସହ ଇମାମେକଟିନ୍ ବେଞ୍ଜୋଏଟ୍ ୦.୨୫ ଜି.କୁ ୪ କି.ଗ୍ରା.କୁ ୧୦-୧୨ କି.ଗ୍ରା. ବାଲିରେ ମିଶାଇ ଏକ ଏକରରେ ପ୍ରୟୋଗ କରିବା ଆବଶ୍ୟକ। ପ୍ରଥମ ଅବସ୍ଥାରେ ଏହି ରାସାୟନିକ କୀଟନାଶକର ପ୍ରୟୋଗ ଦ୍ୱାରା ୩୦-୪୫ଦିନ ପର୍ଯ୍ୟନ୍ତ କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡ଼ା ପୋକ ଦେଖାଯାଆନ୍ତି ନାହିଁ। ପରବର୍ତ୍ତୀ ଅବସ୍ଥା- ଯଥା ଗର୍ଭାବସ୍ଥାରୁ ମା’ ପିଲ ବାହାରିବା ଅବସ୍ଥାରେ ଏସବୁ ଦେଖାଦେଲେ କାର୍‌ଟାପ୍, ହାଇଡ୍ରୋକ୍ଲୋରାଇଡ୍ ୫ ପ୍ରତିଶତ ଏସ୍‌ପି ୨୦୦-୨୫୦ ଗ୍ରାମ, ଫିପ୍ରୋନିଲ୍ ୫ପ୍ରତିଶତ ଏସ୍‌ପି ୩୦୦-୪୦୦ ମିଲି କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ପ୍ରତିଶତ ଡବ୍ଲ୍ୟୁଜି ୬୦ ଗ୍ରାମ କିମ୍ବା ଫ୍ଲେବେଣ୍ଡିଆମାଇଡ ୩୯.୩୫ ପ୍ରତିଶତ ଏସ୍‌ଏଲ୍ ୪୮-୫୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ।

**ମାଟିଆଗୁଣ୍ଡି ପୋକ :** ଏହା ଏକ ମାରାତ୍ମକ ପୋକ। ରୋଇବାଠାରୁ ଧାନ ପିଲ ମାରିବା ଅବସ୍ଥାରେ କିମ୍ବା ଧାନ ଫସଲରେ ପ୍ରତ୍ୟେକ ଅବସ୍ଥାରେ ଏହା ଆକ୍ରମଣ କରିଥାଏ। ଏହାର ନିୟନ୍ତ୍ରଣ ପାଇଁ ଇଥୋଫେନ୍ ୧୦ ପ୍ରତିଶତ ଇସି ୬୦୦ ମିଲି କିମ୍ବା ଫେନ୍‌ବ୍ୟୁକାର୍ବ ୫୦ ପ୍ରତିଶତ ଇସି ୬୦୦ ମିଲି କିମ୍ବା ଏସିଫେଟ୍ ୭୫ ପ୍ରତିଶତ ଏସ୍‌ପି ୪୦୦-୫୦୦ ଗ୍ରାମ କିମ୍ବା ଫିପ୍ରୋନିଲ୍ ୫ ପ୍ରତିଶତ ଏସ୍‌ପି ୪୦୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୭୦ ପ୍ରତିଶତ ଡବ୍ଲ୍ୟୁଜି ୩୦ ଗ୍ରାମ କିମ୍ବା ଆୟୋମିଥୋକ୍ସାମ୍ ୨୫ ପ୍ରତିଶତ ଡବ୍ଲ୍ୟୁଜି ୪୦-୫୦ଗ୍ରାମ କିମ୍ବା କ୍ଲୋଥାଇନାଡିନ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି ୨୦-୨୫ ଗ୍ରାମ କିମ୍ବା ବ୍ୟୁପ୍ରୋପେଜିନ୍ ୨୫ ପ୍ରତିଶତ ଏସ୍‌ସି ୪୦୦ ମିଲି କିମ୍ବା ଡାଇନାଇଟ୍ରୋଫ୍ୟୁରାନ୍ ୨୦ ପ୍ରତିଶତ ଏସ୍‌ଜି ୮୦-୧୨୦ ଗ୍ରାମ କିମ୍ବା ଫ୍ଲୋନିକାମାଇଡି ୫୦ ପ୍ରତିଶତ ଡବ୍ଲ୍ୟୁଜି ୬୦ ଗ୍ରାମ କିମ୍ବା ପାଇମୋଟ୍ରୋଜିନ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି ୧୨୦ ଗ୍ରାମ କିମ୍ବା ଏଥିପ୍ରେଟଲ ୪୦ ପ୍ରତିଶତ ସହ ଇଫିଡାଓକ୍ଲସିଡ୍ ୪୦ ପ୍ରତିଶତ ଡବ୍ଲ୍ୟୁଡିଜି ୪୮-୫୦ ଗ୍ରାମ କିମ୍ବା ବେନଜୋପ୍ୟାରିମେଜାମ ୧୦ ପ୍ରତିଶତ ଏସ୍‌ପି ୮୦୦-୧ ଲିଟର କିମ୍ବା ଡାଇନାଇଟ୍ରୋଫ୍ୟୁରାନ୍ ୧୫ ପ୍ରତିଶତ ସହ ପାଇମାଟ୍ରୋଜିନ୍ ୪୫ ପ୍ରତିଶତ ଡବ୍ଲ୍ୟୁଜି ୧୩୩ ଗ୍ରାମ ପ୍ରତି ଏକରକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବେ।



**ରୋଗ :** ସାଧାରଣତଃ ମହିଷା ରୋଗ, ପତ୍ରଛାଦ ପୋଡ଼ା ରୋଗ ଏବଂ ଜୀବାଣୁଜନିତ ପତ୍ରପୋଡ଼ା ରୋଗ ଧାନ ଫସଲରେ ଦେଖାଯାଇଥାଏ। ଏହାର ଉପଚାର ପାଇଁ ନିମ୍ନଲିଖିତ ଉପାୟ ଅବଲମ୍ବନ କରିପାରନ୍ତି।

-ଏକ କି.ଗ୍ରା. ବିହନ ପ୍ରତି ଏକ ଗ୍ରାମ ଟ୍ରାଇସାଇକ୍ଲାଜୋଲ୍ ୭୫ ପ୍ରତିଶତ ଡବ୍ଲ୍ୟୁପି ମିଶାଇ ବିଶୋଧନ କରନ୍ତୁ।

-କାର୍ବେଣ୍ଡାଜିମ୍ ୫୦ ପ୍ରତିଶତ ଡବ୍ଲ୍ୟୁପି ୩୦ ଗ୍ରାମ କିମ୍ବା ଏଡିଫେନ୍‌ଫସ ୫୦ ପ୍ରତିଶତ ଇସି ୧୫ ମି.ଲି. କିମ୍ବା ଟ୍ରାଇସାଇକ୍ଲାଜୋର ୭୫ ପ୍ରତିଶତ ଡବ୍ଲ୍ୟୁପି. ୧୨ ଗ୍ରାମ କିମ୍ବା କାସୁଗାଗାଇସିନ୍ ୩ ପ୍ରତିଶତ ଏସ୍‌ଏଲ୍ ୩୦ ମି.ଲି. କିମ୍ବା କାରପୋପାମିଡ୍ ୨୭.୮ପ୍ରତିଶତ ଏସ୍‌ପି ୮ ମି.ଲି. କିମ୍ବା ଚକ୍ରସୋସ୍ୱିମ୍ ମିଇାଇଲ୍ ୪୪.୩ ପ୍ରତିଶତ ଇସି ୧୫ ମି.ଲି. କିମ୍ବା ଟ୍ରାଇସାଇକ୍ଲାଜେଲ୍ ୧୮ ପ୍ରତିଶତ ସହ ମାନ୍‌କୋଜେବ୍ ୬୨ ପ୍ରତିଶତ ଡବ୍ଲ୍ୟୁପି ୩.୪ ଗ୍ରାମ କିମ୍ବା ଟେବୁକୋନାଜୋଲ୍ ୫୦ ପ୍ରତିଶତ ସହ ଟ୍ରାଇଫୋକ୍ରାଷ୍ଟୋଚିନ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି ୧୫ ଗ୍ରାମ ପ୍ରତି ଟାଙ୍କିରେ ମିଶାଇ ସିଞ୍ଚନ କରନ୍ତୁ।

**ପତ୍ରଛାଦ ପୋଡ଼ା ରୋଗ :** ଏପରି ରୋଗ ଦେଖାଦେଲେ ଭାଲିଡାମାଇସିନ୍ ୩ ପ୍ରତିଶତ ଏସ.ଏଲ. ୧୫ ମିଲି, ହେକ୍ସାଜୋନାଜୋଲ୍ ୫ ପ୍ରତିଶତ ଇ.ସି. ୩୦ ମିଲି, ପ୍ରୋପିକୋନାଜୋଲ୍ ୨.୫ ଇ.ସି. ୧୫ ମିଲି କିମ୍ବା ଆଜୋକ୍ସିଷ୍ଟ୍ରୋବିନ୍ ୧୧ ପ୍ରତିଶତ ଷଟବୁକୋନାଜୋଲ୍ ୧୮.୩ ପ୍ରତିଶତ ଏସ.ପି. ୩୦ ଗ୍ରାମ ଆଜୋକ୍ସିଷ୍ଟ୍ରୋବିନ୍ ୧୮.୨ ପ୍ରତିଶତ ସହ ଡାଇଫେନୋକୋନାଜୋଲ୍ ୧୧.୪ ପ୍ରତିଶତ ଏସ.ପି. ୧୫.୨୦ ମିଲି କିମ୍ବା ଥାଇଫ୍ଲୁଡାମାଇଡ୍ ୨୪ ପ୍ରତିଶତ ଏସ.ପି. ୧୫ ମିଲି ପ୍ରତି ଟାଙ୍କିରେ ମିଶାଇ ପ୍ରୟୋଗ କରନ୍ତୁ।

**ଜୀବାଣୁଜନିତ ପତ୍ରପୋଡ଼ା ରୋଗ :** ଏପରି ରୋଗ ହେଲେ କପର ହାଇଡ୍ରୋଜସାଇଡ୍ ୫୩.୮ ଡି.ଏଫ ୪୫-୫୦ ଗ୍ରାମ ସହ ଷ୍ଟେପ୍ଟୋସାଇକ୍ଲିନ୍ ୨ ଗ୍ରାମ ପ୍ରତି ଟାଙ୍କିରେ ମିଶାଇ ପ୍ରୟୋଗ କରନ୍ତୁ।

**ଘାସ ନିୟନ୍ତ୍ରଣ :** ରୁଆ ଧାନରେ ଘାସ ନିୟନ୍ତ୍ରଣ ପାଇଁ ବ୍ୟୁଟାକ୍ଲେର୍ ୫୦ ପ୍ରତିଶତ ଇ.ସି. ୧ ଲିଟର ଗଜା ହେବା ପୂର୍ବରୁ କିମ୍ବା ରୋଇବାର ୩-୫ଦିନ ମଧ୍ୟରେ, ପ୍ରିଟିଲାକ୍ଲାଇ ୫୦ ଇ.ସି. ୫୦୦-୬୦୦ ମିଲି ଗଜା ହେବା ପୂର୍ବରୁ କିମ୍ବା ରୋଇବାର ୩-୫ ଦିନ ମଧ୍ୟରେ, ପ୍ରିଟିଲାକ୍ଲାର୍ ୩୭ ପ୍ରତିଶତ ଇ.ଡବ୍ଲ୍ୟୁ ୬୦୦ ମିଲି ପ୍ରୟୋଗ କରନ୍ତୁ। ଅକ୍ସୁଡିୟାରଜିଲ୍ ୮୦ ପ୍ରତିଶତ ଡବ୍ଲ୍ୟୁପି ଗ୍ରାମ ତଳି ରୋଇବାର ୩-୫ ଦିନ ପରେ ଇଥୋଲିସଲଫ୍ୟୁରନ୍ ୧୫ ପ୍ରତିଶତ ଡବ୍ଲ୍ୟୁ.ଜି. ୫୦ ଗ୍ରାମ ୩-୫ ଦିନ ମଧ୍ୟରେ, ତଳି ରୋଇବାର ୧୫ ଦିନ ପରେ ଫେନୋସ୍କପ୍ରଫ-ସି-ଇଥାଇଲ୍ ୯.୩ ପ୍ରତିଶତ ଇ.ସି. ୧୦୦ ଗ୍ରାମ ତଳି ରୋଇବାର ୧୫ଦିନ ପରେ କ୍ଲୋରିମ୍ୟୁରନ୍ ମିଥାଇଲ୍ ୧୦ ପ୍ରତିଶତ ସହ ମେଟସହଫ୍ୟୁରାନ୍ ମିଥାଇଲ୍ ୧୦ ପ୍ରତିଶତ ଡବ୍ଲ୍ୟୁସି. ୮ ଗ୍ରାମ ତଳି ରୋଇବାର ୧୫ ଦିନ ପରେ ଅଜିମ ସଲ୍‌ଫ୍ୟୁରନ୍ ୫୦ ପ୍ରତିଶତ ଡି.ଏଫ. ୩୦ ଗ୍ରାମ ତଳି ରୋଇବାର ୮-୧୮ଦିନ ମଧ୍ୟରେ, ପାଇରାଦୋ ସଲ୍‌ଫ୍ୟୁରନ ମିଥାଇଲ୍ ୧୦ ପ୍ରତିଶତ ଏସ୍‌ପି. ୮୦ ଗ୍ରାମ ତଳି ରୋଇବାର ୧୨-୧୫ଦିନ ମଧ୍ୟରେ, ବିସ୍ ପାରିବେକ୍ ସୋଡିୟମ ୧୦ ପ୍ରତିଶତ ଏପ.ସି. ୧୦୦ ଗ୍ରାମ ରୋଇବାର ୩୦ ଦିନ ମଧ୍ୟରେ, ବେନ୍ ସଲଫ୍ୟୁରନ୍ ୦.୬ ପ୍ରତିଶତ ସହ ପ୍ରିଟିଲାକ୍ଲୋର ୬ ପ୍ରତିଶତ ଦାନାଦାର ୪-୫ କିଗ୍ରା ରୋଇବାର ୩-୫ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ।

-କୃଷି ସ୍ନାତକ ଛାତ୍ର,
ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ : ୭୮୭୩୮୨୭୮୩୦

## ଅଦା-ହଳଦୀ

ଅଦା, ହଳଦୀ ଚାଷ ପାଇଁ ୧ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ୨ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ୧ମାସ ପୂର୍ବରୁ ଜମି ପ୍ରସ୍ତୁତକରି ଖରା ପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଂ) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।



## ସୋରିଷ ଚାଷ ସମ୍ପର୍କରେ...

ସୋରିଷ ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା’ ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ଲାଗି ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି.-୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



## ଅଳ୍ପରେ...



➤ରବି ମୁଗ, ବିରି ହେକ୍ଟର ପ୍ରତି ୨୦ରୁ ୨୫ କିଲୋଗ୍ରାମ୍ ଓ କୋଳଥ ୩୦ କିଲୋଗ୍ରାମ୍ ଆବଶ୍ୟକ ହୋଇଥାଏ। ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍‌ରେ ଗୋଳାଇ ବିଶୋଧନ କରନ୍ତୁ। ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର କିଲୋଗ୍ରାମ୍ ପ୍ରତି ୨୦ ଗ୍ରାମ୍ ହିସାବରେ ବିହନକୁ ଉପଚାର କରି ଛାଇରେ ଶୁଖାଇ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ



ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି. ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

➤ଗାଈଙ୍କଠାରେ ପ୍ରସୂତି ସମସ୍ୟା



ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

➤ଥଣ୍ଡାଜନିତ ଅସୁବିଧାରୁ ରକ୍ଷା ଲାଗି ଯଥାସାଧ୍ୟ ପଦକ୍ଷେପ ଗ୍ରହଣ କରନ୍ତୁ । ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ବୁଧବାର, ସେପ୍ଟେମ୍ବର ୧୪/୨୦୨୨ Berhampur, Wednesday, September 14/ 2022

# ଆମେରିକା ପ୍ରତିନିଧି ଦଳର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ

ଭୁବନେଶ୍ୱର, ୧୩।୯
(କ୍ରୀଡ଼ା ପ୍ରତିନିଧି)

ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଭାରତର ୩ଟି ଭେନ୍ୟୁରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଅନୁଷ୍ଠିତ ହେବ। ଭାଗ ନେବାକୁ ଯାଉଥିବା ୧୬ଟି ଦଳ ମଧ୍ୟରୁ ଅନ୍ୟତମ ଆମେରିକାର ଏକ ପ୍ରତିନିଧି ମଣ୍ଡଳୀ ସମ୍ପ୍ରତି ଭାରତ

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ**

ଗସ୍ତରେ ଅଛନ୍ତି। ଏହି ପ୍ରତିନିଧି ଦଳ ମଙ୍ଗଳବାର ଭୁବନେଶ୍ୱର ଆସି କଳିଙ୍ଗ ଷ୍ଟାଡିୟମ ଏବଂ ଟ୍ରେନିଂ ସେଣ୍ଟର ଗୁଡ଼ିକ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସେମାନେ ଭିତ୍ତିଭୂମୀ ପରଖିବା ସହ ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ ହୋଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର କର୍ମକର୍ତ୍ତା ଏବଂ ସ୍ଥାନୀୟ ଆୟୋଜକ କମିଟି (ଏଲ୍ଓସି)ର କର୍ମକର୍ତ୍ତାମାନେ ସେମାନଙ୍କୁ ଏ ଦିଗରେ ସହଯୋଗ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ସମେତ ଗୋଆର ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମ ଏବଂ ନଭି ମୁମ୍ବାଇସ୍ଥିତ ଡିଓ୍ୱାଇ ପାଟିଲ ଷ୍ଟାଡିୟମରେ ମ୍ୟାଚ ଗୁଡ଼ିକ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟରେ ଭାରତର ସମସ୍ତ ୩ଟି ଯାକ ମ୍ୟାଚ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହା ବ୍ୟତୀତ ଅନ୍ୟ ୩ଟି ମ୍ୟାଚ ମଧ୍ୟ ଏଠାରେ ଖେଳାଯିବ। ଅକ୍ଟୋବର ୧୧ ଅପରାହ୍ନ ୪ଟା ୩୦ରେ ମରକ୍କୋ-ବ୍ରାଜିଲ ଏବଂ ରାତି ୮ଟାରେ ଭାରତ-ଆମେରିକା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ୧୪ ତାରିଖ ଅପରାହ୍ନ ୪ଟା ୩୦ରେ ବ୍ରାଜିଲ-ଆମେରିକା ଓ ରାତି ୮ଟାରେ ଭାରତ-ମରକ୍କୋ ମ୍ୟାଚ ଖେଳାଯିବ। ଅକ୍ଟୋବର ୧୭ରେ ନାଇଜେରିଆ-ଚିଲି ଏବଂ ଭାରତ-ବ୍ରାଜିଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଗ୍ରୁପ୍ 'ଏ'ରେ ଭାରତ, ଆମେରିକା, ମରକ୍କୋ, ବ୍ରାଜିଲ, ଗ୍ରୁପ୍ 'ବି'ରେ ଜର୍ମାନୀ, ନାଇଜେରିଆ, ଚିଲି, ନ୍ୟୁଜିଲାଣ୍ଡ, ଗ୍ରୁପ୍ 'ସି'ରେ ସ୍ପେନ, କଲମ୍ବୋ, ମେକ୍ସିକୋ, ଚାଇନା ଏବଂ ଗ୍ରୁପ୍ 'ଡି'ରେ ଜାପାନ, ତାଞ୍ଜାନିଆ, କାନାଡ଼ା ଓ ଫ୍ରାନ୍ସ ସ୍ଥାନ ପାଇଛନ୍ତି। ଅକ୍ଟୋବର ୨୧ ଓ ୨୨ ତାରିଖରେ ୪ଟି କ୍ୱାର୍ଟର ଫାଇନାଲ, ୨୬ରେ ୨ଟି ସେମିଫାଇନାଲ ଏବଂ ୩୦ରେ ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ଏବଂ ଫାଇନାଲ ଅନୁଷ୍ଠିତ ହେବ।


କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କର୍ମକର୍ତ୍ତାଙ୍କ ସହ ଆମେରିକା ପ୍ରତିନିଧିଦଳ।

## ରିୟଲ ମାଡ୍ରିଡ୍‌କୁ ୧୦୩ କୋଟି ଲାଭ

**ମାଡ୍ରିଡ୍, ୧୩।୯ (ପି.ଟି.):** ଫୁଟବଲ କ୍ଲବ୍ ରିୟଲ ମାଡ୍ରିଡର ବାର୍ଷିକ ଲାଭ ୧୩.୨ ମିଲିୟନ ଡଲାର ରହିଛି। ୨୦୨୧-୨୨ ସିଜିନରେ ମାଡ୍ରିଡ୍ ଭାରତୀୟ ମୁଦ୍ରାରେ ୧୦୩.୬ କୋଟି ଟଙ୍କାର ଲାଭ ହାସଲ କରିଥିବା ନେଇ ଫୁଟବଲ କ୍ଲବ ପକ୍ଷରୁ ସୋମବାର କୁହାଯାଇଛି। ଚଳିତ ସିଜିନର ଲାଭକୁ ମିଶାଇ ସମୁଦାୟ ଗଚ୍ଛିତ ରାଶିର ପରିମାଣ ୪୩୦.୩ ମିଲିୟନ୍ ଡଲାର ବା ୩୩୯୩ କୋଟି ଟଙ୍କାରେ ପହଞ୍ଚିଛି। କୋଭିଡ କାରଣରୁ କ୍ଲବକୁ ବ୍ୟାପକ କ୍ଷତି ସହିବାକୁ ପଡ଼ିଛି। ୨୦୨୦ ମାର୍ଚ୍ଚ ପରବର୍ତ୍ତୀ ସମୟରେ କମ୍ପାନୀ ୪୦୦ ମିଲିୟନ ଡଲାର ବା ୩୫୦୦ କୋଟି ଟଙ୍କାର କ୍ଷତି ସହିଛି। ପରିଚାଳନା ଗତ ଆୟରୁ କମ୍ପାନୀ ୭୩୧ ମିଲିୟନ ଡଲାର ଆୟ କରିଥିବା ବେଳେ ବାର୍ଷିକ ଆୟରେ ୧୦ ପ୍ରତିଶତର ଅଭିବୃଦ୍ଧି ଘଟିଛି। କୋଭିଡ ମହାମାରୀ କାରଣରୁ କ୍ଲବ୍ ବ୍ୟାପକ କ୍ଷତି ସହିଥିବା ବେଳେ ୪ ବର୍ଷ ତଳେ କ୍ଲବର ଆୟ ଯେତିକି ରହିଥିଲା ବର୍ତ୍ତମାନ ମଧ୍ୟ ସେତିକି ରହିଛି। ଗଚ୍ଛିତ ଅର୍ଥରାଶି ସହାୟତାରେ ସାଣ୍ଟିଆଗୋର ବର୍ନାବ୍ୟୁ ଷ୍ଟାଡିୟମର ନବୀକରଣ କାମ କରାଯିବ। ରିୟଲ ମାଡ୍ରିଡ ରେକର୍ଡ ୧୪ତମ ଥର ପାଇଁ ୟୁରୋପିଆନ କପ ଜିତିଥିବା ବେଳେ ଚଳିତ ବର୍ଷର ସ୍ପାନିଶ ଲିଗ୍ ଓ ସ୍ପାନିଶ ସୁପର କପ୍ ଜିତିବାରେ ସମର୍ଥ ହୋଇଛି।

## କ୍ରିକେଟ ଅଷ୍ଟ୍ରେଲିଆ, ୱାର୍ନର ଆଲୋଚନା

**ସିଡନୀ, ୧୩।୯ (ପି.ଟି.):** ଆଜୀବନ ଅଧିନାୟକତ୍ୱରୁ ଡେଭିଡ ୱାର୍ନରଙ୍କୁ ବାସନ୍ଦ କରାଯାଇଥିବା ବେଳେ ଏହାକୁ ନେଇ କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ପକ୍ଷରୁ ପୁନର୍ବାର ଆଲୋଚନା ଆରମ୍ଭ କରାଯିବ। ନିକଟରେ ଦିନିକିଆ ଦଳର ଅଧିନାୟକ ଆରୋନ ଫିଞ୍ଚ ଅବସର ନେବା କାରଣରୁ ସିଏ ଆଲୋଚନା ପାଇଁ ପ୍ରସ୍ତୁତ ଥିବା କୁହାଯାଇଛି। ଦିନିକିଆ ବିଶ୍ୱକପକୁ ମାତ୍ର ୧ ବର୍ଷ ବାକି ରହିଥିବା ବେଳେ ପୁରୁଣା ଖେଳାଳି ୱାର୍ନରଙ୍କୁ ମିଳିପାରେ ଅଧିନାୟକ ଦାୟିତ୍ୱ। ବର୍ତ୍ତମାନ ଟେଷ୍ଟ ଦଳର ଅଧିନାୟକ ରହିଥିବା ପ୍ୟାଟ କମିନ୍ସ ଦିନିକିଆ ଦଳର ନେତୃତ୍ୱ ନେବା ପାଇଁ ଯୋଗ୍ୟ ବ୍ୟକ୍ତି। ମାତ୍ର ଅତ୍ୟଧିକ କାର୍ଯ୍ୟଭାରର ଚାପ ନଦେବା ପାଇଁ ୱାର୍ନରଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇପାରେ। ଏପରିକି ୱାର୍ନରଙ୍କ ଉପରେ ରହିଥିବା ଆଜୀବନ ଅଧିନାୟକତ୍ୱ ବାସନ୍ଦକୁ ଏକାଧିକ ପୂର୍ବତନ ଖେଳାଳି ନାପସନ୍ଦ କରିଛନ୍ତି। ୨୦୧୮ ସ୍ୟାଣ୍ଡ ପେପର ମାମଲାରେ ସମ୍ପୃକ୍ତ ଅନ୍ୟ ଦୁଇ ଖେଳାଳି ଷ୍ଟିଭ୍ ସ୍ମିଥ୍ ଓ କାମେରନ ବ୍ୟାନକ୍ରାଫ୍ଟଙ୍କୁ କେବଳ ବାସନ୍ଦ କରାଯାଇଥିଲା।

## ସ୍ପେନ୍ ଡେଭିସ୍ କପ୍ ଦଳରେ ଅଲକାରାଜ୍

**ମାଡ୍ରିଡ୍, ୧୩।୯ (ପି.ଟି.):** ୟୁଏସ୍ ଓପନ ସହିତ ନିଜ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଥିବା କାର୍ଲୋସ ଅଲକାରାଜ ଗାର୍ଫିଆ ଡେଭିସ୍ କପ୍ ପାଇଁ ସ୍ପେନ ଦଳରେ ଯୋଗ ଦେଇଛନ୍ତି। ବିଶ୍ୱ ମାନ୍ୟତାର ଏକ ନମ୍ବରରେ ପହଞ୍ଚିଥିବା ନେଇ ମୁଁ ଅତ୍ୟନ୍ତ ଖୁସି ତେବେ ସ୍ପେନକୁ ଡେଭିସ୍ କପ ଫାଇନାଲରେ ପହଞ୍ଚାଇବା ମୋର ଲକ୍ଷ୍ୟ ବୋଲି କହିଛନ୍ତି ଅଲକାରାଜ। ଡେଭିସ୍ କପ ଖେଳିବା ସର୍ବଦା ସ୍ୱତନ୍ତ୍ର, ତେଣୁ ମୁଁ ଶୀଘ୍ର ଦଳ ସହିତ ଯୋଗ ଦେବାକୁ ଚାହିଁବି। ବୁଧବାର ସର୍ବିଆ ବିପକ୍ଷରେ ସ୍ପେନ ଏହାର ପ୍ରଥମ ମ୍ୟାଚ ଖେଳିବ। ତେବେ ଅଲକାରାଜ ଏହି ମ୍ୟାଚରେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ୪ ସେଟ ବିଶିଷ୍ଟ ୟୁଏସ୍ ଓପନ ଫାଇନାଲରେ କାସ୍ପର ରୁଡଙ୍କୁ ପରାସ୍ତ କରିଥିବା ବେଳେ ଏହା ପୂର୍ବରୁ ୫ ସେଟ୍ ବିଶିଷ୍ଟ ଲଗାତାର ୩ ମ୍ୟାଚ୍ ଖେଳିଥିଲେ। ଜାନିକ୍ ସିନରଙ୍କ ବିପକ୍ଷ କ୍ୱାର୍ଟର ଫାଇନାଲଟି ୫ ଘଣ୍ଟା ୧୫ ମିନିଟ ଧରି ଖେଳାଯାଇଥିଲା। ତେଣୁ ଅଲକାରାଜ ଏବେ କ୍ଳାନ୍ତ ଅଛନ୍ତି।

## କାଉଣ୍ଟି ପଦାର୍ପଣରେ ସିରାଜଙ୍କୁ ୫ ଉଇକେଟ

**ବର୍ମିଂହାମ୍, ୧୩।୯ (ପି.ଟି.):** ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜ ମଙ୍ଗଳବାର ତାଙ୍କ କାଉଣ୍ଟି ପଦାର୍ପଣରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ୱାରଓ୍ୱିକ୍‌ଶାୟାର ତରଫରୁ ଖେଳି ଭାରତୀୟ ବୋଲର ତାଙ୍କ ୨୪ ଓଭର ବୋଲିଂରେ ୮୨ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଛନ୍ତି। ମ୍ୟାଚର ଦ୍ୱିତୀୟ ଦିବସରେ ତାଙ୍କ ଦଳ ସମରସେଟ୍‌କୁ ୨୧୯ରନରେ ଅଲଆଉଟ କରିଦେଇଛି। ସିରାଜଙ୍କ ବୋଲିଂର ଶିକାର ହୋଇଥିବା ବ୍ୟାଟରମାନେ ହେଲେ ପାକିସ୍ତାନ ଓପନ ଇମାମ୍ ଉଲ୍ ହକ୍, ଜର୍ଜ ବାର୍ଟଲେଟ୍, ଜେମ୍ସ ରୁ୍ୟ, ଲିଓ୍ୱିସ ଗ୍ରେଗୋରି ଓ ଜୋଶ ଡାଭେ। ଗତବର୍ଷ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ଟେଷ୍ଟ ସିରିଜରେ ଭାରତକୁ ୨-୧ରେ ଅଗ୍ରଣୀ କରାଇବାରେ ସିରାଜଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଭାରତ ସ୍ପିନର ଜୟନ୍ତ ଯାଦବ ମଧ୍ୟ ୱାରଓ୍ୱିକଶାୟାର ତରଫରୁ ଖେଳୁଛନ୍ତି।

# ରାଇଜିଂ ଷ୍ଟାର ସେମିଫାଇନାଲରେ


ରାଇଜିଂ ଷ୍ଟାର କ୍ଲବ ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଭୁବନେଶ୍ୱର, ୧୩।୯ (କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟାର କ୍ଲବ ୩-୧ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ଏଥିସହ ରାଇଜିଂ

**ସୁପର କପ୍ ଫୁଟବଲ**

ଷ୍ଟାର ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଥିଲା। ଫଳରେ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ରାଇଜିଂ ଷ୍ଟାର ପକ୍ଷରୁ ମନୋଜ ସାନ୍ତା, ଅବିନାଶ ମୁଦିଲି ଓ ଜୟନ୍ତ ମହତୋ ଗୋଲ ଦେଇଥିବାବେଳେ ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ କେବଳ ପିଣ୍ଟୁ ସାମଲ ଗୋଟିଏ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ବୁଧବାର ଚତୁର୍ଥ କ୍ୱାର୍ଟର ଫାଇନାଲ ୟଙ୍ଗ ଉତ୍କଳ କ୍ଲବ ଏବଂ ବିଡାନାସୀ କ୍ଲବ ମଧ୍ୟରେ ଅପରାହ୍ନ ୨ଟା ୩୦ରେ ଆରମ୍ଭ ହେବ।

## କନ୍ଧମାଳ, କୋରାପୁଟ, କଟକ, ନବରଙ୍ଗପୁରର ବୃହତ୍ ବିଜୟ

**ଭୁବନେଶ୍ୱର, ୧୩।୯ (କ୍ରୀଡ଼ା ପ୍ରତିନିଧି):** ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍ଏଓ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଓ କିଟ୍ ହକି ଷ୍ଟାଡିୟମରେ ଚାଲିଥିବା ପ୍ରଥମ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ମଙ୍ଗଳବାର ୭ଟି ମ୍ୟାଚ ଅନୁଷ୍ଠିତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପୁରୀ ୪-୧ରେ ସେଲ୍‌କୁ ଏବଂ ଯାଜପୁର ୩-୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ କନ୍ଧମାଳ ୬-୦ରେ ନୟାଗଡ଼, କୋରାପୁଟ ୭-୦ରେ ଢେଙ୍କାନାଳ, କଟକ ୭-୨ରେ ଝାରସୁଗୁଡ଼ା, ନବରଙ୍ଗପୁର ୭-୧ରେ ଏସ୍ଏମ୍ଏସ୍ ହକି ଏକାଡେମୀ ଏବଂ ମାଲକାନଗିରି ୫-୦ ଗୋଲରେ ଦେବଗଡ଼କୁ ପରାସ୍ତ କରିଛି। ପ୍ରତିଯୋଗିତାର ସୁପରିଚାଳନା ପାଇଁ ଓଡ଼ିଶାର ଅନ୍ତର୍ଜାତୀୟ ଅମ୍ପାୟର ନିଶାନ ଜ୍ୟୋତି ମହାନ୍ତିଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଓଭରଅଲ୍ ବୈଷୟିକ ବିଭାଗ ଦାୟିତ୍ୱ ବୁଝୁଛନ୍ତି। ନିଶାନ ଜ୍ୟୋତି ଏହା ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ମ୍ୟାଚରେ ଅମ୍ପାୟର ଓ ବୈଷୟିକ ଅଧିକାରୀ ଦାୟିତ୍ୱ ତୁଲାଇବାର ଅଭିଜ୍ଞତା ରଖିଛନ୍ତି।

# ଅମରେନ୍ଦ୍ର, ହୋସେନଙ୍କ ବିଜୟ ଅଭିଯାନ

ଭୁବନେଶ୍ୱର, ୧୩।୯
(କ୍ରୀଡ଼ା ପ୍ରତିନିଧି)

ଉଗାଣ୍ଡାର କାମ୍ପାଲାଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ୩ ଖେଳାଳି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

**ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**

ସେମାନେ ହେଲେ ଜି. ଦିଲେଶ୍ୱର ରାଓ, ନୁରୁଲ ହୋସେନ ଖାଁ ଓ ଅମରେନ୍ଦ୍ର ବେହେରା। ଅମରେନ୍ଦ୍ର ଓ ନୁରୁଲ ହୋସେନ ସିଙ୍ଗଲ୍ସରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଅମରେନ୍ଦ୍ର ଏସ୍ଏଲ୍-୩ ବର୍ଗର ପ୍ରଥମ ଗ୍ରୁପ୍ ମ୍ୟାଚରେ ଆଇଭରି କୋଷ୍ଟର ଡିଆଡା ଜନ ୟୁଭେସ ୟାଓଙ୍କୁ ୨୧-୧୨, ୨୧-୧୧ରେ ଏବଂ ନୁରୁଲ ହୋସେନ ଡବ୍ଲ୍ୟୁଏଚ୍-୨ ବର୍ଗରେ ଉଗାଣ୍ଡାର କେଭିନ ମୁବିରୁଙ୍କୁ ୨୧-୧, ୨୧-୩ରେ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ୩ ଜଣ ଯାକ ଖେଳାଳି ସିଙ୍ଗଲ୍ସ ସହିତ ଡବଲ୍‌ସରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବେ। ଡବଲ୍ସରେ ଶିବ କୁମାର ନବୀନଙ୍କୁ ନେଇ ଦିଲେଶ୍ୱର, ନୀରଜ କୁମାରଙ୍କୁ ନେଇ ନୁରୁଲ ହୋସେନ ଏବଂ ଅଭିଜିତ ସାଖୁଜାଙ୍କୁ ନେଇ ଅମରେନ୍ଦ୍ର ଖେଳିବେ।


ଅମରେନ୍ଦ୍ର ବେହେରା ଓ ନୁରୁଲ ହୋସେନ ଖାଁ।

# ମିଡିଲ ଓଭରରେ ଧିମା ବ୍ୟାଟିଂ ଦାୟୀ

ନୂଆଦିଲ୍ଲୀ, ୧୩।୯ (ପି.ଟି.)

ଏସିଆ କପ ଟି ୨୦ କ୍ରିକେଟ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ ସହିତ ସୁପର-୪ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଭାରତୀୟ ଦଳର ଏହି ବିଫଳତାକୁ ନେଇ ବିସିସିଆଇ ପକ୍ଷରୁ ଏକ ସମୀକ୍ଷା କରାଯାଇଥିଲା। ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହ ଓ ଜାତୀୟ ଚୟନ କମିଟିକୁ ନେଇ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଭାରତର ଖରାପ ପ୍ରଦର୍ଶନ ପାଇଁ ମିଡିଲ ଓଭର ବ୍ୟାଟିଂ ଦାୟୀ ବୋଲି ଏହି ବୈଠକ ପରେ କୁହାଯାଇଛି। ଆସନ୍ତା ଅକ୍ଟୋବର ୧୬ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପ ଓ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ପାଇଁ ସୋମବାର ଦଳ ଘୋଷଣା କରାଯାଇଥିଲା। ଦଳ ଘୋଷଣା ସହିତ ଗାଙ୍ଗୁଲି ଓ ଶାହା ଚୟନକର୍ତ୍ତାଙ୍କ ସହିତ ଏସିଆ କପ୍ ବିଫଳତାର ପୋଷ୍ଟମର୍ଟମ କରିଥିଲେ। ତେବେ କେବଳ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପରିବର୍ତ୍ତେ ଏହାର ସମାଧାନ ବାହାର କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଟି ୨୦ ବିଶ୍ୱକପରେ କେଉଁ ଦିଗରେ ଉନ୍ନତି ଆବଶ୍ୟକ

**ଏସିଆ କପ୍‌ରେ ଭାରତର ଖରାପ ପ୍ରଦର୍ଶନର ସମୀକ୍ଷା**

ତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଖରାପ ପ୍ରଦର୍ଶନର ଏକାଧିକ ଦିଗ ଉପରେ ଆଲୋଚନା କରାଯାଇଥିବା ବେଳେ ମିଡିଲ ଓଭରରେ ଭାରତର ଧୀମା ବ୍ୟାଟିଂ ପରାଜୟର ମୁଖ୍ୟକାରଣ ବୋଲି କୁହାଯାଇଛି। ଏହି ଦଳରେ ଅନେକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି ଯେଉଁମାନେ ପରିବର୍ତ୍ତିତ ପରସ୍ଥିତି ହିସାବରେ ଖାପଖୁଆଇ ଖେଳିପାରନ୍ତି। ଏସିଆ କପରେ ୭-୧୫ ଓଭର ମଧ୍ୟରେ ଭାରତୀୟ ଦଳ ଏହାର ସ୍କୋରିଂ ରେଟ ବଢାଇବାରେ ସମର୍ଥ ହେଉନଥିଲା। ରନର ପିଛା କରି ହେଉ କି ପ୍ରଥମେ ବ୍ୟାଟିଂ କରି ହେଉ ଏହି ସମୟରେ ହିଁ ଭାରତୀୟ ବ୍ୟାଟିଂ ବିଫଳ ହେଉଥିଲା। କେବଳ ଆଫଗାନିସ୍ତାନ ବିପକ୍ଷ ମ୍ୟାଚକୁ ବାଦ ଦେଲେ ଅନ୍ୟ ସମସ୍ତ ମ୍ୟାଚରେ ଭାରତୀୟ ବ୍ୟାଟ୍ସମ୍ୟାନ ଦ୍ରୁତ ରନ ସ୍କୋର କରିବାରେ ବିଫଳ ହୋଇଥିଲେ। ପାକିସ୍ତାନ ବିପକ୍ଷ ପ୍ରଥମ ମ୍ୟାଚରେ ଭାରତ ଉକ୍ତ ୯ ଓଭରରେ ୫୯ ରନ୍ କରି ୩ ଉଇକେଟ ହରାଇଥିଲା। ସେହିପରି ହଂକଂ ବିପକ୍ଷରେ ୬୨ ରନ୍ କରିଥିବା ବେଳେ ସୁପର୪ରେ ପାକିସ୍ତାନ ବିପକ୍ଷରେ ୧ ଉଇକେଟ ହରାଇ ୬୨ ରନ କରିଥିଲା। ଶ୍ରୀଲଙ୍କା ବିପକ୍ଷ ସୁପର ୪ ମୁକାବିଲାରେ ଭାରତ ୭୮ ରନ ସଂଗ୍ରହ କରିଥିଲା। ସ୍ପିନରଙ୍କୁ ଖେଳିବାରେ ଭାରତୀୟ ବ୍ୟାଟର ବିଫଳ ହୋଇଛନ୍ତି। ସେହିପରି ଟପ୍ ଅର୍ଡର ବ୍ୟାଟିଂ ମଧ୍ୟ ଆଶାନୁରୂପ ହୋଇ ପାରିନାହିଁ। ଟପ୍ ଅର୍ଡର ବିଫଳ ହେବା ଭାରତର ଖରାପ ପ୍ରଦର୍ଶନର ଆଉ ଏକ ମୁଖ୍ୟ କାରଣ।

ବିଚାର ହୋଇନି ସାମସନଙ୍କ ନାମ: ଟି ୨୦ ବିଶ୍ୱକପ ଦଳରୁ ଉଇକେଟ କିପର ସଞ୍ଜୁ ସାମସନ ବାଦ ପଡିବା ନେଇ ବେଶ ବାଦ ବିବାଦ ସୃଷ୍ଟି ହୋଇଛି। ଏପରିକି ଦଳ ଘୋଷଣା ପୂର୍ବରୁ ସଞ୍ଜୁ ଫେବରିଟ୍ ଥିବା ନେଇ ଆଲୋଚନା ହୋଇଥିଲା। ତେବେ ତାଙ୍କୁ ୧୫ ଜଣିଆ ଦଳ କିମ୍ବା ଷ୍ଟାଣ୍ଡବାଇ ଖେଳାଳିଙ୍କ ମଧ୍ୟରେ ସାମିଲ କରାଯାଇନଥିଲା। ଏହାର ସ୍ପଷ୍ଟୀକରଣ ଦେଇ ଜଣେ ବିସିସିଆଇ କର୍ମକର୍ତ୍ତା କହିଛନ୍ତି ସଞ୍ଜୁଙ୍କ ନାମ ବିଚାରକୁ ମଧ୍ୟ ନିଆଯାଇନଥିଲା। ଭାରତୀୟ ଟପ୍ ଅର୍ଡରରେ ପନ୍ତ ଏକମାତ୍ର ବାମହାତୀ ଖେଳାଳି ରହିଥିବା ବେଳେ ତାଙ୍କୁ ବାଦ ଦେବା ସମ୍ପର୍କରେ ଚିନ୍ତା ମଧ୍ୟ କରାଯାଇନଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ ପାଇଁ ସାମସନଙ୍କ ନାମ ବିଚାର କରାଯାଇପାରେ ବୋଲି ବିସିସିଆଇ ସୂତ୍ରରୁ ପ୍ରକାଶ।


ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ।



Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761, Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ